ଧରିତ୍ରୀ 51 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 1/2025 | Page 14 | ₹ 7.00
୫୧ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 216 | ମୂଲ୍ୟ₹୭/-



**କଲୋନେଲ୍ ଭୂମିକାରେ ଅନୁପମ୍**

ଅଭିନେତା ଅନୁପମ ଖେର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏଥିରେ ସେ କଲୋନେଲ୍ ଭୂମିକାରେ ନଜରକୁ ଆସିଛନ୍ତି।

୧୧

୧୪

**ଟିଆଫୋ ଦ୍ୱିତୀୟ ରାଉଣ୍ଡରେ**

ଆମେରିକାର ଫ୍ରାନ୍‌ସେସ୍ ଟିଆଫୋ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଘୋଷାରି ମାଡ଼

**ଅଭିଯୋଗ ଶୁଣାଣି ବେଳେ ଆକ୍ରମଣ**

- ୨୯ନଂ ୱାର୍ଡ କର୍ପୋରେଟରଙ୍କ ସମେତ ୩ ଗିରଫ
- କର୍ମଚାରୀଙ୍କ ଆନ୍ଦୋଳନରେ ସାମିଲ ବିଜେଡି ନେତାଙ୍କୁ ଉଠାଇ ନେଲା ପୋଲିସ
- ଜନପଥରେ ପୋଲିସ-ବିଜେଡି କର୍ମୀ ଧସ୍ତାଧସ୍ତି

**ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିବାବେଳେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ହୋଇଛି। ଏହାର ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ୨୯ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତଙ୍କ ସମେତ କେତେଜଣ ବ୍ୟକ୍ତି ବିଏମ୍‌ସି କାର୍ଯ୍ୟାଳୟ ମଧ୍ୟରେ ଅତିରିକ୍ତ କମିଶନର ସାହୁଙ୍କୁ ଘୋଷାରି ଆଣି ତଳେ ପକାଇ ମାଡ଼ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାକୁ ବିରୋଧ କରି ବିଏମ୍‌ସି କର୍ମଚାରୀମାନେ ପ୍ରଥମେ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ପରେ ବିଏମ୍‌ସି ସମ୍ମୁଖ ରାସ୍ତା ଉପରେ ବିକ୍ଷୋଭ କରିଥିଲେ। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ ରାଉତ, ରଶ୍ମି ମହାପାତ୍ର ଏବଂ ଦେବାଶିଷ ପ୍ରଧାନ। ୩ଜଣଙ୍କୁ ଗିରଫ ସତ୍ତ୍ୱେ କର୍ମଚାରୀଙ୍କ ରାସ୍ତାରୋକୋରେ ବିଜେଡିର ବହୁ ନେତା ସାମିଲ ହୋଇ ଆନ୍ଦୋଳନ କରିବାରୁ ସନ୍ଧ୍ୟାରେ ବାଣୀବିହାର-ମାଷ୍ଟର କ୍ୟାଣ୍ଟିନ୍ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ ହୋଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।**



ବିଏମ୍‌ସି କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ନେଇ ମାଡ଼ ମରାଯିବାର ଦୃଶ୍ୟ।

ଭୁବନେଶ୍ୱର, ୩୦।୬(ବନ୍ଦନା ସେଠୀ)

ବିଏମ୍‌ସିର ଅଭିଯୋଗ ଶୁଣାଣି ସୋମବାର ଚାଲିଥିଲା। କମିଶନର ନ ଥିବାରୁ ଅତିରିକ୍ତ କମିଶନର ରତ୍ନାକର ସାହୁ ଅଭିଯୋଗ ଶୁଣାଣି କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ବେଳକୁ ୱାର୍ଡ ନଂ. ୨୯ର କର୍ପୋରେଟର ଜୀବନ ରାଉତ ଏବଂ ତାଙ୍କ ସହିତ ୫ରୁ ୬ଜଣ ଯୁବକ ହଠାତ୍ ଅଭିଯୋଗ ପ୍ରକୋଷ୍ଠକୁ ପଶିଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ କମିଶନରଙ୍କୁ କର୍ପୋରେଟର ପ୍ରଶ୍ନ କରିଥିଲେ। ତେବେ ସେଭଳି କିଛି କରି ନ ଥିବା ରତ୍ନାକର କହିବାରୁ କର୍ପୋରେଟରଙ୍କ ସହ ଆସିଥିବା ବ୍ୟକ୍ତିମାନେ ଆକ୍ରମଣ କରିଥିଲେ। ରତ୍ନାକରଙ୍କ ଶାର୍ଟର କଲର ଧରି ଘୋଷାରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ତାଙ୍କ ଛାତିକୁ ଗୋଇଠା ମାରିବା ସହିତ ଲବିରୁ ଗେଟ୍ ପର୍ଯ୍ୟନ୍ତ ଘୋଷାରି ଘୋଷାରି ନେଇଯାଇଥିଲେ। ଏଥିସହ ତାଙ୍କୁ ଜବରଦସ୍ତି ଗାଡ଼ିରେ ବସାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ କର୍ପୋରେଟର ବିରଞ୍ଚି ମହାସୁପକାର, ମେୟର ସୁଲୋଚନା ଦାସଙ୍କ ପିଏସ୍‌ଓ ଏବଂ ଅନ୍ୟ କର୍ମଚାରୀମାନେ ଅତିରିକ୍ତ କମିଶନରଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ କମିଶନରଙ୍କ ଉପରେ ଏଭଳି ଆକ୍ରମଣକୁ ନେଇ ଅପ୍ରୀତିକର ପରିସ୍ଥିତି ହେବାରୁ ବିଏମ୍‌ସି କାର୍ଯ୍ୟାଳୟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଖୋଦ ସରକାରୀ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ପରେ ନିଜର ସୁରକ୍ଷା ଦାବି କରି ବିଏମ୍‌ସିର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ଖାରବେଳନଗର ଥାନାରେ ରତ୍ନାକର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା ୩୩୩, ୧୩୨, ୧୨୧(୧),୧୦୯, ୩୫୧(୨), ୬୨, ୧୪୦(୨), ୩୦୪, ୫୪, ୬୧(୨),୧୮୯(୨), ୧୯୦, ୩(୫)ରେ ଏକ ମାମଲା(ନଂ. ୨୮୦/୨୦୨୫) ରୁଜୁ କରି ୨୯ ନଂ. ୱାର୍ଡର କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲାଗିଛି। ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ମଙ୍ଗଳବାରଠାରୁ ସାମୂହିକ ଛୁଟିରେ ରହିବାକୁ ଚେତାବନୀ ଦିଆଯାଇଛି।

ଏନେଇ ଅତିରିକ୍ତ କମିଶନର ରତ୍ନାକର କହିଛନ୍ତି, କମିଶନରଙ୍କ ଅନୁପସ୍ଥିତିରେ ମୁଁ ଲୋକଙ୍କ ଅଭିଯୋଗ ଶୁଣୁଥିଲି। ଏହି ସମୟରେ କର୍ପୋରେଟର ଜୀବନଙ୍କ ସହ ୫ରୁ ୬ଜଣ ଯୁବକ ଚାମ୍ବରକୁ ଆସିଥିଲେ। ଜଗା ଭାଇଙ୍କୁ ଆପଣ କ'ଣ ପାଇଁ ଦୁର୍ବ୍ୟବହାର କଲେ ବୋଲି ପଚାରିଥିଲେ। ଏନେଇ କିଛି ଦୁର୍ବ୍ୟବହାର କରି ନ ଥିବା ମନା କରିବାରୁ ମତେ ମାଡ଼ ମାରି ଗାଡ଼ି ଭିତରକୁ ନେବାକୁ ଚେଷ୍ଟା କରିଥିଲେ। ସକାଳେ ଭାଜପାର ଜଗନ୍ନାଥ ପ୍ରଧାନଙ୍କ ସହ ଫୋନ୍‌ରେ କଥା ହୋଇଥିଲି। ଏକ ଘଟଣାର ତଦନ୍ତ ରିପୋର୍ଟ ଦେଲ ନା ନାହିଁ ବୋଲି ଜଗନ୍ନାଥବାବୁ ପଚାରିଥିଲେ। ସବୁକିଛି ସାଧାରଣ ଥିଲା। ଯେଉଁମାନେ ଆସିକି ଏଭଳି ଦୁର୍ବ୍ୟବହାର କଲେ ସେମାନଙ୍କୁ ମୁଁ ଜାଣିନାହିଁ ବୋଲି ରତ୍ନାକର କହିଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୨)

# ଆଜିଠୁ ରେଳଯାତ୍ରୀ ଦେବେ ବର୍ଦ୍ଧିତ ଭଡ଼ା

**ସାଧାରଣ ଶ୍ରେଣୀ ପାଇଁ ୫୦୦ କିମି ପର୍ଯ୍ୟନ୍ତ ଲାଗୁ ହେବ ନାହିଁ**

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଭାରତୀୟ ରେଳ ପକ୍ଷରୁ କେତେକ କ୍ଷେତ୍ରରେ ଯାତ୍ରୀଭଡ଼ା ବୃଦ୍ଧି କରାଯାଇଛି। ଏହି ଭଡ଼ା ମଙ୍ଗଳବାରଠାରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ହୋଇ ନ ଥିବାବେଳେ ୫୦୧ରୁ ୧୫୦୦ କି.ମି. ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କି.ମି. ପର୍ଯ୍ୟନ୍ତ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ଯାତ୍ରୀସେବାର ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ଏହି ଭଡ଼ା ବୃଦ୍ଧି କରିଥିବା କୁହାଯାଇଛି। ସଂଶୋଧିତ ଭଡ଼ା ଭାରତୀୟ ରେଳ ସମ୍ମିଳନୀ ସଂଘ (ଆଇଆର୍‌ସିଏ) ଦ୍ୱାରା ଜାରି କରାଯାଇଥିବା ଅପ୍‌ଡେଟ୍ ଯାତ୍ରୀବାହୀ ଭଡ଼ା ସାରଣୀ ଉପରେ ଆଧାରିତ। ସାଧାରଣ ଅଣ-ଏସି ଶ୍ରେଣୀ (ଅଣ-ଉପନଗର ଟ୍ରେନ)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କିଲୋମିଟରରେ ଅଧା ପଇସା ବୃଦ୍ଧି କରାଯାଇଛି। ଏହି ସର୍ତ୍ତ ଉପରେ ୫୦୦ କିଲୋମିଟର ପର୍ଯ୍ୟନ୍ତ କୌଣସି ବୃଦ୍ଧି ହୋଇନାହିଁ। ୫୦୧ ରୁ ୧୫୦୦ କି.ମି. ପାଇଁ ୫ ଟଙ୍କା, ୧୫୦୧ରୁ ୨୫୦୦ କିମି ପାଇଁ ୧୦ ଟଙ୍କା ଓ ୨୫୦୧ରୁ ୩୦୦୦ କିଲୋମିଟର ଦୂରତା ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ସ୍ଲିପର କ୍ଲାସ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୦.୫ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ୦.୫ ପଇସା ବୃଦ୍ଧି କରାଯାଇଛି। ମେଲ/ଏକ୍ସପ୍ରେସ ଟ୍ରେନ (ନନ୍-ଏସି)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀ, ସ୍ଲିପର କ୍ଲାସ ଯାତ୍ରୀ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୧ ପଇସା ଲେଖାଏଁ ବୃଦ୍ଧି କରାଯାଇଛି। ଏସି ଶ୍ରେଣୀ (ମେଲ/ଏକ୍ସପ୍ରେସ ଟ୍ରେନ) କ୍ଷେତ୍ରରେ ଏସି ଚେୟାର କାର୍, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର ଏବଂ ☞ପୃଷ୍ଠା-୪

# ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଛୁରି ଭୁସି ପୁଅକୁ ହତ୍ୟା

ନୂଆଦିଲ୍ଲୀ, ୩୦।୬

ଦିଲ୍ଲୀର ସାଗରପୁର ଅଞ୍ଚଳରେ ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଏ. ରଏ (୪୦) ନାମକ ଜଣେ ବ୍ୟକ୍ତି ରବିବାର ନିଜ ୧୦ ବର୍ଷର ପୁଅକୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ଗୁରୁତର ଅବସ୍ଥାରେ ରଏଙ୍କ ପୁଅକୁ ସ୍ଥାନୀୟ ଦାଦା ଦେବ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତା'ର ମୃତ୍ୟୁ ଘଟିଛି। ସୋମବାର ଅଭିଯୁକ୍ତ ରଏଙ୍କୁ ପୋଲିସ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରଏ ନିଜ ୪ ପୁଅଙ୍କ ସହ ସାଗରପୁର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। କିଛି ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ମୃତ ବାଳକ ଜଣଙ୍କ ତାଙ୍କ ତୃତୀୟ ପୁଅ ହୋଇଥିବା ଜଣାପଡ଼ିଛି। ଶନିବାର ବର୍ଷାରେ ଖେଳିବାକୁ ପୁଅ ବାରମ୍ବାର ଜିଦ୍ କରିବାରୁ ରଏ ରାଗିଯାଇଥିଲେ ଏବଂ ରୋଷେଇ ଘରୁ ଏକ ଛୁରି ଆଣି ପୁଅର ଛାତିରେ ଭୁସି ଦେଇଥିଲେ।

**ଆଜିର ସମ୍ପାଦକୀୟ** | ଜନ ଓ ଗଣନା

# ୩ ମାସରେ ଇ-କେୱାଇସି ନ କଲେ ରାଶନ କାର୍ଡ ଅଚଳ

ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)

- ୨୦.୫୮ ଲକ୍ଷ ହିତାଧିକାରୀ କରିନାହାନ୍ତି ଇ-କେୱାଇସି
- ଏଣିକି ଏମାନଙ୍କୁ ମିଳିବନି ଚାଉଳ

ରାଶନ କାର୍ଡର ଇ-କେୱାଇସି ପ୍ରକ୍ରିୟା ଲାଗି କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସମୟ ସୋମବାର ଶେଷ ହୋଇଛି। ଇ-କେୱାଇସି କରି ନ ଥିବା ହିତାଧିକାରୀଙ୍କୁ ଚଳିତମାସଠାରୁ ଚାଉଳ ମିଳିବ ନାହିଁ। ଏଥିସହ ସେମାନଙ୍କ ରାଶନ କାର୍ଡ ୩ ମାସ ଲାଗି ଅଚଳ ହୋଇଯିବ। ପୁଣି ୩ ମାସ ଭିତରେ ଇ-କେୱାଇସି କରିଲେ କାର୍ଡ ପୁନଃ ସଚଳ ହେବ। ନ ହେଲେ ତାହା ସମ୍ପୂର୍ଣ୍ଣ କଟିଯିବ। ଏ ପର୍ଯ୍ୟନ୍ତ ୨୦ ଲକ୍ଷ ୫୮ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଆସିବା ପରେ ଭୂତ ହିତାଧିକାରୀ ଚିହ୍ନଟ ଆରମ୍ଭ କରିଦେଇଛନ୍ତି। କିଛି ମାସ ମଧ୍ୟରେ ରାଜ୍ୟର ବହୁ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ରାଶନ କାର୍ଡ ମଧ୍ୟ କାଟିଦିଆଯାଇଛି। ବହୁ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ରାଶନ କାର୍ଡ ଫେରାଇ ଦେଇଥିବା ଖବର ମଧ୍ୟ କିଛିଦିନ ତଳେ ମନ୍ତ୍ରୀ କହିଥିଲେ।

# ବିମାନ ଟିକେଟ ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୮ କାର୍ ଚୋରି

ବେଜିଂ, ୩୦।୬



ବିମାନ ଟିକେଟ ମହଙ୍ଗା ହୋଇଥିବାରୁ ଉତ୍ତର-ପୂର୍ବ ଚାଇନାର ଲିଆଓନିଂ ପ୍ରଦେଶର ଚେନ୍ ନାମକ ଜଣେ ବ୍ୟକ୍ତି ନିଜ ଘରକୁ ଫେରିବା ପାଇଁ ୮ଟି କାର୍ ଚୋରି କରିଛନ୍ତି। ଗତ ମେ' ୩୧ରେ ଘରକୁ ଫେରିବା ସେ ପାଇଁ ୧୫୦୦ ୟୁଆନ୍ (ପ୍ରାୟ ୧୮ ହଜାର ଟଙ୍କା) ମୂଲ୍ୟର ଏକ ବିମାନ ଟିକେଟ କିଣିଥିଲେ। ତେବେ ଅତ୍ୟଧିକ ମହଙ୍ଗା ହୋଇଥିବାରୁ ସେ ଏହି ଟିକେଟକୁ ପରେ ବାତିଲ କରିଦେଇଥିଲେ। ତାଙ୍କୁ ମଧ୍ୟ ଚାଇନାର ହୁନାନ୍ ପ୍ରଦେଶର ଚାଙ୍ଗସାରୁ ଲିଆଓନିଂ ପ୍ରଦେଶରେ ଥିବା ନିଜ ଘରକୁ ଯିବାର ଥିଲା। ପୂର୍ବରୁ ଜଣେ ଗାଡ଼ି ଚୋର ହୋଇଥିବାରୁ କାର୍ ଚୋରି କରି ଘରେ ପହଞ୍ଚିବାକୁ ସେ ନିଷ୍ପତ୍ତି ନେଇଥିଲେ। ଚେନ୍ ରାତିରେ ବିଭିନ୍ନ କାର୍ ଡିଲରଶିପ୍‌ରେ ପ୍ରବେଶ କରୁଥିଲେ ଏବଂ କୌଶଳର ସହ କ୍ୟାବିନେଟରୁ ଚାବି ନେଇ ସର୍ଭିସିଂ ପାଇଁ ଅପେକ୍ଷାରେ ଥିବା ଗାଡ଼ିଗୁଡ଼ିକୁ ଚୋରି କରୁଥିଲେ। ଘରକୁ ଫେରିବା ପାଇଁ ସେ ୧ ନିୟୁତ ୟୁଆନ୍ (ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା) ମୂଲ୍ୟର ୮ଟି କାର୍ ଚୋରି କରିଥିଲେ ଏବଂ ଉକ୍ତ କାର୍‌ଗୁଡ଼ିକ ଯୋଗେ ୭ଟି ସହର ଦେଇ ଯାତ୍ରା କରିଥିଲେ। ପ୍ରତ୍ୟେକ ଥର ଇନ୍ଧନ ସରିଯିବା ପରେ ସେ ଚଳାଉଥିବା କାର୍‌କୁ ରଖିଦେଇ ଆଉ ଏକ କାର୍ ଚୋରି କରୁଥିଲେ। ସେହିପରି ଚେନ୍ ନିଜର ଭୋଜନ ଏବଂ ରାସ୍ତାର ଟୋଲ୍ ଦେବା ପାଇଁ ଗାଡ଼ିରେ ଥିବା ବିଭିନ୍ନ ମୂଲ୍ୟବାନ ଜିନିଷପତ୍ର ମଧ୍ୟ ଚୋରି କରିଥିଲେ। ୧୪ ଘଣ୍ଟାରୁ ଅଧିକ ସମୟ ଧରି ଯାତ୍ରା କରିବା ପରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଗତ ମାସ ୪ ତାରିଖରେ ଚାଇନାର ଶିଜିଆଜୁଆଙ୍ଗ୍ ସହରରେ ଥିବା ହେବେଇ କାର୍ ପାର୍କିଂ ସ୍ଥଳରେ ଏକ ଚୋରି କାର୍ ମଧ୍ୟରେ ଶୋଇଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେ ଚୋରି କରିଥିବା ସମସ୍ତ ୮ଟି କାର୍‌କୁ ପୋଲିସ ଜବତ କରିଛି। ଏବେ ଚେନ୍ ପୋଲିସ ହାଜତରେ ରହିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଚାଇନାରେ କାର୍ ଚୋରି ପରି ଅପରାଧ ପାଇଁ ଦୋଷୀଙ୍କୁ ୧୦ ବର୍ଷରୁ ଅଧିକ ଜେଲ ଏବଂ ଜରିମାନାର ବ୍ୟବସ୍ଥା ରହିଛି।



ପ୍ରବଳ ବର୍ଷା ଯୋଗୁ ଶିମିଳିପାଳ ଜାତୀୟ ଉଦ୍ୟାନର କାଳିକାପ୍ରସାଦ-ଗୁଡୁଗୁଡ଼ିଆ ମୁଖ୍ୟ ରାସ୍ତାର ମହୁଭଣ୍ଡାର ଗ୍ରାମ ନିକଟରେ ହୋଇଥିବା ଭୂସ୍ଖଳନ।

# ଶିମିଳିପାଳରେ ଭୂସ୍ଖଳନ

ବାରିପଦା,୩୦।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଭୂସ୍ଖଳନ ହୋଇଛି। ଫଳରେ ୩ ପଞ୍ଚାୟତ ଗୁଡୁଗୁଡ଼ିଆ, ଅସ୍ତକୁଅଁର ଓ ବରେହିପାଣିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ମୁଖ୍ୟ ରାସ୍ତାର ଗୁଡୁଗୁଡ଼ିଆ ଓ କାଳିକାପ୍ରସାଦ ଅଞ୍ଚଳକୁ ଚାରିଚକିଆ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ଦୁଇଚକିଆ ଯାନକୁ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ସେହିପରି ଜରୁରିକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଦମକଳବାହିନୀ ଓ ରାତ୍ରିଯାପନ କରିଥିବା ପର୍ଯ୍ୟଟକମାନଙ୍କୁ ଚହଲା ରାସ୍ତା ଦେଇ ଯଶୀପୁର ପଟେ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ମରାମତି କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୧୨ଘଣ୍ଟା ମଧ୍ୟରେ ଶିମିଳିପାଳର ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ମୋଟ ବର୍ଷାର ପରିମାଣ ୪୩୨.୬୦ମିମି ଥିବା ବେଳେ ଏହା ହାରାହାରି ଭାବେ ୨୪.୦୩ମିମି ରେକର୍ଡ କରାଯାଇଛି। ବର୍ଷା ଛାଡିବା ପରେ ରାସ୍ତାର ମରାମତି କରାଯାଇ ଯାତାୟାତ ସ୍ୱାଭାବିକ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

# ରାଜଧାନୀରେ ହାଇ ଟେନ୍‌ସନ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସରେ ସୋମବାର କେତେଜଣ ଯୁବକ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ କରିଛନ୍ତି। ସର୍ବସମ୍ମୁଖରେ ତାଙ୍କୁ ଘୋଷାରି ଗୋଇଠା ବିଧା ମାରିବା ସହ ଅପମାନିତ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ବେଳେ ବିଏମ୍‌ସି ଅଫିସରେ ଅଭିଯୁକ୍ତମାନେ ଏହି କାଣ୍ଡ ଭିଆଇଛନ୍ତି। ଏହି ଘଟଣାକୁ ନେଇ ରାଜଧାନୀରେ ହାଇ ଟେନ୍‌ସନ୍ ଦେଖିବାକୁ ମିଳିଛି। ଘଟଣାର ପ୍ରତିବାଦରେ ବିଏମ୍‌ସି କର୍ମଚାରୀ ଧାରଣା ଦେଇଥିବାବେଳେ ସେମାନଙ୍କ ସହ ସାମିଲ ହୋଇଥିଲେ ବିଜେଡି ନେତା ଓ କର୍ପୋରେଟର। ଫଳରେ ସହରର ସବୁଠାରୁ ବ୍ୟସ୍ତବହୁଳ ରାସ୍ତା ଜନପଥ ଆନ୍ଦୋଳନକାରୀଙ୍କ ଦ୍ୱାରା ଜାମ୍ ହୋଇପଡ଼ିଥିଲା। ଏଥିଯୋଗୁ ଲୋକେ ରାସ୍ତାରେ ଫସି ରହି ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି। ଆକ୍ରମଣ ଘଟଣାରେ ଓଏଏସ୍, ଆଇଏଏସ୍, ଆଇଏଫଏସ୍, ଓଏଫଏସ୍ ସଂଘ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ରାଜ୍ୟର ଭାଜପା ସରକାରକୁ ଦାୟୀ କରି କ୍ଷୋଭ ପ୍ରକାଶ କରିଛନ୍ତି। ଗତବର୍ଷ ରଥଯାତ୍ରା ସମୟରେ ପୁରୀ ରାଜଭବନରେ କର୍ତ୍ତବ୍ୟରତ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ତତ୍କାଳୀନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ମାଡ଼ ମାରିବା ଘଟଣାରେ ଭାଜପା ସରକାରଙ୍କୁ ବିରୋଧୀ ଘେରିଥିଲେ। ଚଳିତବର୍ଷ ଏହି ସମୟରେ ଓଏଏସ୍ ଅଧିକାରୀ ରତ୍ନାକରଙ୍କୁ ଆକ୍ରମଣ କରାଯାଇଛି। ଏହାକୁ ନେଇ ସୋସିଆଲ ମିଡିଆ ଏବଂ ବିରୋଧୀ ଦଳ ନେତାମାନେ ନାନା ସମାଲୋଚନା କରିଛନ୍ତି।

**ଗତବର୍ଷର ଏଏସ୍‌ଓ ମାଡ଼ ଘଟଣା ପୁଣି ଚର୍ଚ୍ଚାରେ**

## ସ୍ୱଚ୍ଛସାଥୀ ଇନ୍‌କ୍ୱାରି ରିପୋର୍ଟକୁ ନେଇ ଆକ୍ରମଣ



ୱାର୍ଡ ନଂ. ୩୪ରେ ସ୍ୱଚ୍ଛସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରମାନେ ଠିକ୍ ଭାବେ କାମ କରୁ ନ ଥିବା ନେଇ ସ୍ଥାନୀୟ କର୍ପୋରେଟର ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଘଟଣାର ତଦନ୍ତ କରି ରତ୍ନାକର ବିଏମ୍‌ସି କମିଶନରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ସୋମବାର ସକାଳୁ ଜଗନ୍ନାଥ ପ୍ରଧାନ ତାଙ୍କୁ ଫୋନ୍‌କରି ଏନେଇ ପଚାରିବା ସହ ତଦନ୍ତ କିଭଳି କରାଗଲା ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ତଦନ୍ତ ରିପୋର୍ଟ କମିଶନରଙ୍କୁ ପ୍ରଦାନ କରିଥିବା ନେଇ ରତ୍ନାକର ସୂଚନା ଦେଇଥିଲେ। ଏହାପରେ ସବୁକିଛି ସ୍ୱାଭାବିକ ଭାବେ ଚାଲିଥିବାବେଳେ ଅଭିଯୋଗ ଶୁଣାଣି ସମୟରେ କର୍ପୋରେଟର ଜୀବନ ରାଉତଙ୍କ ସମେତ କେତେଜଣ ବ୍ୟକ୍ତି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ କରିଥିଲେ।

## ହତ୍ୟା ଉଦ୍ୟମ ଦଫାରେ କର୍ପୋରେଟରଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରତ୍ନାକର ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ହତ୍ୟା ଉଦ୍ୟମ ଏବଂ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପୋଲିସ ଏକ ମାମଲା (ନଂ.୨୮୦/୨୦୨୫) ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୨୯ ନଂ. ୱାର୍ଡର କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନ। ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଯାଞ୍ଚ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।





ବିଜେଡି ମେୟର ଏବଂ ଅନ୍ୟ ନେତାଙ୍କୁ ପୋଲିସ ଭ୍ୟାନରେ ବସାଇ ନେଉଛି।

## ମୁଖ୍ୟମନ୍ତ୍ରୀଙ୍କ ସହ ଓଏଏସ୍ ସଂଘର ବୈଠକ

- *ଦଳଗତ ନିର୍ବିଶେଷରେ ଦୋଷୀଙ୍କୁ ଛାଡ଼ି ଦିଆଯିବ ନାହିଁ: ମୁଖ୍ୟମନ୍ତ୍ରୀ*
- *୩ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ : ସଭାପତି*
- *ଆଇଏଏସ୍ ସଂଘର ନିନ୍ଦା*
- *କର୍ତ୍ତବ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦାବି*



ଭୁବନେଶ୍ୱର, ୩୦।୬ (ରବିନାରାୟଣ ଜେନା): ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୀବ୍ର ନିନ୍ଦା କରିଛନ୍ତି ବୋଲି ଓଏଏସ୍ ସଂଘର ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି। ମିଶ୍ର କହିଛନ୍ତି, ବିଏମ୍‌ସି ଘଟଣାକୁ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି। ଏହି ଘଟଣା ପଛରେ ଦଳମତ ନିର୍ବିଶେଷରେ ଯିଏ ବି ଦୋଷୀ ଥିବ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୨/୩ ଦିନ ମଧ୍ୟରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶାସନା ଦେଇଛନ୍ତି। ୩ ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଏଏସ୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ସେଥିପାଇଁ ଯାହା ପରିସ୍ଥିତି ହେବ ସରକାର ଦାୟୀ ରହିବେ। ବୈଠକରେ ମୁଖ୍ୟ ଶାସନ ସଚିବ ଓ ସଂଘର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆଇଏଏସ ସଂଘ ପକ୍ଷରୁ ସମ୍ପାଦକ ଉଷା ପାଢ଼ୀ ଓ କୋଷାଧକ୍ଷ ଆର୍ ସନ୍ଥ ଗୋପାଳନ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଏକ ଲିଖିତ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ସଭାପତି ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହିତ ସାଧାରଣ ସମ୍ପାଦକ ବିଜୟ କୁମାର ସ୍ୱାଇଁ ଦର୍ଶାଇଛନ୍ତି ଯେ, ଗତ ଏକବର୍ଷ ଧରି ଓଏଏସ୍ ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ନିର୍ଯାତିତ ହେଉଛନ୍ତି। ଅନେକ ସମୟରେ ମାନସିକ ଚାପ ଦିଆଯାଉଥିବାବେଳେ ମରଣାନ୍ତକ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି, ଯାହାକି ଅଗଣତାନ୍ତ୍ରିକ। ଏହାକୁ ଦୃଷ୍ଟିରେ ରଖି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ଅଧିକାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଯୋଗାଇବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।



ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ କର୍ମଚାରୀଙ୍କ ଆନ୍ଦୋଳନରେ ବିଜେଡି କର୍ପୋରେଟର, ମେୟର ଏବଂ ନେତା।

## ଧାରଣା ଦେଲେ ଅଧିକାରୀ, ବିଜେଡି କର୍ପୋରେଟର

ଭୁବନେଶ୍ୱର, ୩୦।୬ (ବନ୍ଦନା ସେଠୀ)

ବିଏମ୍‌ସିରେ ଅଭିଯୋଗ ଶୁଣାଣିବେଳେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ମାଡ଼ ମାରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଅପରାହ୍ନ ୫ଟାରୁ ବିଏମ୍‌ସିର ଓଏଏସ୍ ଅଫିସର ଏବଂ ବିଜେଡି କର୍ପୋରେଟରମାନେ ଧାରଣାକୁ ଓହ୍ଲାଇଥିଲେ। ଓଏଏସ୍ ଅଫିସରମାନେ ବିଏମ୍‌ସି ଭିତରେ କାର୍ଯ୍ୟବନ୍ଦ କରି ଧାରଣା ଦେଇଥିବାବେଳେ, ବିଜେଡି କର୍ପୋରେଟରମାନେ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କ ଗିରଫଦାରି ସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁସୁଡ଼ି ପଡ଼ିଥିବା ନେଇ ଅଭିଯୋଗ କରିଥିଲେ। ରାସ୍ତାରୋକୋରେ ବିଜେଡିର ବହୁ ନେତା ସାମିଲ ହୋଇ ଆନ୍ଦୋଳନ କରିବାରୁ ସନ୍ଧ୍ୟାରେ ବାଣୀବିହାର-ମାଷ୍ଟର କ୍ୟାଣ୍ଟିନ୍ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ ହୋଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକପଣ୍ଡା, ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେଇଥିଲା।

**ବିଜେଡି ନେତାଙ୍କୁ ଉଠାଇ ନେଲା ପୋଲିସ**

## ଜନପଥ ଜାମ: ଘଣ୍ଟାଏରୁ ଊର୍ଦ୍ଧ୍ୱ ଫସିଲେ ଲୋକେ



## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ



ବିଏମ୍‌ସି କାର୍ଯ୍ୟାଳୟରେ ପଶି ଜଣେ ଅଧିକାରୀଙ୍କୁ ମାଡ଼ ମରାଯିବା ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଅଭିଯୁକ୍ତଙ୍କ ପଛରେ ଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହିତ ଆକ୍ରମଣ ପଛରେ ଥିବା ରାଜନେତାଙ୍କ ଉପରେ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ଦାବି କରିଛନ୍ତି। ଯେଉଁଠି ବରିଷ୍ଠ ଅଧିକାରୀ କାର୍ଯ୍ୟାଳୟରେ ସୁରକ୍ଷିତ ନୁହନ୍ତି, ସେଠାରେ ସାଧାରଣ ନାଗରିକ ସରକାରଙ୍କଠୁ କ'ଣ ଆଶା କରିବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

## ଘଟଣାର ନିନ୍ଦା କଲେ ମେୟର



ଅତିରିକ୍ତ କମିଶନର ରତ୍ନାକର ସାହୁ ଆକ୍ରମଣକୁ ନେଇ ନିନ୍ଦା କରିବା ସହିତ ଏହା ଦୁର୍ଭାଗ୍ୟ ଜନକ କଥା ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ବିଏମ୍‌ସି କାର୍ଯ୍ୟାଳୟରେ ପଶି ୫ଜଣ ଯୁବକ ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ସହିତ ଘୋଷାରି ଘୋଷାରି ନେବା ଘଟଣାରୁ ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା କିପରି ରହିଛି ତାହା ସ୍ୱଷ୍ଟ ହୋଇଛି। ଯେଉଁଭଳି ଅମାନୁଷିକ ଭାବେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରାଯାଇଛି, ଏଥିରୁ ରାଜଧାନୀରେ ସଭିଏଁ ଅସୁରକ୍ଷିତ ମନେକରିବେ। ଅଭିଯୋଗ ଶୁଣାଣିରେ ୧୦୦ରୁ ଅଧିକ ଲୋକ ଥିଲେ। ସିସିଟିଭି ଫୁଟେଜରେ ଆକ୍ରମଣକାରୀଙ୍କ ଦୃଶ୍ୟ ରହିଛି। ଏହି ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହିତ ଗନ୍‌ମ୍ୟାନ ନିୟୋଜିତ ହେବା ଆବଶ୍ୟକ ବୋଲି ମେୟର କହିଛନ୍ତି।

## ଭାଜପା କିମ୍ବା ସରକାର ଏପରି ବିଚାରଧାରା ସହ ସଂଶ୍ଳିଷ୍ଟ ନୁହନ୍ତି: ଅପରାଜିତା



ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ବୋଲି କହିଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟି(ଭାଜପା) କିମ୍ବା ରାଜ୍ୟ ସରକାର ଏପରି କାର୍ଯ୍ୟ ଏବଂ ବିଚାରଧାରା ସହ କୌଣସି ରୂପେ ସଂଶ୍ଳିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତାନ୍ତ ଆବଶ୍ୟକ। ସେହିପରି କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଇଥିଲେ। ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ ବୋଲି ଅପରାଜିତା କହିଛନ୍ତି।

## ମୁହଁ ଖୋଲିଲେ ଜଗନ୍ନାଥ



ଅତିରିକ୍ତ କମିଶନରଙ୍କୁ ମାଡ଼ ମରାଯିବା ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଭାଜପା ନେତା ଜଗନ୍ନାଥ ପ୍ରଧାନ। ଘଟଣାକୁ ନିନ୍ଦା କରିବା ସହିତ ଏଭଳି ଘଟଣା ଆଦୌ ଘଟିବା କଥା ନୁହେଁ ବୋଲି ସେ କହିଛନ୍ତି। ତେବେ କେଉଁ କାରଣରୁ ଏଭଳି ଘଟଣା ଘଟିଛି, ସେ ନେଇ ତର୍ଜମା କରାଯାଉଥିବା ସୂଚନା ଦେଇଛନ୍ତି। କର୍ପୋରେଟର ଜୀବନ ବିଏମ୍‌ସି କାର୍ଯ୍ୟାଳୟକୁ କୌଣସି ସମସ୍ୟା ନେଇ ଯାଇଥିଲେ ଏବଂ ଉକ୍ତ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ଗୋଟିଏ ହାତରେ ତାଳି ବାଜେନି। ଏଭଳି ଅଘଟଣ ଘଟି ଯାଇଥିବାରୁ ଆମକୁ କେବଳ ଗୋଟିଏ ପକ୍ଷ ଦେଖାଯାଉଛି। ତେବେ କାହିଁକି ଏତେବଡ଼ ଘଟଣା ଘଟିଗଲା ତାହାର ସତ୍ୟାସତ୍ୟ ଖୋଜା ଚାଲିଛି ବୋଲି ଜଗନ୍ନାଥ କହିଛନ୍ତି।

## ବିଏମ୍‌ସି ଗଣ୍ଡଗୋଳରେ ଆମେ ପଶିବା ଉଚିତ୍ ନୁହେଁ



ଏହା ବିଏମ୍‌ସିର ଗଣ୍ଡଗୋଳ। ଏହାର ସମାଧାନ କରିବାକୁ ବିଏମ୍‌ସିର ମେୟର, କମିଶନର ଅଛନ୍ତି। ସେହିପରି ପୋଲିସ ଘଟଣାର ତଦନ୍ତ କରୁଛି। ସେହିପରି ଦୁଇପଟୁ ମାମାଲା ହୋଇଛି। ପୋଲିସଙ୍କୁ କେହି ହାତ ବାରିସି କରି ନାହାନ୍ତି। ପୋଲିସ ନିଜ ଢଙ୍ଗରେ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବ। ଏଥିରେ ଆମେ କେହି ପଶିବା ଉଚିତ୍ ନୁହେଁ ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ସେହିପରି କେହି କଜଳପାତିଆ ଭଦ୍ରଲୋକ ସାଜି ଅଯଥାରେ ରାଜନୀତି ନ କରନ୍ତୁ ବୋଲି ବାବୁ କହିଛନ୍ତି।

## ବିଶୃଙ୍ଖଳାର ଚରମସୀମାରେ ରାଜ୍ୟ: ଭକ୍ତ



ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ଭାଜପା କର୍ମୀମାନେ ଯେଭଳି ଭାବେ କାର୍ଯ୍ୟାଳୟ ପରିସର ଭିତରେ ପଶି ଅତର୍କିତ ଆକ୍ରମଣ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ କହିଛନ୍ତି, ପୂର୍ବରୁ କଂଗ୍ରେସ ପକ୍ଷରୁ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଯାଇଥିବାବେଳେ ଏବେ ରଥଯାତ୍ରାରେ ଅଘଟଣ ଘଟିବା ଏବଂ ତିନିଜଣ ଭକ୍ତଙ୍କ ମୃତ୍ୟୁ ହେବା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଏହି ସମୟ ମଧ୍ୟରେ ସୋମବାର ଜଣେ ବରିଷ୍ଠ ଅଧିକାରୀଙ୍କୁ ବିଏମ୍‌ସି କାର୍ଯ୍ୟାଳୟ ମଧରେ ଭାଜପା କର୍ମକର୍ତ୍ତାମାନେ ମାଡ଼ମାରି ଲହୁଲୁହାଣ କରିବା ସରକାରଙ୍କ ଅପାରଗତା ତଥା ବିଶୃଙ୍ଖଳାର ଚରମସୀମାକୁ ପ୍ରମାଣିତ କରୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି, ଯାହାକି ରାଜଧାନୀରେ ଘଟିଥିବା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ କଠୋର ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭକ୍ତ କହିଛନ୍ତି।





ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ମାରିବା ଘଟଣା ପରେ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବା ଅଧିକାରୀ ଏବଂ କର୍ମଚାରୀ ।

# ସୁବର୍ଣ୍ଣରେଖା ସ୍ଥିତି ଗମ୍ଭୀର

## ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ



ବାଲିଆପାଳ ବ୍ଲକ ଚୌଧୁରୀକୁଦ ଗ୍ରାମର କେତେଜଣ ଲୋକ ବଜାରକୁ ଆସିବା ଲାଗି ବୋଟ୍‌କୁ ଅପେକ୍ଷା କରି ରହିଛନ୍ତି।

ଭୋଗରାଇ,୩୦।୬(ପ୍ରଦୀପ ଦାସ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସୁବର୍ଣ୍ଣରେଖା ଉପରମୁଣ୍ଡ ଓ ନିମ୍ନ ଅବବାହିକାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି। ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ଥିବା ଚାନ୍ଦିଲି ଡ୍ୟାମ ସହିତ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ବନ୍ୟାଜଳ ବୃଦ୍ଧିପାଇଛି। ରବିବାର ବିଳମ୍ବିତ ରାତିରେ ରାଜଘାଟ ଗେଜଠାରେ ବିପଦସଂକେତ ୧୦.୩୬ ମିଟର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇ ୨ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଗାଁର ସ୍ଥିତିକୁ ବିଗାଡି ଦେଇଛି। ସୋମବାର ପୂର୍ବାହ୍ଣ ୧୦ଟା ସୁଦ୍ଧା ୧୧.୫୬ମିଟରରେ ବନ୍ୟା ପାଣି ସ୍ଥିର ରହି ଅପରାହ୍ଣ ୩ଟାରେ ପାଣି ଧୀରେ ଧୀରେ କମୁଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି।

ସପ୍ତାହେ ପରେ ସୁବର୍ଣ୍ଣରେଖାରେ ପୁଣି ଏକ ବନ୍ୟା ଜନଜୀବନକୁ ଦୁର୍ବିଷହ କରିଥିବା ବେଳେ ଉତ୍ତର ବାଲେଶ୍ୱରର ୪ ବ୍ଲକର ଶତାଧିକ ଗାଁର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି। ଭୋଗରାଇ ବ୍ଲକର ୧୬, ବାଲିଆପାଳ ବ୍ଲକର ୧୨, ଜଳେଶ୍ୱର ବ୍ଲକ ୧୨, ବସ୍ତା ବ୍ଲକର ୬ ପଞ୍ଚାୟତ ସହିତ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ସାରସକଣା ପଞ୍ଚାୟତ ଲୋକେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଭୋଗରାଇ ବ୍ଲକର ମନ୍ନୁନଗର, କୁହ୍ଣା, କୁମ୍ଭୀରଗ ମାଟିଖଣା, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁଟିରକୁଳା, ନୀଳପୁରା ଆଦି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଆପାଳ ବ୍ଲକର ବଡାପାଳ, କୁଦମାନସିଂ, ବିଷ୍ଣୁପୁର, କୁହ୍ଲାଚଢ଼ ଆଦି ଗାଁଗୁଡିକ ଜଳବନ୍ଦୀ ହୋଇଛନ୍ତି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ପାଇଁ ଡଙ୍ଗା ଏକମାତ୍ର ସାହାରା ପାଲଟିଛି। ବନ୍ୟାଞ୍ଚଳର ମୁଖ୍ୟ ରାସ୍ତାଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି। ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାପାଣି ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି। ଆରଡିସି ବି. ପରମେଶ୍ୱର, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ୍(ସାଧାରଣ) ସୁଧାକର ନାୟକ, ଏଡିଏମ (ରାଜସ୍ୱ) ହେମନ୍ତ ସିଂ, ୪ ବ୍ଲକର ବିଡିଓ, ତହସିଲଦାର, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ, ଏସ୍‌ପି ରାଜପ୍ରସାଦଙ୍କ ସହ ବହୁ ବରିଷ୍ଠ ଅଧିକାରୀ ସୋମବାର ପୂର୍ବାହ୍ଣରେ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କରି ବନ୍ୟା ପ୍ରପୀଡିତଙ୍କ ସମସ୍ୟା ପଚାରି ବୁଝିଛନ୍ତି। ବନ୍ୟାରେ କେହି ଭୟଭୀତ ନ ହୋଇ ସୁରକ୍ଷା ସ୍ଥାନକୁ ଚାଲିଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ହେଲେ ମିର୍ଦ୍ଧା ଟପ୍ପୋ

ଭୁବନେଶ୍ୱର,୩୦।୬ (ସୁନିତ୍ ମିଶ୍ର)



ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଓଏଏସ୍ ଅଫିସର ମିର୍ଦ୍ଧା ଟୋପ୍ପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ସେ ପିଡି ଡିୟୁଡିଏ(ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି), କେନ୍ଦୁଝର ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ମିର୍ଦ୍ଧା ପାଟଣା, କରଞ୍ଜିଆ ଏବଂ ଝୁମ୍ପୁରା ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିସାରିଛନ୍ତି। ଏହାପରେ ସେ ବରଗଡ ଏଡିଏମ୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିବା ତାଙ୍କ ପ୍ରଶାସନିକ କାର୍ଯ୍ୟର ଏକ ବଡ ସଫଳତା ବୋଲି ଚର୍ଚ୍ଚା ହେଉଛି।




## ରାଶନ କାର୍ଡ: ସରିଛି ଇ-କେୱାଇସି ଶେଷ ତାରିଖ




# ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ ହେବ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)

ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ନେଇ ସୋମବାର ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏକ ଅବିରତ ପ୍ରୟାସ। ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇଦେବା ସହ ରୋଜଗାରର ସ୍ରୋତ ଯୋଗାଇଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହା ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି। ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା। ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନରେ ଶୀତଳଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖାଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ। ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ଲାଗି ଏକ କମ୍ପାନୀ ପକ୍ଷରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଛି ବୋଲି ସିଂଦେଓ କହିଛନ୍ତି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁ ସେବିକାଙ୍କୁ ମାସିକ ମିଳିବ ୩ହଜାର ଟଙ୍କା

ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)

ନୂତନ ଶିକ୍ଷା ନୀତି -୨୦୨୦ ଅନୁସାରେ ରାଜ୍ୟରେ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ପ୍ରଥମଥର ଶିଶୁ ବାଟିକା ଖୋଲାଯାଇଛି। ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷରୁ ଏହା କାର୍ଯ୍ୟ କରୁଥିବାବେଳେ ଏଥିରେ ୫ରୁ ୬ ବର୍ଷ ବୟସର ପିଲାଙ୍କୁ ପାଠପଢ଼ାଯିବ। ଶିଶୁ ବାଟିକାରେ ଶିଶୁଙ୍କ ଯତ୍ନ ନେବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବାକୁ ସ୍ୱତନ୍ତ୍ର ଭାବେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯିବ। ଶିଶୁ ବାଟିକାରେ ପିଲାଙ୍କ ଉପସ୍ଥାନକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁସାରେ ଶିଶୁ ସେବିକା ନିଯୁକ୍ତି ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସଏମସି) ପକ୍ଷରୁ କରାଯିବ। ରୋଷେୟା ଏବଂ ସହାୟିକାଙ୍କ ସମତୁଲ୍ୟ ଦରମା ହିସାବରେ ପ୍ରତିମାସରେ ୩ହଜାର ଟଙ୍କା ମିଳିବ। ଖୁବଶୀଘ୍ର ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟା ଏବଂ ଦାୟିତ୍ୱ ସମ୍ବନ୍ଧୀୟ ବିସ୍ତୃତ ନିୟମାବଳୀ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି।


DSPL - 158





### ୭୬ତମ ବନମହୋତ୍ସବ ପାଳନ ଉପଲକ୍ଷେ
### ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳିତ ହୋଇଥାଏ। ସବୁଜ ଆଚ୍ଛାଦନ ବୃଦ୍ଧି କରିବା, ବନୀକରଣକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ବନ ମହୋତ୍ସବ ପାଳନର ଲକ୍ଷ୍ୟ। ୭୬ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି। ବନ୍ୟସଂପଦ ଦେଶସମୃଦ୍ଧିର ଏକ ପ୍ରଧାନ ଉତ୍ସ। ମୃତ୍ତିକା ଓ ଜଳ ସଂରକ୍ଷଣ, ଜୈବମଣ୍ଡଳର ସୁରକ୍ଷା, ବାୟୁମଣ୍ଡଳରୁ ନିର୍ଗତ ବିଷାକ୍ତ ବାଷ୍ପକୁ ବିଶୋଧିତ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଜଙ୍ଗଲ ନିର୍ବାହ କରିଥାଏ।

ଏପରି ସ୍ଥଳେ, ଆଧୁନିକତାର ବଶୀଭୂତ ମାନବ ସଭ୍ୟତା ଜଙ୍ଗଲ ଅବକ୍ଷୟର ମୁଖ୍ୟ କାରଣ ହୋଇଛି। ଏହାର ଫଳସ୍ୱରୂପ, ଆମ୍ଭେମାନେ ଜଳବାୟୁ ପରିବର୍ତ୍ତନ ଜନିତ ବିଭିନ୍ନ ଅଭାବନୀୟ ପରିସ୍ଥିତିଗୁଡିକର ସମ୍ମୁଖୀନ ହେଉଛୁ। ଏହିସବୁ ପରିସ୍ଥିତିକୁ ଏଡ଼ାଇବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି।

ପ୍ରତିବର୍ଷ ପରି, ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତ ବର୍ଷାଋତୁରେ ବିଭିନ୍ନ ବନୀକରଣ ଯୋଜନା ଯଥା, କୃତ୍ରିମ ଜଙ୍ଗଲ, ପ୍ରାକୃତିକ ଜଙ୍ଗଲର ପୁନର୍ଜନନ, ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି କାର୍ଯ୍ୟରେ ୧.୮୩ କୋଟି ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏତଦ୍ ବ୍ୟତୀତ ସୁଲଭ ମୂଲ୍ୟରେ ଜନସାଧାରଣମାନଙ୍କୁ ୩.୨୬ କୋଟି ବୃକ୍ଷ ଚାରା ବଣ୍ଟନ ହେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ସୁତରାଂ, ଏହାର ସୁଯୋଗ ନେଇ ନିଜ ଜମି, ଅନୁଷ୍ଠାନ ପ୍ରାଙ୍ଗଣ, ତଥା ପଥପାର୍ଶ୍ୱରେ ଖାଲି ଥିବା ସ୍ଥାନମାନଙ୍କରେ ବ୍ୟାପକ ବୃକ୍ଷରୋପଣ କରିବା ନିମନ୍ତେ ଜନସାଧାରଣଙ୍କର ଅକୁଣ୍ଠ ଓ ସକ୍ରିୟ ସହଯୋଗ କାମନା କରୁଛି।

(ଗଣେଶ ରାମ ସିଂଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବିଭାଗ, ଓଡ଼ିଶା





### ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ
### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ବାର୍ତ୍ତା'

୭୬ ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ଓଡିଶାର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଜଙ୍ଗଲ ହିଁ ପ୍ରକୃତିର ସର୍ବଶ୍ରେଷ୍ଠ ଅବଦାନ। ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ପରିବେଶର ସନ୍ତୁଳନକୁ ରକ୍ଷା କରି ବିଭିନ୍ନ ପ୍ରାକୃତିକ ଦୁର୍ବିପାକର ସମ୍ଭାବନାକୁ ଜଙ୍ଗଲ ହିଁ ନିୟନ୍ତ୍ରଣ କରିଥାଏ। ସୁତରାଂ ଜଙ୍ଗଲର ସୁରକ୍ଷା ସହିତ ପର୍ଯ୍ୟାପ୍ତ ବୃକ୍ଷରୋପଣ ଏବଂ ଜଙ୍ଗଲ ସଂପଦର ଅଭିବୃଦ୍ଧି ବର୍ତ୍ତମାନ ପାଇଁ ଅପରିହାର୍ଯ୍ୟ।

ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ସହିତ ଜନସାଧାରଣଙ୍କ ସହଯୋଗ ଦ୍ୱାରା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମନ୍ୱୟରେ "ଅମୃତ ମିତ୍ର ଯୋଜନା" ଆନୁକୂଲ୍ୟରେ ରାଜ୍ୟର ସହରାଞ୍ଚଳ ମାନଙ୍କରେ "ମହିଳାଙ୍କ ପାଇଁ ଗଛଟିଏ" ଅଭିଯାନ ଆରମ୍ଭ ହୋଇଅଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବର୍ଷ "ଏକ୍ ପେଡ୍ ମା କେ ନାମ୍ ୨.୦" ଅଭିଯାନରେ ବିଦ୍ୟାଳୟର ପରିସର ଓ ତତ୍ ସଂଲଗ୍ନ ଅଞ୍ଚଳ ମାନଙ୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସାମିଲ କରି ବୃକ୍ଷରୋପଣ କରିବାର ଯୋଜନା ରଖିଛନ୍ତି।

ତେଣୁ ପବିତ୍ର ବନମହୋତ୍ସବ ପାଳନ ଅବସରରେ ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି।

(ମୋହନ ଚରଣ ମାଝୀ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବିଭାଗ, ଓଡ଼ିଶା

OIPR-08002/13/0018/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବୁଦ୍ଧିଷ୍ଟ ଇଣ୍ଟରନ୍ୟାଶନାଲ ଫୋରମ ଫର ପିସ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ, ସ୍ଥାନ: ସିଆଇଏସ୍‌ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରରର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ନହରକଣ୍ଟାସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଆଇ, ଅମିନ ଚାକିରି ବାବଦୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୧୫।
- କୋଠଘର ପ୍ରକାଶନୀ ପକ୍ଷରୁ ଶାନ୍ତିଲତା ପଲାଇଙ୍କ କବିତା ପୁସ୍ତକ ଓ ଗଳ୍ପ ସଂକଳନ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ପିପୁଲ୍ ଫର ସୋସାଇଟି ଅନୁଷ୍ଠାନ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳନ, ସ୍ଥାନ: ଅଗ୍ରୱାଲ ଧର୍ମଶାଳା ପରିସର, ମେନ୍‌ରୋଡ, ଜଟଣୀ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ପୁରୀ ଷ୍ଟେଶନ ଅଟୋଚାଳକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅର୍ବାନ ହାଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ହନୁମାନ ଚାଳିଶା ପାଠ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା ୩୦।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ହେରା ପଞ୍ଚମୀ–ମହାଲକ୍ଷ୍ମୀଙ୍କ ଗୁଣ୍ଡିଚା ମନ୍ଦିରକୁ ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୮ଟା।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।
- ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୯ଟା।

## ମୟୂରଭଞ୍ଜ

- ହେରାପଞ୍ଚମୀ ଉପଲକ୍ଷେ ମା' ଲକ୍ଷ୍ମୀଙ୍କ ଦ୍ୱାରା ରଥ କାଠ ଭଙ୍ଗା,ସ୍ଥାନ:ଚିତ୍ରଡ଼ା ମାଉସୀମା ମନ୍ଦିର, ମୋରଡ଼ା ସମୟ:ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ବେଶ ଦର୍ଶନ, ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୋଷାଣୀ ନୂଆଗାଁ କାଳୁଆ ମନ୍ଦିର, ସମୟ: ସକାଳ ୮ଟା ୩୦।
- ବନ ମହୋତ୍ସବ, ସ୍ଥାନ: ଗାନ୍ଧୀନଗର ୧୦ମ ଗଳି, ସମୟ: ସକାଳ ୮ଟା ୩୦।
- ଡାକ୍ତର ଦିବସ, ସ୍ଥାନ: ଆଇଏମଏ ହାଉସ, ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ଶିବଙ୍କ ବିଗ୍ରହ ସଂସ୍କାର, ସ୍ଥାନ: ରମ୍ଭା,ସମୟ: ସକାଳ ୬ଟା।
- ଦିବଂଗତ କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ଆସିକା ବ୍ଲକ ଜୟପୁର ଗୌରାଙ୍ଗ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଖେମୁଣ୍ଡି ଲୋକ ମହୋତ୍ସବ ଉଦଘାଟନ, ସ୍ଥାନ: ଦିଗପହଣ୍ଡି ବଜାର ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କାଉଡ଼ିଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- ହେରାପଞ୍ଚମୀ ଉପଲକ୍ଷେ ମା' ମହାଲକ୍ଷ୍ମୀଙ୍କ ରଥଭଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, କାକଟପୁର, ମହାକାଳପଡ଼ା, ଦେଉଳସାହି, ଓଳାଭର, ରାଜକନିକା, ଜମପଡ଼ା, ମାର୍ଶାଘାଇ, ଶ୍ରୀଲକ୍ଷ୍ମୀବରାହଜୀଉ ମନ୍ଦିର ସମ୍ମୁଖ, ଆଳି, ଶ୍ରୀବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ଶ୍ରୀ ଦଧିବାମନଜୀଉ ମନ୍ଦିର, ରାଜନଗର, ଶ୍ରୀଜଗନ୍ନାଥ ମନ୍ଦିର, କେରଡାଗଡ଼, ରାଜନଗର, ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଦଧିବାମନଜୀଉ ମନ୍ଦିର, ତମାଳ ଶାସନ, ପଟ୍ଟାମୁଣ୍ଡାଇ, ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ରାତି ୯ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀମା ମନ୍ଦିର ପରିସରରେ ମୟୂରୀ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ହେରା ପଞ୍ଚମୀ, ସ୍ଥାନ: ଖଣ୍ଡପଡା ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହେରା ପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ସନ୍ଧ୍ୟା ବେଶରେ ଲକ୍ଷ୍ମୀନାରାୟଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ନୃସିଂହ ଅବତାର ବେଶ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡା, ସମୟ: ସକାଳ ୬ଟା।
- ରାୟଗଡା ଲେଡିଜ୍ କ୍ଲବ ପକ୍ଷରୁ ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ଲାୟନ୍ସ କ୍ଲବ୍, ରାୟଗଡା, ସମୟ: ଅପରାହ୍ନ ୫ଟା ୩୦।
- ମା' ଲକ୍ଷ୍ମୀଙ୍କ ଆଗମନ ଓ ବଚନିକା ପରେ ରଥ ଭାଙ୍ଗି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ,
- ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ରାତି ୯ ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ଏମବିଏ ବ୍ୟାଚର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ , ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମାଆ ମନ୍ଦିର, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ନିଶା ନିବାରଣ ସଚେତନତା ରାଲି, ସ୍ଥାନ: କୃଷ୍ଣ ଆଶ୍ରମ, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା
- କଳ୍ପତରୁ ଆଶ୍ରମ ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଭାଜପା ସରକାର ବିରୋଧରେ ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ଭବାନୀପାଟଣା ବ୍ଲକ କୁତୁରୁଖମାର, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ବାମନ ପର୍ଶୁରାମ ଅବତାର, ସ୍ଥାନ:ମାଉସୀମା ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର,ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ, ସ୍ଥାନ: ଉଫୁଲା ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ପରିଷଦ ନୂଆପଡ଼ା ଗ୍ରାମୀଣ ପରିମଳ ଶାଖା ପକ୍ଷରୁ ସଫେଇ ଅଭିଯାନ, ବୃକ୍ଷ ରୋପଣ, ସ୍ଥାନ: ଜିଲାର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଧାର୍ମିକ ସ୍ଥଳ, ଜନଗହଳିପୂର୍ଣ୍ଣ ସ୍ଥାନ, ସମୟ: ସକାଳ ୮ଟା।
- ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡ଼ିଆଳ ପକ୍ଷରୁ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା, ସ୍ଥାନ: ଥାନା ଛକ ଖଡ଼ିଆଳ, ସମୟ: ସକାଳ ୭ଟା।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ରେଳଯାତ୍ରୀ...

ଏସି ପ୍ରଥମ/ଏକ୍‌ଜିକ୍ୟୁଟିଭ୍ ଶ୍ରେଣୀ/ଏକ୍‌ଜିକ୍ୟୁଟିଭ୍ ପ୍ରତି କିଲୋମିଟର ପାଇଁ ୨ ପଇସା ବୃଦ୍ଧି କରାଯାଇଛି। ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ବନ୍ଦେ ଭାରତ, ତେଜସ୍, ହମ୍‌ସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ, ଏସି ଭିଷ୍ଟାଡୋମ୍ କୋଚ, ଅନୁଭୂତି କୋଚ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଓ ସ୍ୱତନ୍ତ୍ର ଟ୍ରେନ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ। ଅନ୍ୟପଟେ ରିଜର୍ଭେଶନ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି। ପ୍ରଯୁଜ୍ୟ ନିୟମ ଅନୁଯାୟୀ ଜିଏସ୍‌ଟି ଲାଗୁ ହେବ। ଭଡ଼ା ରାଉଣ୍ଡିଂ ନୀତି ବିଦ୍ୟମାନ ମାନଦଣ୍ଡ ଅନୁଯାୟୀ ରହିବ। ଜୁଲାଇ ପହିଲାରେ କିମ୍ବା ତା'ପରେ ବୁକ୍ ହୋଇଥିବା ଟିକେଟ ପାଇଁ ସଂଶୋଧିତ ଭଡ଼ା ପ୍ରଯୁଜ୍ୟ ହେବ। ଏହି ତାରିଖ ପୂର୍ବରୁ ଜାରି ହୋଇଥିବା ଟିକେଟଗୁଡ଼ିକ କୌଣସି ଭଡ଼ା ସମାୟୋଜନ ବିନା ବିଦ୍ୟମାନ ଭଡ଼ାରେ ବୈଧ ରହିବ। ପିଆର୍‌ଏସ୍, ୟୁଟିଏସ୍ ଏବଂ ମାନୁଆଲ ଟିକେଟିଂ ସିଷ୍ଟମଗୁଡ଼ିକୁ ସେହି ଅନୁସାରେ ଅପ୍‌ଡେଟ୍ କରାଯାଉଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇ ବଳ ଦିଏ ଭାଇକି**
**ନଈ ବଳ ଦିଏ ନଈକି**

ଭାଇ ହିଁ ଭାଇକୁ ସବୁବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାଏ। କୌଣସି ବାଦ ବିବାଦ ଦେଖାଦେଲେ ଭାଇ ପାଖରେ ଠିଆ ହୋଇ ବଳ ଓ ସାହସ ଯୋଗାଇ ଦେଇଥାଏ। ଠିକ୍ ସେହିପରି ନଈରୁ ଅନେକ ଶାଖା ବାହାରିଥିବାବେଳେ ବଡ଼ ବା ମୁଖ୍ୟ ନଈଟି ତାହାରି ଶାଖା ନଈକୁ ଜଳ ଯୋଗାଇଥାଏ, ଯାହାଫଳରେ ଶାଖା ନଈରେ ଜଳ ପ୍ରବାହିତ ହୋଇଥାଏ। ଭାଇ ଏବଂ ନଈ ଗୋଟିଏ ବିଚାର ଦୃଷ୍ଟିରୁ ସାହାଯ୍ୟକାରୀ ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଣ୍ଡାରି ମୁଠି**
**ହଲେଇ ହଲେଇ**
**ଯୋଉ ଛଅଟିକୁ**
**ସେଇ ଛଅଟି**

ଅଳ୍ପ କାମକୁ ଅଳ୍ପ ଫଳ। ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ଥିବା ଅସୀମ ବ୍ୟାକୁଳତା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମଙ୍ଗଳ ଗ୍ରହରେ ଉନ୍ନତ ପାଣିପାଗ ପୂର୍ବାନୁମାନ ଉପରେ ଏନ୍‌ଆଇଟିର ଗବେଷଣା

**ରାଉରକେଲା, ୩୦।୬(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଦ୍ରୁତଗତିରେ ଘୂର୍ଣ୍ଣନ କରୁଥିବା ଧୂଳିକଣା, ଶକ୍ତିଶାଳୀ ଧୂଳିଝଡ଼ ଓ ଜଳୀୟ ବରଫ ମେଘ ଦ୍ୱାରା କିପରି ପ୍ରଭାବିତ ହୋଇପାରେ ସେନେଇ ଅଧ୍ୟୟନ କରିଛନ୍ତି। ଏହି ଅଧ୍ୟୟନ ୟୁଏଇ ବିଶ୍ୱବିଦ୍ୟାଳୟ ଓ ଚାଇନାର ସନ୍ ୟାତ-ସେନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ସହଯୋଗରେ କରାଯାଇଥିଲା। ଉକ୍ତ ଗବେଷକ ଦଳ ମଙ୍ଗଳ ଗ୍ରହର ଧୂଳି ଓ ପାଣିର ବରଫ କିପରି ମଙ୍ଗଳ ଗ୍ରହର ଜଳବାୟୁ ତଥା ତାପମାତ୍ରାକୁ ପ୍ରଭାବିତ କରିଥାଏ ତାହା ବୁଝିବା ପାଇଁ ଭାରତର ମାର୍ସ ଅର୍ବିଟର ମିଶନ (ଏମ୍‌ଓଏମ୍) ସମେତ ମଙ୍ଗଳ ଗ୍ରହ ମିଶନରୁ ସଂଗୃହୀତ ତଥ୍ୟ ଅଧ୍ୟୟନ କରିଥିଲେ। ଏହି ପ୍ରକ୍ରିୟାଗୁଡ଼ିକୁ ବୁଝିବା ଦ୍ୱାରା ମଙ୍ଗଳ ଗ୍ରହ ଅନୁସନ୍ଧାନ ଓ ଅଭିଯାନ ପ୍ରସ୍ତୁତିରେ ସାହାଯ୍ୟ କରିବ। ସେଠାକାର ପାଣିପାଗ ପ୍ରକ୍ରିୟା ଜାଣିବା ଦ୍ୱାରା ଅନେକ ଲାଭ ମିଳିବ। ମହାକାଶଯାନକୁ ସୁରକ୍ଷା ଦେବା, ଭବିଷ୍ୟତର ମହାକାଶଚାରୀଙ୍କୁ ସାହାଯ୍ୟ କରିବା ଏବଂ ମଙ୍ଗଳ ଗ୍ରହରେ କେବେ ଜୀବନ ଥିଲା କି ନାହିଁ ତାହା ଆହୁରି ଭଲ ଭାବେ ବୁଝିବା ଆଦି ଏହି ଗବେଷଣାର ଅନ୍ତର୍ଭୁକ୍ତ। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକୁ ପ୍ରତିଷ୍ଠିତ ପତ୍ରିକା 'ନ୍ୟୁ ଆଷ୍ଟ୍ରୋନୋମି ରିଭ୍ୟୁଜ୍' (ଇମ୍ପାକ୍ଟ ଫ୍ୟାକ୍ଟର ୨୬.୮)ରେ ଏକ ଗବେଷଣା ପତ୍ର ଭାବେ ପ୍ରକାଶିତ ହୋଇଛି। ଏହି ଗବେଷଣା ପତ୍ରକୁ ପୃଥିବୀ ଓ ବାୟୁମଣ୍ଡଳ ବିଜ୍ଞାନ ବିଭାଗର ପ୍ରଫେସର ଜଗବନ୍ଧୁ ପଣ୍ଡା ଓ ଏନ୍‌ଆଇଟି ରାଉରକେଲାର ଗବେଷଣା ଛାତ୍ର ଅନିର୍ବାଣ ମଣ୍ଡଳ ମିଳିତ ଭାବେ ଲେଖିଛନ୍ତି। ଏଥିରେ ୟୁଏଇ ବିଶ୍ୱବିଦ୍ୟାଳୟର ନ୍ୟାଶନାଲ୍ ସେଣ୍ଟର ଫର୍ ସ୍ପେସ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଡ. ବିଜୟ କୁମାର ଗୁହା, ଡ. କ୍ଲାଉସ୍ ଗେଭାର୍ଡଟ୍ ଏବଂ ଚାଇନାର ସନ୍ ୟାତ-ସେନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଆଟ୍ମୋସ୍ଫେରିକ୍ ସାଇନ୍ସର ଡ. ଝାଓପେଙ୍ଗ ୱଙ୍କ ମିଳିତ ସହଯୋଗ ଥିଲା।



ରାଉରକେଲା ଏନ୍‌ଆଇଟିର ଗବେଷକ ଦଳ।

ଗବେଷଣାର ଗୁରୁତ୍ୱ ଓ ପ୍ରଭାବ ବିଷୟରେ ପୃଥିବୀ ଏବଂ ବାୟୁମଣ୍ଡଳ ବିଜ୍ଞାନ ବିଭାଗର ପ୍ରଫେସର ପଣ୍ଡା କହିଛନ୍ତି, ଆଗକୁ ମଙ୍ଗଳ ଗ୍ରହରେ ପାଣିପାଗ ପୂର୍ବାନୁମାନକୁ ବଢ଼ାଇବା କେବଳ ଏକ ବୈଜ୍ଞାନିକ ପ୍ରୟାସ ନୁହେଁ। ଏହା ନିଶ୍ଚିତ କରିବାର ମୂଳଦୁଆ ଯେ ଭବିଷ୍ୟତର ଅଭିଯାନଗୁଡ଼ିକ ସେଠାରେ ବଜାୟ ରହିପାରିବ ଏବଂ ଲୋହିତ ଗ୍ରହରେ ଅତୀତ ଓ ଭବିଷ୍ୟତରେ ଜୀବନ ରହିପାରେ କି ନାହିଁ ସେ ବିଷୟରେ ଏକ ମୌଳିକ ବୁଝାମଣା ପ୍ରଦାନ କରିବ। ଯଦି ଇସ୍ରୋ ମଙ୍ଗଳ ଗ୍ରହରେ ଅଧିକ ଅଭିଯାନ କରିପାରିବ ଏବଂ ଏପରି ଗବେଷଣା କରିବା ପାଇଁ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାରେ ଅଧିକ ନିବେଶ କରିପାରିବ ତେବେ ଏହା ବହୁତ ଭଲ ହେବ। ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଆହୁରି ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ ବୋଲି ପଣ୍ଡା କହିଥିଲେ। ୨୦ ବର୍ଷରୁ ଅଧିକ ସମୟର ଇମେଜିଂ ତଥ୍ୟ ବ୍ୟବହାର କରି ମଙ୍ଗଳ ଗ୍ରହରେ ଧୂଳି ଓ ବାଦଲ ଗଠନ ତଥା ଗତି କିପରି ବିକଶିତ ହୁଏ ତାହା ଅନୁସନ୍ଧାନ କରାଯାଇଛି। ଏହି ଫଳାଫଳଗୁଡ଼ିକ ମଙ୍ଗଳ ଗ୍ରହର ଜଳବାୟୁ ପ୍ରଣାଳୀ ବିଷୟରେ ମାନବ ଜ୍ଞାନ ଓ ବୁଝାମଣାକୁ ପରିଷ୍କାର କରିବ ଏବଂ ଗ୍ରହରେ ଭବିଷ୍ୟତର ପାଣିପାଗ ପୂର୍ବାନୁମାନ କରିବା ପାଇଁ ଉପଯୋଗୀ ହେବ। ଲୋହିତ ଗ୍ରହକୁ ଅଧିକ ଅଭିଯାନ ଯାଉଥିବାରୁ ଏପରି ଦୀର୍ଘକାଳୀନ ଅଧ୍ୟୟନ ଏହାର ପରିବର୍ତ୍ତିତ ଆକାଶ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଛି ବୋଲି ପଣ୍ଡା କହିଛନ୍ତି।

# ଅଗଷ୍ଟ ୧ରୁ ଆର୍‌ଆଇ, ଅମିନ ମେନ୍ ପରୀକ୍ଷା

## ପ୍ରତି ଜିଲାରେ ପରୀକ୍ଷା କେନ୍ଦ୍ର

**ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)**

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ (ଆରଆଇ), ସହକାରୀ ନିରୀକ୍ଷକ (ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ମେନ୍ ପରୀକ୍ଷା ଅଗଷ୍ଟ ୧ରୁ ଆରମ୍ଭ ହେବ। ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମ୍ପ୍ୟୁଟର ମୋଡ୍‌ରେ (ସିବିଆର୍‌ଇ) ପରୀକ୍ଷା କରାଯିବ ଓ ସମସ୍ତ ଜିଲାରେ ସେଣ୍ଟର ରହିବ। ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଯୋଗ୍ୟ ବିଦ୍ୟାର୍ଥୀମାନେ ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍‌ରେ ଆଇଡି ଓ ପାସ୍‌ୱାର୍ଡ ଲଗ୍ ଇନ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ତାରିଖ, ପରୀକ୍ଷା କେନ୍ଦ୍ର ସମ୍ବନ୍ଧୀୟ ସମସ୍ତ ସୂଚନା ଉକ୍ତ ଆଡ୍‌ମିଟ୍ କାର୍ଡରୁ ପାଇପାରିବେ ବୋଲି ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରି କି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଲେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍ରେନେଷ୍ଟ କରପ୍ସନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ତେବେ ଗତ ଅପ୍ରିଲ ୨୩ରେ ପ୍ରିଲିମ୍ ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀଙ୍କୁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉତ୍ତୀର୍ଣ୍ଣ କରାଯାଇଥିଲା। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ବାକି ସମସ୍ତ ଆଶାୟୀମାନେ ମେନ୍ ପରୀକ୍ଷା ଦେଇପାରିବେ ବୋଲି ଓଏସ୍‌ଏସ୍‌ଏସ୍‌ସି ସୂଚନା ଦେଇଥିଲା।

# ରଥଯାତ୍ରା ମହାବିଭ୍ରାଟ ପାଇଁ ଉପମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ବିଜେଡି

**ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)**

ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ବୋଲି ସରକାର ବାରମ୍ବାର ଦାବିକରି ଆସୁଥିଲେ, ହେଲେ ଅବ୍ୟବସ୍ଥା ଓ ମହାବିଭ୍ରାଟ ଯୋଗୁ ୩ ଭକ୍ତଙ୍କ ଜୀବନ ଯାଇଛି। ଏଥିପାଇଁ ଯେଉଁମାନେ ଦାୟୀ ସରକାର ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି। ଶଙ୍ଖଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରବିବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମହାପ୍ରଭୁ ଜଗନ୍ନାଥଙ୍କ ପହଡ଼ ଖୋଲିବା ସମୟରେ ଦଳାଚକଟାରେ ଯେଉଁଭଳି ୩ ଭକ୍ତଙ୍କ ପ୍ରାଣ ଗଲା ଏବଂ ୫୦ରୁ ଊର୍ଦ୍ଧ୍ୱ ଆହତ ହେଲେ, ଏଥିପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ପୋଲିସ ବ୍ୟବସ୍ଥା ଅନୁଯାୟୀ ଘଟଣା ଘଟିଥିବା ସମୟରେ ସେଠାରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ ରହିବା କଥା। ହେଲେ ଦୁଃଖର କଥା, ସେଠାରେ କେହି ପୋଲିସ ଉପସ୍ଥିତ ନ ଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୃତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ପରେ ସରକାରଙ୍କ ଚେତା ପଶିଲା। ଧର୍ମକୁ ଆଖିଠାର ସଦୃଶ ସରକାର ତରବରିଆ ଭାବେ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳିକରି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ଏହି ଘଟଣା ଲାଗି ରଥଯାତ୍ରା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଇସ୍ତଫା ଦିଅନ୍ତୁ ବୋଲି ଲେନିନ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥଲାଭ, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧି କରାଇବ। ଦୀର୍ଘ ଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କରୁ ଖୁସି ହେବେ। ଆନୁଷ୍ଠାନିକ କାମରେ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାର୍ଯ୍ୟହାସଲରେ ବିଜାତୀୟ ବ୍ୟକ୍ତି ପ୍ରତିବାଦର ସ୍ୱରକୁ ତୀବ୍ର କରିପାରେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ଜମିଜମା, ଘର ତିଆରି, ଯାନ ମରାମତି ଦିଗରେ ମନୋନିବେଶ କରିପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯିବ।

**ମିଥୁନ** ଧନ ସ୍ଥାନରେ ବୁଧଙ୍କ ଯୋଗୁ ଆଶା କରିଥିବା ସ୍ଥାନରୁ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ ଦ୍ୱନ୍ଦ୍ୱଯୁକ୍ତ ହେବେ। ଯାତ୍ରା, ପ୍ରତିଯୋଗିତା, କଚେରି ମାମଲା, ମନୋରଞ୍ଜନ କାର୍ଯ୍ୟକ୍ରମ ଦିଗରୁ ଉପକୃତ ହେବେ। ସାମାନ୍ୟ ଅଣ୍ଡାଜନିତ ରୋଗରେ ପୀଡ଼ିତ ହୋଇପାରନ୍ତି।

**କର୍କଟ** ରାଶ୍ୟାଧିପତିଙ୍କ ସହ ମଙ୍ଗଳ ଓ କେତୁ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବଢ଼ାଇବ। କର୍ମକ୍ଷେତ୍ରରେ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ପରୋକ୍ଷ ଶତ୍ରୁତାଜନିତ ଟେନ୍‌ସନ ଲାଗି ରହିବା ଯୋଗୁ ଆନମନା ରହିପାରନ୍ତି। ସହକର୍ମୀ, ପଡ଼ୋଶୀ କିମ୍ବା ନବାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନା ବେଶ୍ ଜମିପାରେ।

**ସିଂହ** ଲାଭଭାବରେ ବୁଧାଦିତ୍ୟଙ୍କ ସ୍ଥିତି ହେତୁ ଆପଣଙ୍କ ଆଶା ପୂରଣ କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପର ଉପରେ ନିର୍ଭରକରିବା କାରଣରୁ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା** ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ପରିବାର, ଯାନବାହନ ଏବଂ ସାମୂହିକ କାମରେ ସମସ୍ୟା ଆସିପାରେ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସଜାଗ ରହିବା ଭଲ ହେବ। ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଆକସ୍ମିକ ନୂତନ ବନ୍ଧୁସମ୍ପର୍କ ସ୍ଥାପନହେବା ସୂଚନା ରହିଛି।

**ତୁଳା** କର୍ମସ୍ଥାନରେ ବୁଧଙ୍କ ସ୍ଥିତି କାରଣରୁ ବନ୍ଧୁସମ୍ପର୍କ ଏବଂ ଯାତ୍ରା ପ୍ରୀତିପ୍ରଦ ରହିବ। ଆର୍ଥିକ ସାହାଯ୍ୟ ଓ ବ୍ୟକ୍ତିଗତ ସହଯୋଗ ଲାଭକରି କାମକୁ ଆଗେଇନେବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରିୟପାତ୍ର ହେବେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବା ସହ ସୁନାମ ଅର୍ଜନ କରିବେ।

**ବିଛା** କର୍ମଭାବସ୍ଥ ଚନ୍ଦ୍ର କର୍ମାରମ୍ଭ, ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଓ ବନ୍ଧୁମିଳନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟିକରିବ। ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣକରି ସର୍ବଜନ ପ୍ରଶଂସିତ ହେବେ। ସାମୂହିକ ଆଲୋଚନା, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ** ରବି ଓ ବୃହସ୍ପତି ଏକତ୍ର ରହିଥିବାରୁ ଆପଣଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଅପ୍ରିୟତା ଅର୍ଜନ କରିବେ। ପାରିବାରିକ ଅଶାନ୍ତି ଥମିଯିବାରୁ ପୂର୍ବାଷାଢ଼ା ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କୁ ମନ କଥା କହିବାକୁ ପଛେଇଯିବା ଫଳରେ ସମାଧାନ ବିଳମ୍ବିତ ହେବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି।

**ମକର** ଆଜି ଅଷ୍ଟମ ଚନ୍ଦ୍ର ହେତୁ ପରିବାରରେ ଅଶାନ୍ତି ଉପୁଜିପାରେ। ମଙ୍ଗଳଙ୍କ ଦୁର୍ବଳତାରୁ ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ସକାଶେ ପଡ଼ୋଶୀଙ୍କ ସହଯୋଗ ହିତକାରକ ହେବ। ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁ ସମ୍ପର୍କ ଦୃଢ଼ କରିବେ।

**କୁମ୍ଭ** ଶନିଙ୍କ ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ସମସ୍ତ ଚେଷ୍ଟା ଓ ପରିଶ୍ରମ ମୂଲ୍ୟହୀନ ନ ହୋଇପାରେ। କେତେକ ଆକସ୍ମିକ ସମସ୍ୟାକୁ ନେଇ ଯାତ୍ରା, କର୍ମାରମ୍ଭ କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମଣିବେ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ ଲାଭର ଯୋଗ ରହିଛି।

**ମୀନ** ପାପଗ୍ରହ ମଧ୍ୟସ୍ଥ ଗୁରୁ ଓ ଚନ୍ଦ୍ର ଯୋଗୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚଭାର ବଢ଼ିଚାଲିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ, ସଭାସମିତିରେ, ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିଆସିବ। ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ସନ୍ତାନଙ୍କ କାର୍ଯ୍ୟରେ ଚିନ୍ତିତ ହେବେ।

ଆଜି ଜୁଲାଇ ୧ ତାରିଖ, ଆଷାଢ଼ ଶୁକ୍ଳପକ୍ଷ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଅଦ୍ୟ ହେରାପଞ୍ଚମୀ, ବିପତ୍‌ତାରିଣୀ ବ୍ରତ, ବନ ମହୋତ୍ସବ ସପ୍ତାହ ଆରମ୍ଭ, (ଜୁଲାଇ ୧ରୁ ୭), ଚିକିତ୍ସକ ଦିବସ। ରାଶିନକ୍ଷତ୍ର-ଦିବା ୮।୫୪ ଗତେ ଉତ୍ତରା ଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୫ ଗତେ, ଘ.୦୬।୫୪ ମଧ୍ୟେ, ଘ. ୦୯।୩୮ ଗତେ, ଘ.୧୨।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

## ସାପ କାମୁଡ଼ାରେ ୨ ମୃତ

ବଣାଇଁ,(ପ୍ରଦୀପ ତ୍ରିପାଠୀ): ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ନରେନ୍ଦ୍ର ପଞ୍ଚାୟତରେ ସାପ କାମୁଡ଼ାରେ ସୋମବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟୁରିଧୁଆ ଗ୍ରାମର ଶୁକଦେବ ଓରାମଙ୍କ ନାବାଳିକା ଝିଅ ରଶ୍ମି ଓରାମ (୧୨) ଓ ବଡ଼ପଡ଼ା ଗ୍ରାମର ଅଜିତ ଓରାମ (୪୨)। ରବିବାର ରାତିରେ ରଶ୍ମି ତଳେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅଜିତ ରାତିରେ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ଗୋଡ଼କୁ କାମୁଡ଼ି ଦେଇଥିଲା। ତାଙ୍କୁ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ଅନୁଧ୍ୟାନ କଲେ ଗର୍ଗ

## ଶରଧାବାଲିରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ

**ଶରଧାବାଲି ରଥ ନିକଟରେ ରବିବାର ଭୋର ସମୟରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟିବା ସହ ୧୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣାର ସୋମବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଉନ୍ନୟନ କମିଶନର ଅନୁ ଗର୍ଗ ପୁରୀରେ ପହଞ୍ଚି ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ତଦନ୍ତକୁ ନିର୍ଦ୍ଧାରିତ ସମୟରେ ଶେଷ କରି ଘଟଣା ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉନ୍ନୟନ କମିଶନର ଗର୍ଗ କହିଛନ୍ତି।**


ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ପୁରୀ,୩୦।୬ (ଅଜିତ୍ କୁମାର ମହାନ୍ତି)

ରଥ ନିକଟରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଗସ୍ତ କରି ଦଳାଚକଟା ଘଟଣାସ୍ଥଳରେ ଅନୁଧ୍ୟାନ କରିଛନ୍ତି। ତଦନ୍ତ କମିଶନ ଅଧ୍ୟକ୍ଷା ଗର୍ଗ କହିଛନ୍ତି, ଘଟଣାସ୍ଥଳ ନିକଟରେ ଥିବା ସମସ୍ତ ସିସିଟିଭି ଫୁଟେଜ ଓ ଭିଡିଓ ଫୁଟେଜକୁ ତଦନ୍ତ ପରିସରକୁ ନିଆଯାଇଛି। ଏଥିସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ଅଘଟଣର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ(ଏକ ମାସ) ଦିଆଯାଇଛି। କେଉଁ କେଉଁ କାରଣ ପାଇଁ ଏପରି ଅଘଟଣ ଘଟିଲା ତାହାର ତଦନ୍ତ କରାଯାଉଛି। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ଆଉ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବ୍ୟବସ୍ଥା କରାଯିବ। ତଦନ୍ତର ପ୍ରଥମ ଦିନରେ ସମସ୍ତଙ୍କ ସହ ଏନେଇ ପ୍ରାଥମିକ ଆଲୋଚନା କରିଛି। ଆସନ୍ତା ୩୦ ଦିନ ମଧ୍ୟରେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରାଯିବ। ଦଇତାପତି, ସେବାୟତ, ମନ୍ଦିର କର୍ମଚାରୀ, ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ଗ୍ରହଣ କରାଯିବ। ଏଥିସହିତ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମୃତକଙ୍କ ପରିବାର, ସମ୍ପର୍କୀୟ, ଅଧିକାରୀମାନଙ୍କ ସହ ଆଲୋଚନା କରି ଭଲ ଭାବେ ସବୁ ବୁଝିବା ପରେ ଯାହା କହିହେବ ବୋଲି ଗର୍ଗ କହିଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ଟିମ୍ ଗଠନ କରାଯାଇଛି। ନୂଆ ଟିମ୍ ବର୍ତ୍ତମାନ ପୁରୀରେ ଉପସ୍ଥିତ ରହିଛନ୍ତି। ଅରବିନ୍ଦ ଅଗ୍ରୱାଲ ପୂର୍ବରୁ ପୁରୀର ଜିଲାପାଳ ରହିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ବହୁତ ଅଭିଜ୍ଞତା ରହିଛି। ସେହିପରି ପିନାକ ମିଶ୍ର ପୂର୍ବରୁ ଏସ୍‌ପି ଭାବରେ କାର୍ଯ୍ୟ କରିଛନ୍ତି, ତେଣୁ ନୂଆ ଟିମ୍ ସମ୍ପୂର୍ଣ୍ଣ ଅଭିଜ୍ଞ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରତ୍ୟେକ ଘଟଣାକୁ ଅନୁଧ୍ୟାନ କରାଯାଉଛି। ଆଶା ଅଛି ମହାପ୍ରଭୁଙ୍କ ଯାତ୍ରା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ ସୂଚନା ଦେଇ କହିଛନ୍ତି। ସେହିପରି ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ ନିମନ୍ତେ ନିଯୁକ୍ତି ପାଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଜିଲା ପ୍ରଶାସନ ସହିତ ରଥଯାତ୍ରା ନେଇ ସମୀକ୍ଷା ବୈଠକ କରିଥିଲେ। ପ୍ରକାଶ ଯେ, ରଥ ନିକଟରେ ଭୋର୍ ସମୟରେ ଦଳାଚକଟା ଘଟଣାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି।

## ପୁରୀ ଏସ୍‌ପି, ଜିଲାପାଳଙ୍କୁ ଜବାବ ତଲବ

**ଓଏଚ୍‌ଆର୍‌ସିରେ ଶରଧାବାଲି ଅଘଟଣ ମାମଲା**

କଟକ,୩୦।୬ (କାର୍ତ୍ତିକ ସାହୁ)

ପୁରୀ ଶରଧାବାଲି ଅଘଟଣକୁ ନେଇ ରୁଜୁ ଆବେଦନର ଶୁଣାଣି କରି ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ପୁରୀ ଏସ୍‌ପି ଓ ଜିଲାପାଳଙ୍କୁ ସୋମବାର ଜବାବ ତଲବ କରିଛନ୍ତି। ଆବେଦନକାରୀ ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ଓ ସଦସ୍ୟ ଅସୀମ୍ ଅମିତାଭ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆୟୋଗ ମାମଲାର ଶୁଣାଣି କରି ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ସେହିପରି ବାହୁଡ଼ା ଏବଂ ସୁନାବେଶରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପ୍ରତି ଧ୍ୟାନ ଦେବା ସହ ସଜାଗ ରହିବାକୁ ଆୟୋଗ ଆଦେଶରେ ସ୍ପଷ୍ଟ କରିଛନ୍ତି।

# ଧାର୍ଯ୍ୟଲକ୍ଷ୍ୟଠାରୁ ୫ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ ସଂଗ୍ରହ ହୋଇଛି

**ରବି ଧାନ ସଂଗ୍ରହ ନେଇ ମନ୍ତ୍ରୀସ୍ତରୀୟ ବୈଠକ**

ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)


ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅଧିକାରୀ।

ରବି ଧାନ ସଂଗ୍ରହ ୨୦୨୪-୨୫ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନ ଠାରେ ସୋମବାର ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଏହି ସଂଗ୍ରହ ପ୍ରକ୍ରିୟାର ଅବଧି ଶେଷ ହେବାକୁ ଯାଉଛି। ଚଳିତ ବର୍ଷ ରବି ଧାନ ଫସଲ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୯ ଲକ୍ଷ୍ୟ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇସାରିଛି। ଗତବର୍ଷ ୧୨ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବାବେଳେ ଚଳିତ ଋତୁରେ ରେକର୍ଡ଼ ପରିମାଣର ଧାନ ସଂଗ୍ରହ ହୋଇଛି। ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ରବି ଧାନରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରୁଛି। ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏବଂ ଅନ୍ୟ ପଡୋଶୀ ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ଚାଷୀଙ୍କ ଇ-କେୱାଇସି ବ୍ୟବସ୍ଥା ଲାଗୁ କରିବାକୁ ବୈଠକରେ ବିଚାର ବିମର୍ଶ ହୋଇଛି। ଏହାଦ୍ୱାରା ରାଜ୍ୟର ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏହା ବ୍ୟତୀତ ଆଗାମୀ ସମୟରେ ଧାନ କିଣା ନିମନ୍ତେ ନୂତନ ନୀତି ଆଣିବାକୁ ସରକାର ବିଚାର କରୁଛନ୍ତି।

ସମ୍ପ୍ରତି ରାଜ୍ୟବାସୀଙ୍କ ନିଜସ୍ୱ ବିନିଯୋଗ ପାଇଁ ୨୭ ଲକ୍ଷ ମେଟ୍ରିକ ଟନର ଚାଉଳ ଆବଶ୍ୟକ ହୋଇଥାଏ। କିନ୍ତୁ ଓଡ଼ିଶାରେ ଚଳିତ ବର୍ଷ ଖରିଫ ଓ ରବି ଧାନକୁ ମିଶାଇ ମୋଟ ୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ସେଥିରୁ ହାରାହାରି ୬୩ ଲକ୍ଷ ମେଟ୍ରିକ ଟନ ଚାଉଳ ପ୍ରସ୍ତୁତ ହେବ। ଯାହା ରାଜ୍ୟର ଚାହିଦା ଠାରୁ ଅଧିକ। ବଳକା ଚାଉଳର ସୁପରିଚାଳନା ପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଧାନର କଟା ଅଂଶ ଏବଂ ଭଙ୍ଗା ଚାଉଳକୁ ରାଜ୍ୟରେ ଥିବା ଇଥାନଲ ପ୍ଲାଣ୍ଟକୁ ଦିଆଯାଇ ସେଥିରୁ ୨ଜି ଇଥାନଲ ପ୍ରସ୍ତୁତ ଲାଗି ବ୍ୟବସ୍ଥା କରାଯାଇଛି। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, କୃଷ୍ଣଚନ୍ଦ୍ର ପାତ୍ର, ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ସମୀକ୍ଷା କରିଛନ୍ତି।

# ଟୋକନ ଅବଧି ମାସେ ବୃଦ୍ଧି କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୩୦।୬ (ସୁନିତ୍ ମିଶ୍ର)


ଖବରଦାତା ସମ୍ମିଳନୀରେ ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା।

ରବିଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ସୋମବାର ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ୩୦ ଜୁନ୍‌ରେ ଶେଷ ହୋଇଛି। ଧାନକିଣା କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଟୋକନ ଅବଧିକୁ ଆଉ ଏକମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜେଡି ଦାବି କରିଛି।

ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଏବଂ ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରବିଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଶେଷ ହୋଇଛି, ହେଲେ ପ୍ରାୟ ୧,୫୬,୦୨୯ ମେଟ୍ରିକ୍ ଟନ୍ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ିରହିଛି। ଏହି ଧାନ ଉଠିବ କି ନାହିଁ, ସେନେଇ ସ୍ୱଚ୍ଛତା ନ ଥିବା ଯୋଗୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଟୋକନ ମାଧ୍ୟମରେ କିଣାଯାଉଥିବା ଧାନ ଛଡ଼ା ଚାଷୀମାନଙ୍କ ପାଖରେ ବଳକା ଧାନ ରହିଛି, ଏହାକୁ କିଣିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟୋକନ ଧାନ ଉଠିପାରି ନ ଥିବା ବେଳେ ବଳକା ଧାନର ସ୍ଥିତି କ'ଣ ରହିବ ସେନେଇ ମଧ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଜାରି କରାଯାଇନାହିଁ। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଅବଧି ଶେଷହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ୍ କାମ ଶେଷ ହୋଇଗଲେ ଧାନ ପରେ ଉଠାଯିବ। ମନ୍ତ୍ରୀଙ୍କ ଏହି ବିବୃତି ରାଜ୍ୟର ଚାଷୀଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଛି। ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ। କିନ୍ତୁ ମନ୍ତ୍ରୀଙ୍କ ବିବୃତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି ବୋଲି ସେ କହିଛନ୍ତି।

# ଭିଆଇପିଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ ଅପେକ୍ଷା କରାଇବା କେଉଁ ଅସ୍ମିତା: ସପ୍ତଗିରି

ଭୁବନେଶ୍ୱର,୩୦।୬ (ରବିନାରାୟଣ ଜେନା)


ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକା

ଓଡ଼ିଶାରେ ଭାଜପା ସରକାରଙ୍କ କାର୍ଯ୍ୟସୂଚୀରେ ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ ଶ୍ରୀଜଗନ୍ନାଥ ନୁହନ୍ତି ବୋଲି କଂଗ୍ରେସ କହିଛି। ସୋମବାର ଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟ 'ଇନ୍ଦିରା ଭବନ'ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକା କହିଛନ୍ତି, ଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କ ରଥଟଣା ନ ଯିବା କେଉଁ ଅସ୍ମିତା। ଭାଜପା ଶାସନକୁ ଆସିବାର ବର୍ଷେ ବିତିଲାଣି, ହେଲେ ରତ୍ନଭଣ୍ଡାର ଗଣତିମଣତି ହୋଇପାରିଲା ନାହିଁ। ଗତବର୍ଷ ବଡ଼ଠାକୁର ବଳଭଦ୍ର ମହାପ୍ରଭୁ ପଡ଼ିଗଲେ, ସେନେଇ ସରକାରଙ୍କ ତଦନ୍ତ ରିପୋର୍ଟ ଏଯାଏ ପ୍ରକାଶ ପାଇଲା ନାହିଁ। ଚଳିତଥର ରଥଯାତ୍ରାକୁ ସରକାର ଏକ ଦଳୀୟ ଇଭେଣ୍ଟରେ ପରିଣତ କରିଦେଲେ। ଫଳରେ ରଥଯାତ୍ରାରେ ସମ୍ପୂର୍ଣ୍ଣ ଅରାଜକତା ଦେଖାଦେଲା। ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଗୁଣ୍ଡିଚା ମନ୍ଦିର ଆଗରେ ତିନିଜଣଙ୍କ ପ୍ରାଣଗଲା। ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ କେବଳ କ୍ଷମାଭିକ୍ଷା କରି କାମ ସାରି ଦେଇଛନ୍ତି। ଜଗନ୍ନାଥଙ୍କ ପ୍ରସଙ୍ଗରେ ତାଙ୍କ ସରକାର ଭୁଲ୍ ପରେ ଭୁଲ୍ କରିଚାଲିଥିବାରୁ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଲେ ହିଁ ପ୍ରକୃତ ପ୍ରାୟଶ୍ଚିତ ହେବ। ଏଥିସହ ନୀଳାଦ୍ରି ବିଜେର ୧୦ ଦିନ ମଧ୍ୟରେ ଜିଲାଜଜ୍‌ଙ୍କ ଦ୍ୱାରା ଉକ୍ତ ଘଟଣାର ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

ଏହି ଅବସରରେ କଂଗ୍ରେସ ନେତା ଅରବିନ୍ଦ ଦାସ କହିଥିଲେ, ରଥଯାତ୍ରାର ମହାବିଭ୍ରାଟ ମନୁଷ୍ୟକୃତ ହୋଇଥିବା ବେଳେ 'ସବୁ ପ୍ରଭୁଙ୍କ ଇଚ୍ଛା' ବୋଲି କହି ଆଇନମନ୍ତ୍ରୀ ଖସିଯିବାକୁ ଚେଷ୍ଟା କରୁଛନ୍ତି। ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦିଅନ୍ତୁ।

## କଂଗ୍ରେସର ୩୫ ନୂଆ ମଧ୍ୟବର୍ତ୍ତିକାଳୀନ ଜିଲା ସଭାପତି

ଭୁବନେଶ୍ୱର, ୩୦।୬ (ରବିନାରାୟଣ ଜେନା)

ରାଜ୍ୟ କଂଗ୍ରେସ ପକ୍ଷରୁ ୩୫ ସାଙ୍ଗଠନିକ ଜିଲାର ମଧ୍ୟବର୍ତ୍ତିକାଳୀନ ସଭାପତିଙ୍କ ନାମ ଘୋଷଣା ହୋଇଛି। ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଅନୁଗୋଳ ଜିଲା ସଭାପତି ଭାବେ ଇଂ. ଅମ୍ବିକା ପ୍ରସାଦ ଭଞ୍ଜ ନିଯୁକ୍ତ ହୋଇଥିବାବେଳେ ବାଲେଶ୍ୱର ପାଇଁ ସଞ୍ଜୀବ ଗିରି, ବରଗଡ଼- ହରଦୀପ ସିଂ, ଭଦ୍ରକ- ଅସୀତ ପଟ୍ଟନାୟକ, ଭୁବନେଶ୍ୱର- ବିଶ୍ୱଜିତ ଦାସ, ବୌଦ୍ଧ-ନବ କୁମାର ମିଶ୍ର ଓ କଟକ(ସିଟି) ପାଇଁ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ନିଯୁକ୍ତ ହୋଇଛନ୍ତି। ସେହିପରି କଟକ ଜିଲା ପାଇଁ ପ୍ରଦୀପ୍ତ କୁମାର ଦାସ ସଭାପତି ଭାବେ ନିଯୁକ୍ତ ହୋଇଥିବାବେଳେ ଦେବଗଡ଼- ସେମ୍ ହେମ୍ବ୍ରମ, ଢେଙ୍କାନାଳ- ଛବିରାଜ ବିଶ୍ୱାଳ, ଗଜପତି- ଦାଶରଥି ଗମାଙ୍ଗୋ, ଗଞ୍ଜାମ (ପୂର୍ବ) -ଦେବକାନ୍ତ ଶର୍ମା, ଜଗତ୍‌ସିଂହପୁର- ନଟବର ବାରିକ, ଯାଜପୁର- ମନୋଜ ରାଉତ, ଝାରସୁଗୁଡ଼ା- ଜୀବନ ସାର୍ଥକ ଦାସ, କଳାହାଣ୍ଡି-ଜଳନ୍ଧର ନାୟକ, କନ୍ଧମାଳ- ଚନ୍ଦ୍ର ପରିଡ଼ା, କେନ୍ଦ୍ରାପଡ଼ା- ପ୍ରଫୁଲ୍ଲ ଦାସ, କେନ୍ଦୁଝର- ସଙ୍ଗୀତା ସିଂ, ଖୋର୍ଦ୍ଧା- ରାଜୀବ ପଟ୍ଟନାୟକ, କୋରାପୁଟ- ଶଶୀଭୂଷଣ ପାତ୍ର, ମାଲକାନଗିରି- ଜି. ଶ୍ରୀନିବାସ ରାଓ, ମୟୂରଭଞ୍ଜ (ପୂର୍ବ)- ଅରବିନ୍ଦ ଦାସ, ପଶ୍ଚିମ- ଭୁବନ ବିହାରୀ ସାହୁ, ନୟାଗଡ଼- ସତ୍ୟବ୍ରତ ନାୟକ, ନୂଆପଡ଼ା- ଘାସିରାମ ମାଝୀ, ପୁରୀ- ରାଜେଶ ମିଶ୍ର, ରାୟଗଡା- ଦୁର୍ଗା ପ୍ରସାଦ ପଣ୍ଡା, ରାଉରକେଲା- ଜ୍ଞାନେନ୍ଦ୍ର ଦାସ, ସମ୍ବଲପୁର- ଦୁର୍ଗା ପାଢ଼ୀ, ସୁବର୍ଣ୍ଣପୁର- ବିନୋଦ ପାତ୍ର, ସୁନ୍ଦରଗଡ଼- ନିର୍ମଳ ନାୟକ ପ୍ରମୁଖ ନିଯୁକ୍ତ ହୋଇଛନ୍ତି। ବଲାଙ୍ଗୀର, ଗଞ୍ଜାମ(ପଶ୍ଚିମ) ଓ ନବରଙ୍ଗପୁର ପାଇଁ ଷ୍ଟିୟରିଂ କମିଟିକୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି।

## ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ଫୁଲବାଣୀ/ବାଲିଗୁଡ଼ା,୩୦।୬ (ସଞ୍ଜୟ କୁମାର ପାଣିଗ୍ରାହୀ/ ରାକେଶ କୁମାର ରାଉତ)

ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲା ପୋଲିସକୁ ସୋମବାର ଏକ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଗୁଳି, ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀ ଦ୍ୱୟ ହେଲେ ମଙ୍କୁ ଏବଂ ଚନ୍ଦନ। ମଙ୍କୁ ହେଉଛନ୍ତି କନ୍ଧମାଳ ଜିଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି। ଉଭୟଙ୍କ ମୃତଦେହ ଜବତ କରାଯାଇଛି। ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍‌ର ମିଳିତ ଅପରେଶନ ଜାରି ରହିଛି।

# ଅବଧି ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କର: କେନ୍ଦ୍ର

**ନ ହେଲେ ମିଳିବନି ସହାୟତା**

ଭୁବନେଶ୍ୱର,୩୦।୬ (ରବିନାରାୟଣ ଜେନା)

ରାଜ୍ୟରେ ପଞ୍ଚଦଶତମ ଅର୍ଥ ଆୟୋଗଙ୍କ ସୁପାରିସ ପୂର୍ବରୁ ଜାରିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ବିଳମ୍ବ ହେଲେ ବକେୟା ଅର୍ଥ ମିଳିବ ନାହିଁ। ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଦରକାର। ନହେଲେ ପଞ୍ଚଦଶତମ ଅର୍ଥ ଆୟୋଗଙ୍କ ପୂର୍ବରୁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକରେ ବକେୟା ଅର୍ଥ ମାର୍ଚ୍ଚ ୨୦୨୬ ପରେ ଆଉ ଦିଆଯିବ ନାହିଁ। ଏହିଭଳି ଏକ କଡ଼ା ତାଗିଦ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆସିଛି।

କେନ୍ଦ୍ର ଜଳସମ୍ପଦ ନଦୀ, ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟ ପକ୍ଷରୁ ବରିଷ୍ଠ ଯୁଗ୍ମଆୟୁକ୍ତ ଏସ୍.ଏଲ୍. ମୀନା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଜଳସେଚନ ପ୍ରକଳ୍ପଗୁଡ଼ିକ ସମୟସୀମା ମଧ୍ୟରେ ଶେଷ କର। ନହେଲେ ଏହା ଚାଲୁ ରହିବା ଦ୍ୱାରା ଅନାବଶ୍ୟକ ଆର୍ଥିକ ବୋଝ ସୃଷ୍ଟି ହେଉଛି। ଏଥିସହିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ମରାମତି, ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ଅବଧି ସାଧାରଣତଃ ଯୋଜନା ଅନ୍ତର୍ଭୁକ୍ତ ହେବାର ବର୍ଷକୁ ବାଦ୍ ଦେଇ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବା କଥା। ମାତ୍ର ବିଭିନ୍ନ କାରଣରୁ ଅନେକ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ ହୋଇପାରୁନାହିଁ, ଯାହା ଫଳରେ ଖର୍ଚ୍ଚ ପରିମାଣ ବୃଦ୍ଧି ପାଉଛି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ସହାୟତାର ପରିମାଣ ସଂଶୋଧନ ପାଇଁ କୌଣସି ବ୍ୟବସ୍ଥା ନାହିଁ, ଯାହା ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ ପାଇଁ ଅର୍ଥ ସଙ୍କଟ ଦେଖାଦେଉଛି। ତଥାପି, ଏହି ଯୋଜନାଗୁଡ଼ିକ ଜାରି ରହୁଛି, ଏଥିଲାଗି ଅନାବଶ୍ୟକ ଆର୍ଥିକ ବୋଝ ସୃଷ୍ଟି ହେଉଛି ବୋଲି ଯୁଗ୍ମ ଆୟୁକ୍ତ(କ୍ଷୁଦ୍ର ଜଳସେଚନ) ଚିନ୍ତାବ୍ୟକ୍ତ କରି ଦର୍ଶାଇଛନ୍ତି। ଏହାସହ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା(ପିଏମ୍‌କେଏସ୍‌ୱାଇ) ପଞ୍ଚଦଶତମ ଅର୍ଥ ଆୟୋଗ ଅବଧି ଅର୍ଥାତ୍ ୨୦୨୧-୨୬ ପାଇଁ ଅନୁମୋଦିତ। ହେଲେ ଏବେ ବି ଏହା କେତେକ ସ୍ଥାନରେ ଚାଲୁ ରହିଛି। ତେବେ ଏହି ଯୋଜନାଗୁଡ଼ିକର ସମାପ୍ତି ପାଇଁ କେତେ ଅର୍ଥ ଆବଶ୍ୟକ, ସେ ସମ୍ପର୍କିତ ତଥ୍ୟ ପଠାଇବାକୁ କୁହାଯାଇଛି। ଯଦି ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ହସ୍ତଗତ ନ ହୁଏ, ତେବେ ଏହା ଧରାଯିବ ଯେ ୧୫ତମ ଅର୍ଥ କମିଶନ ପୂର୍ବରୁ ଆରମ୍ଭ ହୋଇ ଦୀର୍ଘଦିନ ଧରି ଚାଲୁଥିବା ଯୋଜନାପାଇଁ ଚଳିତ ଆର୍ଥିକ ବର୍ଷରେ ପୂର୍ଣ୍ଣ କେନ୍ଦ୍ରୀୟ ସହାୟତାର ଆବଶ୍ୟକତା ନାହିଁ। ଏହି ଯୋଜନା ପାଇଁ ବ୍ୟବସ୍ଥାପିତ ଅର୍ଥ ଅନ୍ୟ ଯୋଜନା ଲାଗି ବ୍ୟବହୃତ ହୋଇପାରିବ। ଏହା ସହିତ, ସମ୍ପୂର୍ଣ୍ଣ କେନ୍ଦ୍ରୀୟ ସହାୟତା ପ୍ରସ୍ତାବ ଯଥାଶୀଘ୍ର ସମ୍ପୃକ୍ତ କେନ୍ଦ୍ରୀୟ ଜଳ କମିଶନର ଆଞ୍ଚଳିକ କାର୍ଯ୍ୟାଳୟକୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅତିରିକ୍ତ ପୋଲିସ କମିଶନରଙ୍କ ନାଁରେ ଯୁବ କଂଗ୍ରେସର ଥାନାରେ ଏତଲା

**ଗୋଡ଼ ବାଡ଼େଇ ଭାଙ୍ଗିବା ପ୍ରସଙ୍ଗ**

ଭୁବନେଶ୍ୱର,୩୦।୬ (ରବିନାରାୟଣ ଜେନା)

ଯୁବ କଂଗ୍ରେସ ପକ୍ଷରୁ ରବିବାର ଆନ୍ଦୋଳନ ସମୟରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ କର୍ମୀଙ୍କୁ ବାରିକେଡ୍ ଡେଇଁଲେ ଗୋଡ଼ ବାଡ଼େଇ ଭାଙ୍ଗିବାକୁ ଧମକ ଦେଲେ ବୋଲି ଅଭିଯୋଗ କରି କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି।

ସୋମବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦେଇଥିବା ଏତଲାରେ କହିଛନ୍ତି, ଯଦି ନରସିଂହ ଭୋଳଙ୍କ ବିରୋଧରେ ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଯୁବକଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ସେ କହିଛନ୍ତି, ରବିବାର ପ୍ରାୟ ଅପରାହ୍ନ ୫ଟା ବେଳେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପୁରୀ ରଥଯାତ୍ରା ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା, ଦଳାଚକଟାରେ ତିନିଜଣ ଭକ୍ତଙ୍କ ମୃତ୍ୟୁ, ପ୍ରାୟ ୫୦ ଭକ୍ତଙ୍କର ଗୁରୁତର ଆହତ ଅବସ୍ଥା ଏବଂ ବିଶେଷ କରି ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ରଥଟଣା ବନ୍ଦ ପ୍ରଭୃତି ପ୍ରସଙ୍ଗରେ ଏହି ବିକ୍ଷୋଭ କରାଯାଇଥିଲା। ତେବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ କହିଥିଲେ, ଯେଉଁ ଆନ୍ଦୋଳନକାରୀମାନେ ବାରିକେଡ୍ ଡେଇଁବେ ସେମାନଙ୍କ ଗୋଡ଼ ବାଡ଼େଇ ଭାଙ୍ଗିଦେବ। ସେ ଆହୁରି ମଧ୍ୟ କହିଥିଲେ, ଯିଏ ଗୋଡ଼ ବାଡ଼େଇ ଭାଙ୍ଗି ଦେବ ତାକୁ ପୁରସ୍କାର ମିଳିବ। ଏସିପି ଭୋଳଙ୍କର ଏହି ନିର୍ଦ୍ଦେଶ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି।

ରଣଜିତ କହିଛନ୍ତି, ଯଦି ଯୁବକଂଗ୍ରେସ କର୍ମୀମାନେ ବାରିକେଡ୍ ନିକଟରେ ଆସି ଆନ୍ଦୋଳନ କରିଥାନ୍ତେ ତେବେ ଭୋଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠାରେ ଥିବା ପୋଲିସ କର୍ମଚାରୀମାନେ ଯୁବ କଂଗ୍ରେସ କର୍ମୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥାନ୍ତେ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଜଣେ ପୋଲିସ ଅଫିସର ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବଦଳରେ ତାଙ୍କର ନିର୍ଦ୍ଦେଶ ପରିସ୍ଥିତିକୁ ଅଶାନ୍ତ କରିବାପାଇଁ ଉଦ୍ଦିଷ୍ଟ ଥିଲା। ଭୋଳଙ୍କ ନିର୍ଦ୍ଦେଶ ପଛରେ ବର୍ବରୋଚିତ କାଣ୍ଡ ଭିଆଇବା ଘଟଣା ଭଳି ଷଡ଼ଯନ୍ତ୍ର ଲୁଚି ରହିଛି। ତେଣୁ ତାଙ୍କ ବିରୋଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି ବୋଲି ରଣଜିତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର ଓ ମନୋଜ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଆରୋଗ୍ୟଦାତାଙ୍କୁ ସୁସ୍ଥ ରଖିବା

**ଆଜି ଜାତୀୟ ଚିକିତ୍ସକ ଦିବସ**

ଚିକିତ୍ସକମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏପରି କୌଣସି ବ୍ୟକ୍ତି ନାହାନ୍ତି ଯେଉଁମାନଙ୍କର କି କୌଣସି ପ୍ରକାର ଡାକ୍ତରୀ ଚିକିତ୍ସା ବା ପରାମର୍ଶର ଆବଶ୍ୟକ ପଡ଼ିନାହିଁ। ୧୯୧୦ ମସିହା ବେଳକୁ ଶହେ ଜଣରେ ମାତ୍ର ୭ ଜଣ ଚିକିତ୍ସକ ଦରକାର ପଡୁଥିଲେ। କିନ୍ତୁ ଏବେ ଶହେ ଜଣରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଚିକିତ୍ସକ ଦରକାର ପଡୁଛନ୍ତି। ଡାକ୍ତରମାନେ କେବଳ ରୋଗର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର (ଅପରେଶନ) କରନ୍ତି ନାହିଁ, ରୋଗ କେମିତି ହେବନାହିଁ ତାହାର ବ୍ୟବସ୍ଥା ମଧ୍ୟ କରିଥାଆନ୍ତି। ଆଗରୁ କୁହାଯାଉଥିଲା 'ରୋଗର ପ୍ରତିଷେଧକ ହେଉଛି ଏହାର ଚିକିତ୍ସା।' କିନ୍ତୁ ଏବେ କୁହାଯାଉଛି 'ରୋଗର ପ୍ରତିଷେଧକ ହିଁ ହେଉଛି ରୋଗର ପ୍ରକୃତ ଚିକିତ୍ସା।'

ସାଧାରଣତଃ ଡାକ୍ତରମାନେ ଅନ୍ୟମାନଙ୍କ ଅପେକ୍ଷା ଦୀର୍ଘ ସମୟ ଧରି ଓ ଅସମୟରେ କାମ କରିଥାଆନ୍ତି। ଛୁଟି ଓ ପର୍ବପର୍ବାଣିରେ ଏମାନଙ୍କର କାମ ବଢ଼ିଯାଇଥାଏ ଏବଂ ଏମାନେ ପରିବାର, ମାତାପିତା ଓ ପିଲାମାନଙ୍କ ପାଇଁ ଅଧିକ ସମୟ ଦେଇପାରନ୍ତି ନାହିଁ। ରୋଗୀମାନେ ସାଧାରଣତଃ ଉଦ୍‌ବେଗ ଓ ଆଶଙ୍କାରେ ରହିଥାଆନ୍ତି। ସେମାନଙ୍କ ସହ ଓ ସେମାନଙ୍କର ଆତ୍ମୀୟମାନଙ୍କ ସଙ୍ଗେ ସହୃଦୟତାର ସହିତ ବ୍ୟବହାର କରିବାକୁ ପଡ଼ିଥାଏ ଓ ସବୁ ସମୟରେ ରୋଗୀକୁ ଆରୋଗ୍ୟ କରିବା ଓ ଜୀବନ ରକ୍ଷା କରିବା ସମ୍ଭବ ହୋଇ ନ ଥାଏ, ଯାହାକି କେହି କେବେ ଚାହିଁ ନ ଥାନ୍ତି। ଅନେକ ସମୟରେ ଏଥିପାଇଁ ଅପ୍ରୀତିକର ପରିସ୍ଥିତି, ଗଣ୍ଡଗୋଳ ଓ ଡାକ୍ତରଙ୍କ ଉପରେ ଆରୋପ ଏବଂ ଆକ୍ରମଣ ହୋଇଥାଏ। ଜଟିଳ କ୍ଷେତ୍ରରେ ସମ୍ବେଦନା ଓ ଉପଯୁକ୍ତ ଚିକିତ୍ସା ବିଧାନକଲେ ମଧ୍ୟ ଲୋକମାନେ ସନ୍ତୁଷ୍ଟ ହୋଇ ନ ଥାନ୍ତି।



ଡାକ୍ତରଙ୍କୁ ପ୍ରତ୍ୟେକ ଦିନ ଓ ସବୁ ସମୟରେ ଚିକିତ୍ସା ବିଜ୍ଞାନ ଓ ନୂଆ ନୂଆ କଥାର ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ। ଫଳରେ ଜଣେ ଡାକ୍ତର ସବୁ ସମୟରେ ଜଣେ ଛାତ୍ର ଅବସ୍ଥାରେ ଥାଏ। ଏଥିଲାଗି ଡାକ୍ତର ଓ ରୋଗୀର ସମ୍ପର୍କ ପରସ୍ପର ବିଶ୍ୱାସ ଏବଂ ଭରସା ଉପରେ ପ୍ରତିଷ୍ଠିତ ହେବା ଉଚିତ। ୧୯୯୧ ମସିହାରୁ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ 'ଜାତୀୟ ଡାକ୍ତର ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଲାଗି ଚଳିତ ବର୍ଷର ବାର୍ତ୍ତା ରହିଛି- ''ଯେଉଁମାନେ ଆମକୁ ଆରୋଗ୍ୟ କରୁଛନ୍ତି ଆମେ ସେମାନଙ୍କୁ ମଧ୍ୟ ସୁସ୍ଥ ଓ ସ୍ୱାଚ୍ଛନ୍ଦରେ ରଖିବା। ଏହି ଦିନଟି ଭାରତରତ୍ନ ତଥା ମହାନ୍ ଚିକିତ୍ସକ ଡା. ବିଧାନ ଚନ୍ଦ୍ର ରାୟଙ୍କର ଜନ୍ମ ଏବଂ ତିରୋଧାନ ଦିବସ (ଜନ୍ମ-ଜୁଲାଇ ୧, ୧୮୮୨, ତିରୋଧାନ- ଜୁଲାଇ ୧, ୧୯୬୨)। ପାଳନ କରାଯାଇଆସୁଅଛି।

**-ଡା. ରାମଚନ୍ଦ୍ର ରାଉତ,**
ମୋ : ୮୨୪୯୦୮୭୯୯୫



“ମଧ୍ୟଯୁଗ ଏକ ରାତ୍ରି ଥିଲା । ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ । ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ । ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ । -ଶ୍ରୀଅରବିନ୍ଦ

# ଜନ ଓ ଗଣନା

ଭାରତର ଜନଗଣନା ୨୦୧୧ରେ ଶେଷଥର ପାଇଁ ହୋଇଥିଲା ଓ ସେହି ଅନୁଯାୟୀ ଦେଶର ଲୋକ ସଂଖ୍ୟା ପାଖାପାଖି ୧୨୧ କୋଟି ଥିଲା । ଜାତିସଂଘ ତଥ୍ୟ ଅନୁଯାୟୀ, ଏହି ସଂଖ୍ୟା ୧୪୨ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚି କେବେଠାରୁ ଚାଇନାକୁ ଟପିଗଲାଣି । ବେସରକାରୀ ଭାବେ ଭାରତର ଜନସଂଖ୍ୟା ୧୫୦ କୋଟି ହେବ ବୋଲି କୁହାଯାଉଛି । ୨୦୧୧ ପରବର୍ତ୍ତୀ ଜନଗଣନା ୨୦୨୧ରେ ହୋଇଥାଆନ୍ତା । କିନ୍ତୁ ଏହାକୁ ବନ୍ଦ କରାଗଲା ଓ ଏହାର କାରଣ କୋଭିଡ୍ ମହାମାରୀ ବୋଲି ସରକାରୀ ଭାବେ କୁହାଗଲା । ମହାମାରୀ ଯିବାର ୩ବର୍ଷରୁ ଅଧିକ ସମୟ ବିତଗଲା ପରେ ନିକଟରେ କେନ୍ଦ୍ର ସରକାର ଜନଗଣନା ସହ ଜାତିଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦେଖିବାକୁ ଗଲେ ୨୦୨୦ ମାର୍ଚ୍ଚ ପରେ ବିଶ୍ୱର ୧୪୩ଟି ଦେଶ ସେମାନଙ୍କ ଜନଗଣନା ଶେଷ କରିଥିବାବେଳେ ଭାରତ ଜନଗଣନା କରି ନ ପାରି ୟେମେନ, ଆଫଗାନିସ୍ତାନ, ସିରିଆ, ୟୁକ୍ରେନ ଏବଂ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ସହ ତାଲିକାଭୁକ୍ତ ହୋଇଗଲା । ତେବେ ୧୪ ବର୍ଷ ପରେ ୧ ଏପ୍ରିଲ ୨୦୨୬ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବାକୁ ଯାଉଛି ବୋଲି ୨୯ ଜୁନ୍ ୨୦୨୫ରେ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା ଆୟୁକ୍ତ ସୂଚନା ଦେଇଛନ୍ତି । ଏହି ପର୍ଯ୍ୟାୟରେ ଗୃହଗଣନା କରାଯାଇ ତାଲିକାଭୁକ୍ତ କରାଯିବ । ଏଥିରେ ଘରର ଅବସ୍ଥା, ପରିବାରର ସମ୍ପତ୍ତି ଓ ପାଉଥିବା ସୁବିଧା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ । ଏହାପରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ୧ ଫେବୃଆରୀ ୨୦୨୭ରେ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ ।

ସାଧାରଣରେ ଜନଗଣନା ମାଧ୍ୟମରେ ଅର୍ଥ ବ୍ୟବସ୍ଥା ଓ ସମାଜର ବ୍ୟାପକ ପରିସଂଖ୍ୟାନଗତ ଅଧ୍ୟୟନ କରାଯାଇଥାଏ ଏବଂ ସେଥିରୁ ବିଶ୍ୱସନୀୟ ତଥ୍ୟ ମିଳେ । ସାର୍ବଜନୀନ ନୀତି ପ୍ରଣୟନ ନିମନ୍ତେ ଏହିସବୁ ଆଧାର ହୋଇଥାଏ । ଦେଶରେ ଦୀର୍ଘବର୍ଷ ହେଲା ତଥ୍ୟ ଅଭାବ ଯୋଗୁ ଅନେକ ସମସ୍ୟା ଦେଖା ଦେଉଛି । ଉଦାହରଣ ସ୍ୱରୂପ, ଜନଗଣନା ବିଳମ୍ବ ହେତୁ ନ୍ୟାଶନାଲ କଞ୍ଜପଶନ ଏକ୍ସପେଣ୍ଡିଚର ସୂଚକାଙ୍କ ସର୍ଭେ ପାଇଁ ପୁରୁଣା ଅର୍ଥାତ୍ ୨୦୧୧-୧୨ ତଥ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଆର୍ଥିକ ତଥ୍ୟ ନ ରହିବା ଦ୍ୱାରା ଜିଡିପି, ନିଯୁକ୍ତି ହାର ଓ ମୁଦ୍ରାସ୍ଫୀତି ଭଳି ଆକଳନ ସମ୍ପର୍କରେ ଯେତେ ତଥ୍ୟ ଓ ସଂଖ୍ୟା ପ୍ରକାଶ ପାଉଛି, ତାହା ସବୁ ବାସ୍ତବତା ଆଧାରିତ ହେଉ ନାହିଁ ବୋଲି ଅଭିଯୋଗ ହେଉଛି । ଜନଗଣନା ତଥ୍ୟ ମଧ୍ୟ ସମ୍ବଳ ସମବଣ୍ଟନ ପାଇଁ ଅପରିହାର୍ଯ୍ୟ । ଜନଗଣନାରେ ବିଳମ୍ବ ଯୋଗୁ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥିବା ସର୍ଭେ ଭରସାଯୋଗ୍ୟ ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ଜନଗଣନା କରାଇବାକୁ ବିଳମ୍ବରେ ହେଉ ପଛେ ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ । କିନ୍ତୁ ସରକାର ଯେଉଁ ସବୁ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ତାହାର ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ । ଏହା ସତ୍ୟ ଯେ, ପରିବାରଗୁଡ଼ିକରୁ ଠିକ୍ ତଥ୍ୟ ମିଳିପାରିଲେ ତାହା ଦେଶର ଆର୍ଥିକ ଓ ସାମାଜିକ ପରିସଂଖ୍ୟାନ ପାଇଁ ଉପଯୋଗୀ ହୋଇପାରନ୍ତା । ତାହାକୁ ଆଧାର କରି ନୀତି ନିର୍ଦ୍ଧାରଣ ସହଜ, ସମୟୋପଯୋଗୀ ତଥା ଲକ୍ଷ୍ୟ ହାସଲରେ ସାହାଯ୍ୟ କରନ୍ତା । କିନ୍ତୁ ଦେଖାଯାଉଛି ସାଧାରଣ ଲୋକ ତଥ୍ୟ ଦେବା ବେଳେ ଅନେକ ସମୟରେ ଭୁଲ ସୂଚନା ଦେଉଛନ୍ତି । ନିଜର ଆୟ ସ୍ତରକୁ କମାଇ ଦେଲେ ଗରିବ ଭାବେ ନିଜକୁ ଦର୍ଶାଇ ଅଧିକ ସୁବିଧା ଓ ସୁଯୋଗ ପାଇପାରିବେ ବୋଲି ଅନେକେ ଧରି ନେଇଛନ୍ତି । ସେହିପରି ସଂରକ୍ଷଣ ଓ ଅଧିକ ପ୍ରତିଶତ ଦିବ୍ୟାଙ୍ଗ ବର୍ଗରେ ସାମିଲ ହେବା ପାଇଁ ମଧ୍ୟ କେତେ କୌଶଳ ଆପଣାଯାଉଥିବା ଶୁଣିବାକୁ ମିଳେ । ଫଳରେ ସାମାଜିକ ଓ ଆର୍ଥିକ ସ୍ଥିତି ଠିକ୍ ଭାବେ ଜଣାପଡ଼େ ନାହିଁ । ବାସ୍ତବ ତଥ୍ୟ ଉପଲବ୍ଧ ହେଉ ନ ଥିବାରୁ ଯୋଜନା ପ୍ରଣୟନ ଓ ତାହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି ।

ଏହି ପରିପ୍ରେକ୍ଷୀରେ ଜନଗଣନାକୁ ଦେଖିଲେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଏଥିରେ ଜାତିଭିତ୍ତିକ ଜନଗଣନା ଦାବି କରୁ ଆସୁଥିଲେ । ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା । ଭାଜପା ଏହାଠାରୁ ଦୂରେଇ ରହିଥିଲେ ମଧ୍ୟ ଭୋଟବ୍ୟାଙ୍କକୁ ଦେଖି ଏବେ ସବୁଠାରୁ ଆଗରେ ସାମିଲ ହୋଇଯାଇଛି । ସେହିପରି ବିହାରରେ ଆଗକୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ ବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ଆରମ୍ଭ କରିଛନ୍ତି । ଏହା ଗଣତନ୍ତ୍ରର ମୂଳ ତତ୍ତ୍ୱକୁ ଦୁର୍ବଳ କରିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି । କାରଣ ବିହାରରେ ପାଖାପାଖି ୨ କୋଟି ୯୩ ଲକ୍ଷ ଲୋକଙ୍କ ଜନ୍ମ ଓ ପୈତୃକ ସ୍ଥିତିର ମୂଳ ପ୍ରମାଣ ଖୋଜାଯିବ । ଯେଉଁମାନଙ୍କ ନାମ ଭୋଟର ତାଲିକାରେ ଅଛି ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ । କିନ୍ତୁ ଯେଉଁମାନେ ନୂଆକରି ଭୋଟର ତାଲିକାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିଜର, ମାତାପିତା ଓ ପୂର୍ବଜଙ୍କ ଜନ୍ମଠାରୁ ଆରମ୍ଭ କରି ସବୁ ତଥ୍ୟ ସରକାରଙ୍କୁ ପ୍ରମାଣ ଭାବେ ଯୋଗାଇବାକୁ ପଡ଼ିବ । ସମସ୍ୟା ହେଲା ଏହିସବୁ ତଥ୍ୟ ସରକାରୀ ସ୍ତରରେ ମଧ୍ୟ ମିଳିବା କଷ୍ଟକର । ତେଣୁ ଅନେକ ଲୋକ ଭୋଟର ତାଲିକାରୁ ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଗଲାଣି । ଏହା ମଧ୍ୟ କୁହାଯାଉଛି ଯେ, କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ଏଥିରେ ବାଦ୍ ପକାଇବା ଲାଗି ଚେଷ୍ଟା ଚାଲିଛି । ଏଥିରୁ ରାଜନୀତି ସ୍ପଷ୍ଟ ବାରିହୋଇ ପଡୁଛି । ଆଜିର ସ୍ଥିତିରେ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ନିର୍ବାଚନ କମିଶନ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ଲାଗି ପଦକ୍ଷେପ ନେବାର ଆବଶ୍ୟକତା ଥିବା ବେଳେ ଜନଗଣନା ଆୟୁକ୍ତ ମଧ୍ୟ ତ୍ରୁଟିଶୂନ୍ୟ ତଥ୍ୟ ସଂଗ୍ରହ କରାଇବାରେ ବ୍ୟବସ୍ଥା କରିବା ଉଚିତ । ଏଥିରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ସହ ବାସ୍ତବ ତଥ୍ୟ ରୂପାୟନ ହୋଇପାରିଲେ ଯୋଜନାଗୁଡ଼ିକ ଫଳପ୍ରଦ ହୋଇପାରନ୍ତା ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | |
| | | 9 | 5 | | | | | |
| | | 4 | | | | 7 | | 1 |
| | 4 | 2 | | 8 | | | 7 | 6 |
| | | | | 6 | | | | |
| | 8 | 3 | | | 9 | 1 | | |
| 9 | 5 | | | | 3 | | 8 | |
| 7 | | 1 | | | | 3 | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 8 | 9 | 7 | 1 | 4 | 5 | 6 |
| 4 | 9 | 5 | 6 | 8 | 2 | 3 | 7 | 1 |
| 7 | 6 | 1 | 3 | 5 | 4 | 2 | 8 | 9 |
| 3 | 8 | 4 | 7 | 6 | 9 | 5 | 1 | 2 |
| 6 | 5 | 7 | 2 | 1 | 8 | 9 | 4 | 3 |
| 9 | 1 | 2 | 4 | 3 | 5 | 8 | 6 | 7 |
| 1 | 2 | 9 | 5 | 4 | 6 | 7 | 3 | 8 |
| 8 | 4 | 3 | 1 | 9 | 7 | 6 | 2 | 5 |
| 5 | 7 | 6 | 8 | 2 | 3 | 1 | 9 | 4 |

ଗତକାଲିର ଉତ୍ତର

# ଶହେବର୍ଷର ଆହ୍ୱାନ



ବିଚିତ୍ର ବିଶ୍ୱାଳ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଶହେ ବର୍ଷ ପୂର୍ତ୍ତି ହେବାକୁ ଆଉ ଏଗାର ବର୍ଷ ବାକି ଅଛି । ଗୋଟିଏ ପ୍ରଦେଶକୁ ଶହେ ବର୍ଷ ପୂରଣ ହେବା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ । ଏହି ଅବସରରେ ରାଜ୍ୟ ସରକାର, ରାଜନୈତିକ ଦଳ ଓ ବିଭିନ୍ନ ସଙ୍ଗଠନମାନଙ୍କ ତରଫରୁ ଓଡ଼ିଶା ଶହେବର୍ଷକୁ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କିନ୍ତୁ ପ୍ରଶ୍ନ ଉଠୁଛି, ଓଡ଼ିଶା ଶହେବର୍ଷକୁ କେବଳ କ'ଣ ଗୋଟେ ଉତ୍ସବ ଭାବେ ପାଳନ କରାଯିବ ନା ବାସ୍ତବ ଅର୍ଥରେ ଏକ ସଂପନ୍ନ ତଥା ବିକଶିତ ଓ ଅସଲ ଉପଲବ୍ଧିକୁ ପାଳନ କରାଯିବ! ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ହିସାବ କଲେ ଆଜି ଅଣାନବେ ବର୍ଷରେ ପହଞ୍ଚିଥିବା ଓ ପ୍ରତିଦିନର ଖବରକାଗଜ ଖୋଲିଲେ ଆମ ଓଡ଼ିଶା ଅବସ୍ଥା ଯାହା ଦିଶୁଛି, ଖବରକୁ ଆସିପାରୁ ନ ଥିବା ଆହୁରି ଅନେକ ଘଟଣାକୁ ମିଶାଇଲେ ତା'ର ଦୁଃଖଦ ପରିସ୍ଥିତି ସ୍ପଷ୍ଟ ବିଦ୍ୟମାନ । ଦେଶ ଓ ରାଜ୍ୟ ଅର୍ଥନୈତିକ ପ୍ରଗତିର ଢେଙ୍କୁରା ପିଟୁଥିବା ବେଳେ ଓ ଗାଁ ଲୋକମାନେ ଚୁଆପାଣି ପିଇବା, ବିନା ବିଜୁଳିରେ କାଳ କାଟିବା, ଗର୍ଭବତୀ ମହିଳା ଭାରରେ ବୁହା ହୋଇ ଡାକ୍ତରଖାନା ଯିବା, ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରିବା, ରୋଜଗାର ପାଇଁ ଲକ୍ଷ ଲକ୍ଷ ଯୁବକ ଦାଦନ ଯିବା, ଋଣ ଭାରରେ ଚାଷୀ ଆତ୍ମହତ୍ୟା କରିବା, ସରକାରୀ ବିଦ୍ୟାଳୟରେ ଛାତ୍ରଙ୍କ ସଂଖ୍ୟା କମିବା, ପ୍ରାକୃତିକ ସମ୍ପଦର ଆଖିବୁଜା ଶୋଷଣ ହେବା ଓ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି । ଏଇ ସବୁ ଘା'କୁ ଦେହରେ ବୁହାଇ ଓଡ଼ିଶା କ'ଣ ନିଜର ଶହେତମ ଜନ୍ମଦିବସ ପାଳନ କରିପାରିବ? ଶହେତମ ସ୍ୱନକ୍ଷତ୍ର ପାଳନ କରିବା ବେଳକୁ ଆମେ କ'ଣ ଓଡ଼ିଶାର ଏ ରୂପକୁ ବଦଳେଇପାରିବା ନାହିଁ? ଆସନ୍ତା ଏଗାର ବର୍ଷରେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇପାରିବ କି?

ସଂପ୍ରତି ରାଜ୍ୟ ସରକାର ଶହେ ବର୍ଷର ଓଡ଼ିଶା ୨୦୩୬ ପାଇଁ ଏକ ଭିଜନ ଦସ୍ତାବିଜ ପ୍ରସ୍ତୁତ କରି ପ୍ରକାଶିତ କରିଛନ୍ତି । ଏହି ଭିଜନ ଦସ୍ତାବିଜ ସେତେବେଳେ ପ୍ରକାଶ ହୋଇଛି, ଯେତେବେଳେ ସାରା ଓଡ଼ିଶା ଯାଜପୁରଠୁ ସୁନ୍ଦରଗଡ଼ଯାଏ ହଇଜା ଆତଙ୍କରେ ଆତଙ୍କିତ । ଗୋପାଳପୁରରେ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାରର ଶିକାର ହୋଇଛନ୍ତି । ଗଞ୍ଜାମ ଜିଲାରେ ଦୁଇଜଣ ଦଳିତଙ୍କୁ ସ୍ୱଘୋଷିତ ଗୋରକ୍ଷକଙ୍କ ଦ୍ୱାରା ଲଣ୍ଡା କରି, ମାଡ଼ ମାରି, ବେକରେ ଚପଲମାଳ ପକେଇ ଅମାନବୀୟ ନିର୍ଯାତନା ଦିଆଯାଇଛି । କଳାହାଣ୍ଡି ଜିଲାର ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଲାଞ୍ଚ ନେବାବେଳେ ଧରା ପଡ଼ିବା । ଯଦି କେବଳ ଏହି ତିନୋଟି ଘଟଣାକୁ ବିଚାରକୁ ନିଆଯାଏ, ତେବେ ୧୯୩୬ ମସିହାର



ଓଡ଼ିଶା ଅପେକ୍ଷା ଆଜିର ଓଡ଼ିଶା ଆହୁରି ଖରାପ ପରିସ୍ଥିତିରେ ଅଛି ବୋଲି ମାନିବାକୁ ପଡ଼ିବ । ୨୦୨୫ ମସିହାରେ ଯେତେବେଳେ ଜ୍ଞାନକୌଶଳ ଓ ସଞ୍ଚାରକ୍ରାନ୍ତିର ବିକାଶ ଚରମ ସୀମାରେ ପହଞ୍ଚିଛି, ସେତେବେଳେ ଓଡ଼ିଶା ଦୂଷିତ ପାନୀୟ ଜଳଜନିତ ରୋଗରେ ପଡ଼ି କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ବିକାଶର ବାହୁସ୍ଫୋଟ ଗାଲରେ ଏକ ଶକ୍ତ ଚାପୁଡ଼ା । ଗୋପାଳପୁର ପରି ପର୍ଯ୍ୟଟନସ୍ଥଳୀରେ ବି ମହିଳା ବଳାତ୍କାରର ଶିକାର ହେବା, ଦଳିତଙ୍କ ଉପରେ ଅମାନବୀୟ ଅତ୍ୟାଚାର ହେବା, ଉଚ୍ଚ ବେତନଭୋଗୀ ସରକାରୀ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବା, ଅବକ୍ଷୟମୁଖୀ ସାମ୍ପ୍ରତିକ ଓଡ଼ିଶାର ପରିଚୟ । ଏସବୁ ସମସ୍ୟାର ଉପଯୁକ୍ତ ସମାଧାନ କରିବା ହେଉଛି ଶହେବର୍ଷର ଓଡ଼ିଶା ସବୁଠାରୁ ବଡ଼ ଆହ୍ୱାନ ।

ଆଜିକାଲି ସରକାରଙ୍କ ସବୁଠାରୁ ବଡ଼ କୌଶଳ ହେଉଛି ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିକୁ ଅସ୍ୱୀକାର କରିବା, ଗଣମାଧ୍ୟମକୁ ହାତ କରି ନିଜର ମହିମା ଗାନ କରିବା ଓ ଉତ୍ତରଦାୟିତ୍ୱକୁ ଏଡ଼ିଯାଇ ବିରୋଧୀ ଦଳକୁ କଟାକ୍ଷ କରିବା । ବର୍ତ୍ତମାନର ବାସ୍ତବିକ ପରିସ୍ଥିତିକୁ ଅସ୍ୱୀକାର କରି ଭବିଷ୍ୟତର ସ୍ୱପ୍ନ ଦେଖାଇବା କେବଳ ସ୍ୱପ୍ନର ମହଲ ଗଢ଼ିବା ସହିତ ସମାନ । କାରଣ ବର୍ତ୍ତମାନକୁ ସ୍ୱୀକାର କଲେ ହିଁ ସମସ୍ୟାର ସମାଧାନ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିହେବ । ସଂପ୍ରତି ସରକାର ୨୦୩୬ ପାଇଁ ପ୍ରକାଶ କରିଥିବା ଦସ୍ତାବିଜ୍ ବର୍ତ୍ତମାନ ଓଡ଼ିଶାର ଦୁଃସ୍ଥ ପରିସ୍ଥିତିକୁ ସ୍ୱୀକାର କରୁଛି ବୋଲି ଜଣାପଡ଼ିବ । 'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନ୍ ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ପୂର୍ତ୍ତି ପାଳନ କରିବାକୁ ଯିବା ବେଳେ, ଓଡ଼ିଶାକୁ ବେଆଇନ ବାଂଲାଦେଶୀଙ୍କ କବଳରୁ ମୁକ୍ତ କରିବା ସହିତ ଦାଦନମୁକ୍ତ କରିପାରିବା କି? ଦଳିତ, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିପାରିବା କି? ପ୍ରାକୃତିକ ସମ୍ପଦର ଅସଲ ଜଗୁଆଳି ଓ ଆଦିବାସୀଙ୍କ ଜଙ୍ଗଲ, ପାହାଡ଼, ଝରଣା ଉପରେ କମ୍ପାନୀ ଶୋଷଣକୁ ବନ୍ଦ କରି ସେମାନଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ଦେବା ନିମନ୍ତେ ସରକାର ପଦକ୍ଷେପ ନିଅନ୍ତୁ । ତଥାକଥିତ ଅର୍ଥନୈତିକ ବିକାଶ ଓ ହାତଗଣତି ପୁଞ୍ଜିପତିଙ୍କ ବିକାଶ ପାଇଁ ଆଖିବୁଜା ପ୍ରାକୃତିକ ସମ୍ପଦର ଲୁଣ୍ଠନ ବନ୍ଦ କରି ଏକ ଚିରନ୍ତନ ବିକାଶଖସଡ଼ା, ଯେଉଁଥିରେ ବ୍ୟକ୍ତି, ସମାଜ ଓ ପ୍ରକୃତି ସହିତ ସନ୍ତୁଳନ ବଜାୟ ରହୁଥିବ, ତାହା ଉତ୍କଳ ଜନନୀ ତା'ର ସନ୍ତାନମାନଙ୍କ ପାଖରୁ ଆଶା କରେ । ଏହିପରି ବିକଳ୍ପ ବିକାଶର ନକ୍ସା ଓଡ଼ିଶା ମାଟିରୁ ଆରମ୍ଭ ହୋଇ ସାରା ଦେଶକୁ ଆଲୋକ ଦେଖାଉ । ସ୍ଥାନୀୟ ଅଞ୍ଚଳର ସମ୍ବଳ ଓ ଉତ୍ପାଦନ ପ୍ରଥମେ ସ୍ଥାନୀୟ ଲୋକଙ୍କ ଉନ୍ନତି ପାଇଁ ବ୍ୟବହାର ହେଉ । ତା'ହେଲେ ଯାଇ ବେକାରି ସମସ୍ୟାକୁ ସମାଧାନ କରାଯାଇପାରିବ । ଗୋରକ୍ଷା ସହିତ ନାରୀ ସୁରକ୍ଷା ମଧ୍ୟ ଆମର ବ୍ରତ ହେଉ । ମହିଳାଙ୍କ ସାମାଜିକ ସୁରକ୍ଷା ବିନା ଅର୍ଥନୈତିକ ବିକାଶ ପଙ୍ଗୁ ଓ ଅଥର୍ବ । ସାଧାରଣ ଲୋକଟିଏକୁ କୌଣସି ବି ସରକାରୀ କାର୍ଯ୍ୟରେ ଲାଞ୍ଚ ଦେବାକୁ ପଡ଼ିବ ନାହିଁ କି ସରକାରୀ ବିକାଶମୂଳକ ପ୍ରକଳ୍ପରେ ପି.ସି. ପ୍ରଚଳନ ହେବ ନାହିଁ । ସରକାର ଏହାକୁ ନିଶ୍ଚିତ କରିପାରିବେ କି? ଶାସନରେ ସାଧାରଣ ଲୋକଙ୍କ ବାସ୍ତବିକ୍ ଭାଗୀଦାରି ହେଲେ ହିଁ ପ୍ରତ୍ୟେକ ବିକାଶ କାର୍ଯ୍ୟ ଲୋକାଭିମୁଖୀ ହୋଇପାରିବ । ଗ୍ରାମସଭା ଓ ପଲ୍ଲିସଭାକୁ ରାଜନୈତିକ ଦଳଙ୍କ ପ୍ରଭାବରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମସ୍ୱରାଜର ଅସଲ ଅବଧାରଣା ପ୍ରତିଷ୍ଠା ହୋଇପାରିବ । ଭୁବନେଶ୍ୱରରେ ବଡ଼ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ହେବା ସହିତ ଗ୍ରାମାଞ୍ଚଳରେ ଯେଉଁଠି ଜନସଂଖ୍ୟାର ବୃହତ୍ ଭାଗ ସ୍ୱାସ୍ଥ୍ୟ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି, ତାଙ୍କ ପାଖରେ ତଥା ବ୍ଲକସ୍ତରରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଉପଲବ୍ଧି କରାନଗଲେ ଓଡ଼ିଶା ସ୍ୱାସ୍ଥ୍ୟ ସୁରକ୍ଷା ହେବ କିପରି? ଭାଷାଭିତ୍ତିରେ ଗଠନ ହୋଇଥିବା ଓଡ଼ିଶା ଶାସନ, ନିଯୁକ୍ତି, ଶିକ୍ଷା, ପରୀକ୍ଷା ଆଦି ଓଡ଼ିଆ ଭାଷାରେ ହେବା ଉଚିତ ନୁହେଁ କି! ଓଡ଼ିଶା ଅସ୍ମିତାର ଏହାଠାରୁ ବଡ଼ ପ୍ରତୀକ ଆଉ କ'ଣ ଅଛି?

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ହେବା ବେଳକୁ ଯଦି ଏସବୁ ହୋଇନଥିବ, ତେବେ ସେ ଉତ୍ସବ କେବଳ ଉତ୍ସବରେ ହିଁ ସୀମିତ ରହିବ । ଉପରୋକ୍ତ ଲକ୍ଷ୍ୟ ସରକାରଙ୍କ ଦ୍ୱାରା ହାସଲ ହେବାର ସମ୍ଭାବନା କମ୍ ଦେଖାଯାଏ । କାରଣ ସରକାରଙ୍କ ବିକାଶ ଦର୍ଶନ, ଠିକ୍ ଏହାର ବିପରୀତ, ପୁଞ୍ଜିପତି ଓ ଧନିକ ବର୍ଗଙ୍କ ତୋଷଣ ନିମନ୍ତେ ଉଦ୍ଦିଷ୍ଟ । ସରକାରଙ୍କ ପ୍ରାଥମିକତାରେ ସାଧାରଣ ଓ ସ୍ୱାର୍ଥ ଏକ ବଡ଼ ବୃତ୍ତରେ ଛୋଟ ବିନ୍ଦୁ ସଦୃଶ । ତେଣୁ ଶହେବର୍ଷର ଓଡ଼ିଶାକୁ ବାସ୍ତବିକ ରୂପ ଦେବାର ପ୍ରକୃତ ସୈନିକ ଓ ହିତାଧିକାରୀ ହେଉଛନ୍ତି ସାଧାରଣ ଓଡ଼ିଶାବାସୀ । ସେମାନଙ୍କ ବିନା ଏହା ସମ୍ଭବ ନୁହେଁ । ତେଣୁ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଏଥିପାଇଁ ଜାଗ୍ରତ ହେବାକୁ ହେବ । ଓଡ଼ିଆ ଉଠିଲେ ଓଡ଼ିଶା ଉଠିବ ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଆମ ସମବେଦନା କେତେ ନିରପେକ୍ଷ



ଡ. ଚିନ୍ତାମଣି ପଣ୍ଡା

ପର ଦୁଃଖରେ ଦୁଃଖୀ ହେବା ତଥା ସମବେଦନା ପରିପ୍ରକାଶ କରିବା ଏକ ସ୍ୱୟଂକ୍ରୀୟ ପ୍ରବୃତ୍ତି । ସେଥିପାଇଁ ଗୁଜରାଟୀ କବି ନରସିଂହ ମେହଟ୍ଟାଙ୍କ ଭାଷାରେ ''ବୈଷ୍ଣବ ଜନତୋ ତେନେ କହିଏ ଯୋପୀଡ଼ ପରାଇ ଜାନେରେ ।'' କିନ୍ତୁ ଏହି ସହାନୁଭୂତିକୁ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଦଳୀୟ ଭିତ୍ତିରେ ଜ୍ଞାପନ କରିବା ମାନସିକ ବିକୃତି । ଅଧୁନା ପୀଡ଼ିତ ମଣିଷଟିକୁ ଦରଦ ଦେଖେଇବାରେ ଆମେ ଯେଉଁ ବାଛ ବିଚାରଭାବକୁ ଆପଣାଉଛେ ତଦ୍ୱାରା ସାମାଜିକ ଅଧୋଗତି ଯେ ନ ଘଟୁଛି କହିବା ବାହୁଲ୍ୟ ହେବ । ଦାଣ୍ଡରେ ଚାଲିଯିବାବେଳେ ଯଦି କେହି ଝୁଣ୍ଟିପଡ଼ି ଖଣ୍ଡିଆଖାବରା ହେଲା, ସେତେବେଳେ ସାହାଯ୍ୟ କରିବା ଆଗରୁ ଆମେ ଦେଖୁ ସେ ଆମ ନିଜ ଲୋକ କିମ୍ବା ଚିହ୍ନା ପରିଚିତ କି? ଅନ୍ୟଥା ଦେଖି ନ ଦେଖିଲା ପରି ବାଟକାଟି ଚାଲିଯାଉ । ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପହଲଗାମ୍ ନିକଟରେ ଘଟିଥିବା ପର୍ଯ୍ୟଟକଙ୍କ ଘୃଣିତ ହତ୍ୟାକାଣ୍ଡକୁ ବୁଝି ଯଦି ପଡ଼ୋଶୀ ଦେଶ ଆତଙ୍କବାଦୀଙ୍କ ବର୍ବରତାକୁ ନିନ୍ଦା କରିବା ସହ ସମୁଚିତ ସମବେଦନା ପ୍ରକାଶ କରିଥା'ନ୍ତା, ତେବେ ଆପାତତଃ ଯୁଦ୍ଧ ଭଳି ପରିସ୍ଥିତିକୁ ଏଡ଼େଇ ଦିଆଯାଇ ପାରିଥା'ନ୍ତା, କିନ୍ତୁ ହେଲାନାହିଁ । ଆମ ଦେଶରେ ମଧ୍ୟ ଏ ପ୍ରକାରର ମାନସିକତା କ୍ୱଚିତ୍ ଦେଖିବାକୁ ମିଳେ । ମେଘାଳୟରେ ମଧୁଯାତ୍ରା ବେଳେ ରାଜ ରଘୁବଂଶୀଙ୍କୁ ହତ୍ୟା କରି ଫିଙ୍ଗିଦେବା କଥା ଜଣାପଡ଼ିବା ପରେ ତାଙ୍କ ଶାଳକ ଓ ଶାଶୁଙ୍କର ନିଜ ଝିଅର ଦୋଷ ସ୍ୱୀକାର କରିବା ସହିତ ଅକୁଣ୍ଠ ସମର୍ଥନ, ଦୁଃସମୟରେ ସହାନୁଭୂତି ତଥା ତଦନ୍ତରେ ସହଯୋଗ ନିଶ୍ଚିତ ଭାବରେ ଉଚ୍ଚକୋଟୀର ସଂସ୍କାରକୁ ସୂଚାଏ । ଅପରପକ୍ଷରେ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ଗୋପାଳପୁର ଗଣବଳାତ୍କାର ପୀଡ଼ିତା କିମ୍ବା ପୀଡ଼ିତାଙ୍କ ପରିବାରକୁ ଅଭିଯୁକ୍ତମାନଙ୍କ ପରିବାର ପକ୍ଷରୁ ଲେଶମାତ୍ର ସାନ୍ତ୍ୱନାର ସ୍ୱର ମିଳେ ନାହିଁ । ବରଂ ସେମାନେ ନିଜ ନିଜର ଅଭିଯୁକ୍ତ ପିଲାଙ୍କ ଦୋଷ ଲୁଚାଇବା ପାଇଁ ଅଯଥାରେ ପୀଡ଼ିତାଙ୍କ ପରିବାରର ଚରିତ୍ର ସଂହାର କରନ୍ତି । ଏପରି ଦୁର୍ଘଟଣା ଯଦି ତାଙ୍କ ନିଜ ଝିଅ ପ୍ରତି ଘଟିଥାନ୍ତା? ଜଘନ୍ୟ ଅପରାଧ ଘଟାଇ ଜେଲ୍‌ଦଣ୍ଡ ଭୋଗୁଥିବା ଅପରାଧୀର ପରିବାର ନିଜ ସଂସାର କେମିତି ଚଳିବ ସେନେଇ ସରକାରଙ୍କ ପାଖରେ ଦାବି ରଖୁଥିବା ବେଳେ ହତ୍ୟା ପୀଡ଼ିତର ପରିବାର ପ୍ରତି ଆଖି ବୁଜି ଦେଇଥା'ନ୍ତି । ନରହତ୍ୟାକାରୀକୁ ପୋଲିସ ଗୋଡ଼େଇବା ବେଳେ ସେ ଧରାପଡ଼ିବା ଆଗରୁ ଯଦି ପାଣିକୁ ଡେଇଁ ପଡିଲା କି ବିଷପାନ କରିଦେଲା, ତେବେ ସମସ୍ତ ସହାନୁଭୂତି ତା' ନିକଟକୁ ଚାଲିଯାଏ । ହତ୍ୟା ପୀଡ଼ିତଙ୍କୁ ପଚାରେ କିଏ? ଅପରାଧୀ ଯଦି ଜେଲ୍‌ରୁ ଖସିଯିବାକୁ ଚେଷ୍ଟା କରି ଜଖମ ହୁଏ, ଆମେ ଜେଲରଙ୍କୁ ସଙ୍ଗେ ସଙ୍ଗେ ଦୋଷୀ ସାବ୍ୟସ୍ତ କରିପକାଉ, ସତେଅବା ଅପରାଧୀଟି ଦେଶପ୍ରେମୀ ଥିଲା!



ମାଓବାଦୀମାନେ ଅନେକ ନିରୀହ ଜନତା ତଥା ପୋଲିସ କର୍ମୀ ତଥା ଯବାନଙ୍କୁ ହତ୍ୟା କରୁଥିବା ବେଳେ ମାନବାଧିକାର କର୍ମୀ ବୋଲାଉଥିବା ପଞ୍ଝାଏ ବ୍ୟକ୍ତି ଅସମ୍ଭବ ନୀରବତା ଅବଲମ୍ବନ କରୁଥା'ନ୍ତି, କିନ୍ତୁ ମୁହାଁମୁହିଁ ବେଳେ ଜଘନ୍ୟ ହତ୍ୟାକାରୀ ମାଓବାଦୀଟି ଟଳିପଡ଼ିଲେ ଉଇ ପିମ୍ପୁଡ଼ି ପରି ବହୁ ସଂଖ୍ୟାରେ ଗାତରୁ ବାହାରି ଏମାନେ ଆନ୍ଦୋଳନ, ଗଣଧାରଣାମାନ ସଂଘଟିତ କରାଇ ପ୍ରତିବାଦର ସ୍ୱରକୁ ଶାଣିତ କରନ୍ତି ଏବଂ ତଦନ୍ତ କମିଶନର ଦାବି ରଖନ୍ତି । ସେଥିପାଇଁ ଯଥାର୍ଥରେ ଉଚ୍ଚତମ ନ୍ୟାୟାଳୟ ଏ ପ୍ରକାର ମାନସିକତା ରଖୁଥିବା ବ୍ୟକ୍ତିଙ୍କୁ ମାନବାଧିକାର ଆତଙ୍କବାଦୀର ଆଖ୍ୟା ଦେଇଛନ୍ତି । ଖାଲି ସେତିକି ନୁହେଁ, ଯେଉଁ ରାଜନେତାମାନେ ଶାସକ ଦଳରେ ଥିବାବେଳେ ଅପରାଧ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ଖୋଲାଖୋଲି ପୃଷ୍ଠପୋଷକତା ଯୋଗାଇ ଆସୁଥିଲେ, ଆଉ ପୀଡ଼ିତଙ୍କର ଗୁହାରିକୁ ଅଣଦେଖା କରୁଥିଲେ, ବିରୋଧୀ ଦଳକୁ ଗଲା ପରେ ସେମାନେ ନିଜର ଭାବମୂର୍ତ୍ତିକୁ ମାଜିମୁଜି ଚିକ୍କଣ କରି ଅପରାଧ ଉପରେ ପ୍ରବଚନ ଦେବାର ଦୃଷ୍ଟାନ୍ତ ବିରଳ ନୁହେଁ । ସେଇ ସମାନ ଘଟଣା ପାଇଁ ସଦନରେ ତୁମ୍ବୀତୋଫାନ କରି ନିରପେକ୍ଷ ତଦନ୍ତ ଦାବି କରିବା ଦ୍ୱନ୍ଦ୍ୱାତ୍ମକ ସହାନୁଭୂତି ନୁହେଁ କି? ଲୋକ ଚରିତ୍ରରେ ଏ ପ୍ରକାର ବୈଚିତ୍ର୍ୟ ଅଧିକ ପ୍ରତିଫଳିତ ହୁଏ ଯେତେବେଳେ ଘଟଣାଟିରେ ନିଜର ଦୋଷ ଦୁର୍ବଳତା ପଦାରେ ପଡ଼ିବାର ଭୟଥାଏ । ନିକଟରେ ନୟାଗଡ଼ ଜିଲାରେ ଘଟିଥିବା ଏକ ସଂଘଟିତ ନରହତ୍ୟା ଏହାର ନିଚ୍ଛକ ଉଦାହରଣ । ପରକୀୟା ପ୍ରୀତି ସନ୍ଦେହରେ ମା' ଓ ପୁଅ ମିଶି ବାପାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ସହ ତତ୍କାଳ ଶବଦାହ କରି ଚିହ୍ନ ବର୍ଣ୍ଣ ଲିଭେଇ ଦେବାର ବ୍ୟବସ୍ଥା କରିଦେଲେ । କିନ୍ତୁ ଯଦି ଡାକ୍ତରଖାନାରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାନ୍ତା, ତେବେ ସବୁ ଦୋଷ ଆମ୍ବୁଲାନ୍ସ କିମ୍ବା ଡାକ୍ତରଙ୍କ ଉପରେ ଲଦିଦେଇ ଖସିଯିବାକୁ ଚେଷ୍ଟା କରିଥାନ୍ତେ । ଓଲଟା ରାଜପଥରେ ଶବ ରଖି ଚାକିରି ଦାବି କରିଥାନ୍ତେ । ସେହିପରି ବାର୍‌ହା ଫାଶରେ ଯଦି ଭୁଲ୍‌ବଶତଃ ଛନ୍ଦି ହୋଇ ମଣିଷଟିଏ ମରିଯାଏ, ତେବେ ଧରାପଡ଼ିବା ଭୟରେ ଆମେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ତାକୁ ଫଳେ ପୁଷ୍ପେ କ୍ଷତିପୂରଣ ଦେଇ ମୁହଁ ବନ୍ଦ କରି ଘଟଣାକୁ ଚପାଇ ଦେଇଥାଉ । କିନ୍ତୁ ସେଇ ବାର୍‌ହା ଆକ୍ରମଣରେ ଜୀବନ ଗଲେ ଶବ ରଖି କ୍ଷତିପୂରଣ ତଥା ଚାକିରି ପାଇଁ ଅଡ଼ିବସୁ । ତେଣୁ ଉଭୟ ଘଟଣାରେ ପୀଡ଼ିତଙ୍କୁ ସହାନୁଭୂତି ଦେଖାଇବାରେ ଆମେ ବାଛ ବିଚାରପୂର୍ଣ୍ଣ ମନୋବୃତ୍ତି ଆପଣାଇଥାଉ । ଅତଏବ ନିଜ-ପର ନିର୍ବିଶେଷରେ ଯଦି ସମସ୍ତଙ୍କୁ ସମଦୃଷ୍ଟିରେ ଦେଖାଯାନ୍ତା, ତେବେ ସେହି ହିସାବରେ ସହାନୁଭୂତି ବି ନିରପେକ୍ଷ ରହନ୍ତା । ଅନ୍ୟଥା ଏହା ପକ୍ଷପାତିତାପୂର୍ଣ୍ଣ ତଥା ନିଜକୁ ସୁହାଇଲା ଭଳି ହେବ ଏଥିରେ ଦ୍ୱିରୁକ୍ତି ନାହିଁ ।

**ପ୍ରାକ୍ତନ ଅଧକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**
**ମୋ: ୮୧୪୪୦୬୬୦୧୬**

## ଏଇ ଭାରତରେ

ଚେନ୍ନାଇର ୩୬ ବର୍ଷୀୟା ଡି. ଉମାରାନୀ ଅସହାୟ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହୁଥିବା ୮୦୦ ଲୋକଙ୍କୁ ପ୍ରତିଦିନ ଦୁଇବେଳା ମାଗଣାରେ ଖାଇବାକୁ ଦେଉଛନ୍ତି । ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି । ଉମା ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ରହୁଛନ୍ତି । ସେ କୋଭିଡ୍ ମହାମାରୀ ପରେ ଏହି ସେବା ଆରମ୍ଭ କରିଥିଲେ । ସେତେବେଳେ ତିରୁଭାନ୍ମା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିବା ଉମା ତାଙ୍କ ସଞ୍ଚିତ ଅର୍ଥରେ ମାଗଣା ଖାଦ୍ୟ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ଏବେ ମଧ୍ୟ ତାହା ଜାରି ରଖିଛନ୍ତି । ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଯାଉ ଆଦି ଦେଉଛନ୍ତି । ଖାଇବାକୁ ଦେଉଥିବା ଜାଗାର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ(ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର) । ଖାଦ୍ୟ ପ୍ରସ୍ତୁତ କରିବାରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି । ଉମାଙ୍କ ଏପରି କାର୍ଯ୍ୟ ପାଇଁ କେତେଜଣ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଜୁଲାଇ ୧୯୭୬**

- ଓଡ଼ିଶାର ଅପରକୋଲାବ ଜଳସେଚନ ପ୍ରକଳ୍ପ ଯୋଜନା କମିଶନ୍ ଦ୍ୱାରା ଅନୁମୋଦିତ ।
- ଭାରତ ମହାସାଗର ଭିତରେ ଥିବା ସିଚେଲିସ ଦ୍ୱୀପପୁଞ୍ଜ ଦୀର୍ଘ ୧୬୨ ବର୍ଷ କାଳ ଇଂଲଣ୍ଡର ଉପନିବେଶ ହୋଇ ରହିବା ପରେ ସ୍ୱାଧୀନତା ଲାଭ କରିଛି ।

## ଚିରନ୍ତନୀ

ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି ।
-(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନେବାର ପ୍ରବୃତ୍ତି

ମହାଶୟ,

କୁକୁର ଲାଞ୍ଜକୁ ଯେତେ ସିଧା କରିବାକୁ ଚେଷ୍ଟା କଲେ ବି ସିଏ ଜମା ସିଧା ହୁଏ ନାହିଁ । ବିଭିନ୍ନ ସରକାରୀ ଅଫିସରେ ଅର୍ଥ ପୈଠ କରିବାକୁ ଗଲେ ସେମାନେ ଅନ୍‌ଲାଇନ୍‌ରେ ଡିପୋଜିଟ୍ କରିବାକୁ କହୁଛନ୍ତି । ଯଦି ଅନ୍‌ଲାଇନ୍‌ରେ ଡିପୋଜିଟ୍ ନ ହୋଇପାରୁଛି କିମ୍ବା ପୈଠକର୍ତ୍ତାଙ୍କର ଅଜ୍ଞତାବଶତଃ ସମ୍ଭବ ନ ହୋଇପାରୁଛି ତେବେ ତାହା ପୈଠ ନ ହୋଇ ପଡ଼ିରହୁଛି ଏବଂ ପୈଠକର୍ତ୍ତାଙ୍କୁ ଫାଇନ୍ ଗଣିବାକୁ ପଡୁଛି । ଆର୍‌ଆଇ ଅଫିସରେ ଯଦି ନିଆଯାଉଛି ପ୍ରାପ୍ୟଠାରୁ ଢେର ଅଧିକ ଅର୍ଥ ରଖୁଛନ୍ତି । କେତେବେଳେ କହୁଛନ୍ତି ଖୁଚୁରା ଟଙ୍କା ନାହିଁ, କେତେବେଳେ କହୁଛନ୍ତି ଅପେକ୍ଷା କର । ସିଧାସଳଖ ଲାଞ୍ଚ ନେବା କଥା କହୁନାହାନ୍ତି । ଯେଉଁ ଲୋକଙ୍କ ଘର ପାଖରୁ ଆର୍‌ଆଇ ଅଫିସ ମାଇଲ ମାଇଲ ଦୂର ସେମାନଙ୍କ ପାଇଁ ଏହି ଡିପୋଜିଟ୍ କଷ୍ଟ ଅନେକ ପରିମାଣରେ ବାଧକ ସାଜୁଛି । ତେଣୁ ସରକାରଙ୍କୁ ଅନୁରୋଧ ଲୋକେ ତାଙ୍କର ଖଜଣା ନିକଟତମ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ କେମିତି ଦେଇପାରିବେ ତାହାର ବ୍ୟବସ୍ଥା କଲେ ଲୋକେ ଉପକୃତ ହୁଅନ୍ତେ । ଲାଞ୍ଚ କାରବାରରୁ ମଧ୍ୟ ମୁକ୍ତି ମିଳନ୍ତା ।

**-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଉଳପାଟଣା ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଭକ୍ତିମୟ ପରିବେଶ

କୋଣାର୍କ,୩୦।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ରାଉଳପାଟଣା ଗ୍ରାମର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ପବିତ୍ର ରଥଯାତ୍ରା ଅବସରରେ ପ୍ରତ୍ୟେକ ଦିନ ରାମଲୀଳାରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ଭାରତୀୟ ସଂସ୍କୃତିର ମହାନ୍ କାବ୍ୟ ରାମାୟଣର ପୌରାଣିକ ଗାଥାକୁ ରାମଲୀଳା ମାଧ୍ୟମରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଅଲୌକିକ ଗୁଣାବଳୀ ଓ ଅମ୍ଳାନ କୀର୍ତ୍ତିକୁ ବିଶଦ ଭାବରେ ପରିବେଷଣ କରାଯାଉଛି। ରାମଲୀଳାରେ ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାବେଳେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଅବସରରେ ରାମଲୀଳା ସହ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷିତ ହେଉଛି। ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରି ଆଶିଷ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୩୦।୬(ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ମିଶ୍ର ଓ କନିଷ୍ଠ କିରାଣି ବାଉରିକିଶୋର ମହାପାତ୍ରଙ୍କ ଅବସର ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଅଧକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ଧର୍ମୁଦ୍ଧର ପୁଲୁରି ଓ ମନୋଜ କୁମାର ପରିଡ଼ା ବିଦାୟୀ ବରିଷ୍ଠ ସହକର୍ମୀ ଦ୍ୱୟଙ୍କ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. କଳ୍ପନା କୁମାରୀ ମହାପାତ୍ର, ପ୍ରାଧ୍ୟାପକ ରଶ୍ମିକାନ୍ତ ସାହୁ, ଅଧ୍ୟାପିକା ସସ୍ମିତା ପ୍ରଧାନ, ଶୁଭଦୀପ୍ତା ପଟ୍ଟନାୟକ, ଡ. ରାଜଶ୍ରୀ ଶତପଥୀ, ଅବସରପ୍ରାପ୍ତ କିରାଣି ରାଜକିଶୋର ପତି, ମହେଶ୍ୱର ମିଶ୍ର, ପ୍ରାକ୍ତନ ଛାତ୍ର ଜଗିନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରାଧ୍ୟାପକ ମିଶ୍ର ଓ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଅନ୍ୟାନ୍ୟ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଦ୍ୟାଳୟ ଅଧକ୍ଷ, କିରାଣିଙ୍କ ବିଦାୟ ସମ୍ବର୍ଦ୍ଧନା

କଣାସ,୩୦।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡମ୍ବରୁଧର ଛୁଆଳସିଂହ ଏବଂ ମୁଖ୍ୟ କିରାଣି ପ୍ରଶାନ୍ତ କୁମାର ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହିବା ସହ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଅଧକ୍ଷ ସୁନିଲ କୁମାର ମିଶ୍ର, ପୂର୍ବତନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇଥିଲେ। ଉଭୟ ଅଧକ୍ଷ ଓ ମୁଖ୍ୟ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ଅଧ୍ୟାପକ ଅକ୍ଷୟ ସ୍ୱାଇଁ, ପ୍ରଶାନ୍ତ ପଲାଇ, ପ୍ରମୋଦ ହୋତା, ଗଦାଧର ଶତପଥୀ, ସସ୍ମିତା ହାତୀ, ବିପିନ ବିହାରୀ ବାରିକ୍ ପ୍ରମୁଖ ଯୋଗଦେଇଥିଲେ।

# ମୋହରିରଙ୍କ କଲମଛାଡ଼ ଆନ୍ଦୋଳନ

## ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖି କାର୍ଯ୍ୟ, ଦୁର୍ବ୍ୟବହାର ପ୍ରତିବାଦ

କାକଟପୁର,୩୦।୬(ଶୁଭଦର୍ଶନ ମିଶ୍ର)



ମୋହରିରମାନେ ଆନ୍ଦୋଳନ କରୁଛନ୍ତି ।

କାକଟପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଫିସରଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ମୋହରିରମାନେ ସୋମବାର କଲମଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ଚାଷଜମିର ଆଂଶିକ ବିକ୍ରି ଓ ଘରବାରି ବୃତ୍ତି ୫୫୦୦ ବର୍ଗମିଟର ପର୍ଯ୍ୟନ୍ତ ବିନା ଲେଆଉଟରେ ରେଜିଷ୍ଟ୍ରି କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ କିଣା ଯାଇଥିବା ଜମିର ଦଲିଲରୁ ଦଲିଲ ରେଜିଷ୍ଟ୍ରି କରାଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ କାକଟପୁର ସବ୍‌ରେଜିଷ୍ଟ୍ରାର ଆଇନକୁ ନ ମାନି ୧୦୦ ଡିସିମିଲରୁ କମ୍ ଚାଷଜମି ଓ ୧୩ ଡିସିମିଲରୁ କମ୍ ଜମିର ରେଜିଷ୍ଟ୍ରି ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ପ୍ରତ୍ୟେକ ଦଲିଲ ପୂର୍ବରୁ ସମସ୍ତ କାଗଜପତ୍ର ଯାଞ୍ଚ ନ କରି ରେଜିଷ୍ଟ୍ରି କରିବାକୁ ମୋହରିରଙ୍କୁ ତାଗିଦା କରୁଛନ୍ତି। ଇଜିମାଇଲି ଖାତା ଭୁକ୍ତ ସମ୍ପତ୍ତିରୁ କୌଣସି ଅଂଶୀଦାର ତାଙ୍କ ଅଂଶ ପୂର୍ବରୁ ବିକ୍ରୟ କରିଥିଲେ ଅନ୍ୟ ଅଂଶୀଦାରଙ୍କୁ ନିଜ ଅଂଶ ବିକ୍ରୟ କରିବାକୁ ସୁଯୋଗ ଦେଉନାହାନ୍ତି। ଅନେକ ସମୟରେ ନିଜ ପଦବୀର ଅପବ୍ୟବହାର କରି ଦଲିଲକୁ ଫେରସ୍ତ କରିବା ସହ ଉପରିସ୍ଥ ଅଫିସରଙ୍କ ପାଖକୁ ନେଇଯାଅ ବୋଲି ଧମକ ଦେଉଛନ୍ତି। ସବ୍‌ରେଜିଷ୍ଟ୍ରାର ଅଫିସରେ ମୋହରିରଙ୍କ କୌଣସି ଆବଶ୍ୟକତା ନାହିଁ, ସାଧାରଣ ଲୋକଙ୍କୁ ଆସିବାକୁ ଦିଅ ବୋଲି କହି ମୋହରିରଙ୍କୁ ଅପମାନିତ କରୁଛନ୍ତି। ଅଧିକାର ପ୍ରମାଣ ପତ୍ର ମୁତାବକ ରେଜିଷ୍ଟ୍ରି ସମୟରେ ସମସ୍ତ ସଦସ୍ୟ ଦଲିଲରେ ମଞ୍ଜୁର ଦେବାକୁ ବାଧ କରୁଛନ୍ତି। ଏହିଭଳି ଅନେକ ନିୟମକାନୁନ ମନଗଢ଼ା ଦର୍ଶାଇ ହଇରାଣ ହରକତ କରିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟୁଛି। ଏହାକୁ ତୀବ୍ର ବିରୋଧ କରି ମୋହରିରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଜମି ବିକ୍ରି, କିଣାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ମୋହରିରମାନେ ଉପରିସ୍ଥ ଅଧିକାରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ପତ୍ର ଦେଇ ନିଜ ଜିଦରେ ଆନ୍ଦୋଳନରେ ବସିଛନ୍ତି। ଏହି ଆନ୍ଦୋଳନରେ ସଂଘ ସଭାପତି ଅମିୟ କୁମାର ମହାନ୍ତି, ସମ୍ପାଦକ ପ୍ରବୀଣ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ସୁକାନ୍ତ ସେନାପତିଙ୍କ ସମେତ ହେମନ୍ତ ରାଉତ, ସଞ୍ଜୀବ ମହାନ୍ତି ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ମୋହରିର ସାମିଲ ହୋଇଛନ୍ତି। ତୁରନ୍ତ ପୁରୀ ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଅବସର ଦିନ ୨ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ




ଜଣେ ଶିକ୍ଷୟିତ୍ରୀଙ୍କୁ ଅବସର ଦିନରେ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯାଉଛି ।

ଅସ୍ତରଙ୍ଗ,୩୦।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ କୁଆଁରପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କମଳକାନ୍ତି ଦେଈ ଓ କୁହୁଡି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରିୟତମା ଦେଈ ସୋମବାର ଅବସର ଗ୍ରହଣ କରିଛନ୍ତି। ତାଙ୍କ ଅବସରର ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଶିକ୍ଷୟିତ୍ରୀ ୨ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରିଛନ୍ତି।

ପୂର୍ବରୁ ଅବସର ନେବାର ବର୍ଷ ବର୍ଷ ଧରି ପେନସନ ପାଇଁ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ହେଲେ ଶିକ୍ଷା ବିଭାଗ ଅବସର ନେବା ଦିନ ପେନ୍‌ସନ ସହ ଅବସରକାଳୀନ ଛୁଟି ବାବଦ ଅର୍ଥ, ଜିଆର୍‌ଏସ୍ ଭଳି ସୁବିଧା ଦେବାର ବ୍ୟବସ୍ଥା କରିଛି। ଏଥିପାଇଁ ଅବସର ନେବାର ୬ ମାସ ପୂର୍ବରୁ କର୍ମଚାରୀ ସେମାନଙ୍କ କାଗଜ ପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ରହିଛି। ଫଳରେ ସରକାରୀ କର୍ମଚାରୀ ପ୍ରଥମ ମାସରୁ ହିଁ ପେନ୍‌ସନ ପାଇପାରିବେ। ଏହି ଅବସରରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଅମ୍ବିକା ପ୍ରସାଦ କର, ହିସାବରକ୍ଷକ ଧରଣୀଧର ବରାଳ, ଶିକ୍ଷା ସ୍ୱେଚ୍ଛାସେବୀ ଅଧୀରାଜ ଲେଙ୍କା ପ୍ରମୁଖଙ୍କ ଉପସ୍ଥିତିରେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇବା ସହ ପେନ୍‌ସନ ପ୍ରଦାନ କରିଥିଲେ।



ବଡ଼ଶଙ୍ଖ ଲୋକନୃତ୍ୟ ମହୋତ୍ସବ ଅବସରରେ ଶରଧାବାଲି ଠାରେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଗୁଣ୍ଡିଚା ମନ୍ଦିରରୁ ବାହାରିଲା ପ୍ରଥମ ଆଡ଼ପ ଅବଢ଼ା।

# ନୟାହାଟରେ ନାହିଁ ଗୋଶାଳା, ରାସ୍ତାରେ ବୁଲୁଛନ୍ତି ଗୋରୁ

ଯୋଗେଶ୍ୱରପୁର,୩୦।୬ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଏକ ସମ୍ବେଦନଶୀଳ ଅଞ୍ଚଳ ଏବଂ ବ୍ୟବସାୟିକ ପେଣ୍ଠସ୍ଥଳୀ। ହେଲେ ଏଠାରେ ଗୋଶାଳା ନ ଥିବାରୁ ବିଭିନ୍ନ ସମୟରେ ବୁଲା ଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଗୋରୁ ନୟାହାଟ ବଜାରରେ ବୁଲାବୁଲି କରିବାବେଳେ ହଠାତ୍ ବାଇକ୍ ଚାଳକଙ୍କ ସମ୍ମୁଖକୁ ପଳାଇ ଆସିବା ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କିଛି ଲୋକ ଗାଈଙ୍କୁ ଗୁହାଳରେ ନ ବାନ୍ଧି ଓ ଖାଇବାକୁ ନ ଦେଇ ବଜାରକୁ ଛାଡ଼ି ଦେଉଛନ୍ତି ଫଳରେ ସେମାନେ ରାସ୍ତା ଉପରେ ବୁଲାବୁଲି କରିବା ସହ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଆଉ କେତେ ଲୋକେ ମାଈ ବାଛୁରୀକୁ ରଖି ଅଣ୍ଡିରା ବାଛୁରୀକୁ ରାସ୍ତାରେ ଛାଡ଼ି ଦେଉଛନ୍ତି ଫଳରେ ସେମାନେ ଲୋକଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରୁଛନ୍ତି। ନୟାହାଟ ଅଞ୍ଚଳରେ ଗୋଶାଳା ଖୋଲାଗଲେ ଟ୍ରାଫିକ ସମସ୍ୟା କମିବା ସହିତ ଲୋକେ ସୁରୁଖୁରୁରେ ଯାଆଆସ କରିପାରନ୍ତେ ବୋଲି ସାଧାରଣରେ ଦାବି ହେଉଛି।

# ରଥଯାତ୍ରାରେ ବୈଦ୍ୟୁତିକ ଠିକାଦାରଙ୍କ ଅନ୍ନପ୍ରସାଦ ଶିବିର

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ନିଖିଳ ଓଡ଼ିଶା ବୈଦ୍ୟୁତିକ ଠିକାଦାର ମହାସଂଘ ଦ୍ୱାରା ରଥଯାତ୍ରା ଉପଲକ୍ଷେ ପୁରୀ ଭିଆଇପି ରୋଡ୍‌ରେ ଏକ ବିଶାଳ ବ୍ୟୟମୁକ୍ତ ଭୋଜନ ଶିବିରର ଆୟୋଜନ କରାଯାଇଛି। ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪ଟି ଆଞ୍ଚଳିକ ସଂଘର ସଦସ୍ୟ ଠିକାଦାରମାନେ ଏହି ମହତ କାର୍ଯ୍ୟକୁ ନିଜ ଆର୍ଥିକ ଏବଂ ଶ୍ରମ ସହଯୋଗ ବଳରେ ଦୁଇ ବର୍ଷ ଧରି ଆୟୋଜନ କରିଆସୁଛନ୍ତି। ଚଳିତବର୍ଷ ଭୋଜନ ଶିବିର ୨୬ ତାରିଖ ମଧ୍ୟାହ୍ନରୁ ଆରମ୍ଭ ହୋଇ ୨୭ ତାରିଖ ରଥଯାତ୍ରା ଦିନବେଳା ଭୋଜନର ବ୍ୟବସ୍ଥା ହୋଇଥିଲା। ଏଥିସହ ବର୍ଷା ଓ ବାତ୍ୟା ନିରୋଧି ହ୍ୟାଙ୍ଗର, ଭକ୍ତମାନେ ଅବାଧରେ ଓ ଆରାମରେ ଭୋଜନ କରିବା ପାଇଁ ବାୟୁ ଚଳାଚଳର ସୁବିଧା, ପିଇବା ପାଣି ବ୍ୟବସ୍ଥା ଓ ରଥଯାତ୍ରାର ସିଧା ପ୍ରସାରଣ ଦେଖିବା ପାଇଁ ବୃହତ ଏଲଇଡି ସ୍କ୍ରିନ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଏହି ଶିବିରରେ ପ୍ରଥମ ଦିନ ପ୍ରାୟ ୫ହଜାର ଭକ୍ତଙ୍କୁ ଭୋଜନ ପରିବେଷଣ କରାଯାଇଥିଲା। ମହାସଂଘର ସଭାପତି ଆଶିଷ କୁମାର ସୋମ ଏବଂ ସଭାପତି ଭଗବାନ ବିଶ୍ୱାଳ ଏହି ସଫଳ ଭୋଜନ ଶିବିରର ଆୟୋଜନ ନିମନ୍ତେ ଓଡ଼ିଶାର ସମସ୍ତ ଠିକାଦାର, ରାଜନଗରରୁ ଆସିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।




ଶିବିରରେ ଉପସ୍ଥିତ ଠିକାଦାର ମହାସଂଘର କର୍ମକର୍ତ୍ତାମାନେ ।

# ଗଛରେ ଧକ୍କା ହେଲା କାର, ମହିଳା ଆହତ

ଯୋଗେଶ୍ୱରପୁର, ୩୦।୬ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ପଞ୍ଚୁତ ଛକଠାରେ ଥିବା ଲିମ୍ବ ଗଛରେ ସୋମବାର ଏକ କାର୍ ଧକ୍କା ହୋଇଛି। ଫଳରେ କାର୍‌(ଓଡ଼ିଏମ୍‌୦୨ସି ୧୯୯୫) ରେ ବସିଥିବା ମହିଳା ଜଣଙ୍କ ଆହତ ହୋଇଛନ୍ତି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାର୍‌କୁ ଜବତ କରିଛନ୍ତି। ସ୍ଥାନୀୟ ଲୋକେ ଆହତ ମହିଳାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୦୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ, ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍‌୨୬୦ ରେଲ୍ (ଏଲ୍‌ଡବ୍ଲ୍ୟୁଆର୍) ସହ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଦ୍ୟମାନ ବିଛାଯାଇଥିବା ୬୦ କିଗ୍ରା ୯୦ ୟୁଟିଏସ୍ ରେଲଧାରଣାର ଟିଏଫ୍‌ଆର୍ ସମେତ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)ର ଅବଶିଷ୍ଟ କାର୍ଯ୍ୟ (୪ର୍ଥ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୨,୨୧,୩୯,୬୩୭.୧୫ । **ଇଏମ୍‌ଡି:** ୨,୬୦,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୨୧।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-332)

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 16-KUR-TRD-OT-2025-26

**କାର୍ଯ୍ୟର ନାମ :** ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ ।

**ବିଜ୍ଞାପିତ ମୂଲ୍ୟ (₹):** 1,01,38,548.47, EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.07.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-296/Q/25-26



भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

**वॉक-इंन-इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को **पू. 10.00** बजे वॉक–इंन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट **http://www.cifa.nic.in** पर जाएं ।

**WALK-IN INTERVIEW**

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II),** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**.

मुख्य जाँचकर्ता/Principal Investigator


# ସଫେଇ ହେଉନି ଆବର୍ଜନା, ବଢୁଛି ମଶା ଉପଦ୍ରବ

ବାଣପୁର,୩୦।୬(ଦିଲୀପ କୁମାର ସ୍ୱାଇଁ)

ସମ୍ପ୍ରତି ବର୍ଷା ଋତୁ ଆରମ୍ଭ ହୋଇଛି। ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ବଜାର ନିକଟରେ ଯାଇଥିବା ନିୟମନାଳ ସଫେଇ ହେଉନାହିଁ। ଫଳରେ ପଡ଼ିରହିଥିବା ଅଳିଆ, ଆବର୍ଜନା ଯୋଗୁ ମଶା ବଂଶ ବିସ୍ତାର କରୁଛନ୍ତି। ମଶାଙ୍କ ପ୍ରାଦୁର୍ଭାବ ଯୋଗୁ ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଅନ୍ୟପଟେ ଏହି ନାଳ ଉପରେ ହୋଇଥିବା ବ୍ରିଜ୍ ନିକଟରେ ପ୍ରତ୍ୟେକ ଦିନ କୁକୁଡ଼ା ପକ୍ଷୀ, ହୋଟେଲରୁ ଆରମ୍ଭ କରି ବେପାରୀଙ୍କ ଅଦରକାରୀ ଆବର୍ଜନା ପକାଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ଏହା ପଚିଶଢ଼ି ଦୁର୍ଗନ୍ଧ ହେଉଛି। ଫଳରେ ଲୋକେ ଏବଂ ଛାତ୍ରୀଛାତ୍ର ନାକରେ କପଡ଼ା ଦେଇ ଯାତାୟାତ କରୁଥିବା ନଜର ରହିଛି। ଏପରିକି ଉକ୍ତ ବ୍ରିଜ୍ ତଳେ ପଡିରହିଥିବା ଅଳିଆ ଆବର୍ଜନାକୁ ଖାଇ ଗୋରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆବର୍ଜନା ପରିଚାଳନା ନିମନ୍ତେ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଟଙ୍କା ଖର୍ଚ୍ଚ କରାଯାଇ କେତେକ ସ୍ଥାନରେ କରାଯାଇଥିବା କୁଣ୍ଡ କାମରେ ଲାଗୁନାହିଁ। ଫଳରେ ପରିମଳ ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗମ୍ଭାରୀମୁଣ୍ଡା ପଞ୍ଚାୟତଠାରୁ ଆରମ୍ଭ କରି ବ୍ରିଜ୍ ପର୍ଯ୍ୟନ୍ତ ବେଆଇନଭାବେ ରାସ୍ତାକୁ ମାଡିବସି ବେପାର କରୁଥିବା ଦୋକାନୀଙ୍କୁ ପ୍ରଶାସନ ତାଗିଦ କରିବା ସହ ପରିଷ୍କାର ପରିଚ୍ଛନ୍ନତା ରଖିବାକୁ ପରାମର୍ଶ ଦେବା ପାଇଁ ସାଧାରଣରେ ଦାବି ହେଉଛି।



ନାଳ ଭିତରେ ପଡିଥିବା ଅଳିଆ ଆବର୍ଜନା।


**EKLAVYA MODEL RESIDENTIAL SCHOOL**
**KUCHINDA, DIST.-SAMBALPUR-768222 (ODISHA)**
Email : emrskuchinda2018@gmail.com
Website : https://emrskuchinda.com

**TENDER NOTICE**

Notice No. : 328 Date : 30.06.2025

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03- one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd./- Principal
EMRS, Kuchinda



Repco Home Finance
## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ଭୁବନେଶ୍ୱର ଶାଖା**ରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୧୨.୦୮.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୧.୦୮.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ପ୍ରଭାସ ସାହୁ,** ପିତା: ଶ୍ରୀ ରାଜକିଶୋର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ କୁନିବାଳା ସାହୁ,** ସ୍ୱାମୀ: ଶ୍ରୀ ପ୍ରଭାସ ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଧୀରେନ ବେହେରା,** ପିତା: ଶ୍ରୀ ଏକାଦଶୀ ବେହେରା; ଡିମାଣ୍ଡ ନୋଟିସ ତାରିଖ: **୨୨.୦୮.୨୦୨୪;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୨୮**) ହେଉଛି **ତା୧୯.୦୮.୨୦୨୪ରିଖ ସୁଦ୍ଧା ₹୧୦,୦୫,୫୮୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୭.୧୨.୨୦୨୪;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୧୧,୧୩,୬୪୫/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା-ଖୋର୍ଦ୍ଧା, ତହସିଲ-ବାଣପୁର, ମୌଜା-ସୋରଣ, ରେକର୍ଡ ଅଫ୍ ରାଇଟ୍ ନଂ.-୯୫୦, ପ୍ଲଟ୍ ନଂ.-୧୮୨୪, ରକବା ଏକର ୦.୦୨୦ ଏ/୨, ଜମିର କିସମ ହୋମଷ୍ଟିଡ୍ ।** ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବନ ଜେନା, ପଶ୍ଚିମ: ବୀଣାପାଣି ସାହୁ ।

| ସଂରକ୍ଷିତ ମୂଲ୍ୟ | ₹୨୨,୦୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୨୦,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ,** ପିତା: ଶ୍ରୀ ଦୀନବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ରେଖା ନାୟକ,** ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ସାହୁ,** ପିତା: ଶ୍ରୀ କୈଳାଶ ଚନ୍ଦ୍ର ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୫୮**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୫,୩୦,୦୦୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୬.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୩,୩୧,୪୫୪/-** ।
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ତହସିଲ, ମଙ୍ଗଳପୁର ମୌଜାରେ** ସମ୍ବଳିତ ନିମ୍ନଲିଖିତ ଜମି ଓ ଭବନର ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୨୯୪, ପ୍ଲଟ୍ ନଂ. ୮୪, ରକବା ଏକର ୦.୦୪୩.୬୮ ଡିସିମିଲ, ମୋଟ କ୍ରୟ ରକବା ୦.୦୭୦ ଡିସିମିଲ ମଧ୍ୟରୁ ଏ.୦.୦୪୩.୬୩ ଡିସିମିଲ । ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି),** ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ବିଚିତ୍ରାନନ୍ଦ ନାୟକ, ଦକ୍ଷିଣ: ରାସ୍ତା ଓ ସନ୍ତୋଷ ନାୟକ, ପୂର୍ବ: ରାସ୍ତା, ପଶ୍ଚିମ: ହରି ନାୟକ ଓ ଅନ୍ୟମାନେ ।

| ସଂରକ୍ଷିତ ମୂଲ୍ୟ | ₹୨୮,୭୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୮୭,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ଟୁଙ୍ଗା,** ପିତା: ଶ୍ରୀ ଅନନ୍ତ ଟୁଙ୍ଗା, **ସହ-ଋଣଗ୍ରହୀତା: ଶ୍ରୀମତୀ ବିଜୟିନୀ ଟୁଙ୍ଗା,** ସ୍ୱାମୀ: ଶ୍ରୀ ଅଜୟ କୁମାର ଟୁଙ୍ଗା, **ଗ୍ୟାରେଣ୍ଟିଦାତା: ୧. ଶ୍ରୀ ସୂର୍ଯ୍ୟମଣି ସାମନ୍ତ,** ପିତା: ଶ୍ରୀ ଦୁର୍ଗା ଚରଣ ରାଉତ ସାମନ୍ତ ଏବଂ **୨. ଶ୍ରୀ ସୁଶାନ୍ତ କୁମାର ଜେନା,** ପିତା: ଶ୍ରୀ ପ୍ରଭାକର ଜେନା; ଡିମାଣ୍ଡ ନୋଟିସ ତାରିଖ: **୧୨.୧୧.୨୦୨୧;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୪୬୩ ଏବଂ ୧୬୮୧୮୬୦୦୦୦୬୩୬**) ହେଉଛି ଯଥାକ୍ରମେ **ତା୧୨.୧୧.୨୦୨୧ରିଖ ସୁଦ୍ଧା ଯଥାକ୍ରମେ ₹୧୧,୯୬,୨୫୧/- ଏବଂ ₹୧୧,୦୧,୦୪୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୮.୧୨.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ଯଥାକ୍ରମେ ୨୦,୩୨,୪୪୯ ଏବଂ ₹୧୮,୬୧,୦୦୯/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼ରେ** ଅବସ୍ଥିତ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ.୬୦୪/୧୭୪୦, ପ୍ଲଟ୍ ନଂ.୧୭୩୩/୪୩୧୭, ରକବା ଏ.୦.୦୪୦ ଡିସିମିଲ । ମୋଟ କ୍ରୟ ରକବା ଏ.୦.୦୪୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୭୩୩/୨୫୩୯ (ଅଂଶ), ପୂର୍ବ: ପ୍ଲଟ୍ ନଂ. ୧୭୩୩/୨୫୩୯ (ଅଂଶ), ପଶ୍ଚିମ: ବୀରବର ପଣ୍ଡା ।

| ସଂରକ୍ଷିତ ମୂଲ୍ୟ | ₹୪୫,୨୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୨,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ । **ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮ ।**

**ତାରିଖ: ୨୫.୦୬.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

## ମୁଣ୍ଡଳି ହାଇସ୍କୁଲରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ତ୍ରିଶୂଳିଆ,୩୦।୬
(ତୁଷାରକାନ୍ତ ବେହେରା)

ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମୁଣ୍ଡଳି ହାଇସ୍କୁଲର ବିଦ୍ୟାର୍ଥୀଙ୍କୁ ସୋମବାର ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ଡା. ଅନୁପମା ପଣ୍ଡା ଯୋଗଦେଇ ଭଲ ପାଠ ପଢ଼ିବା ସହ ଆଦର୍ଶ ମଣିଷ ରୂପେ ନିଜକୁ ଗଢ଼ିତୋଳିବା ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏଥରେ ଅଧ୍ୟକ୍ଷତା କରି ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ ପିଲାମାନଙ୍କ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ଜାଗ୍ରତ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱର୍ଣ୍ଣଲତା ସେବା ସହଯୋଗ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଣ୍ଡଳି ଗ୍ରାମ ପଞ୍ଚାୟତ ସରପଞ୍ଚ କଣ୍ଟେଇ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ, ଉଲ୍ଲାସ ରାଉତ, ଶିକ୍ଷକ ବିଜୟ କୁମାର ନାୟକ, ସାମାଜିକ କର୍ମୀ ଗୌରାଙ୍ଗ ରାଉତ, ଅଶ୍ୱିନୀ କୁମାର ସାହୁ, ପ୍ରଭାକର ସାହୁ, ଜ୍ଞାନ ପ୍ରକାଶ ସାହୁ ପ୍ରମୁଖ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଚାରାରୋପଣ କରାଯାଇଥିଲା।

# ବିମାନବନ୍ଦରରେ ପୂର୍ଣ୍ଣାଙ୍ଗ ଜରୁରିକାଳୀନ ଡ୍ରିଲ୍




ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୂର୍ଣ୍ଣାଙ୍ଗ ଜରୁରିକାଳୀନ ମକ୍‌ଡ୍ରିଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିମାନବନ୍ଦରରେ ବିଭିନ୍ନ ପ୍ରକାରର ଜରୁରିକାଳୀନ ପରିସ୍ଥିତି ମୁକାବିଲା କରିବା ପାଇଁ ଯୋଜନାର ପର୍ଯ୍ୟାପ୍ତତା, ପ୍ରସ୍ତୁତି ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ନିଶ୍ଚିତ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ଏକ ଏ୩୨୧ ଶ୍ରେଣୀର ବାଣିଜ୍ୟିକ ବିମାନକୁ ନେଇ ଏହି ଏକ୍ସରସାଇଜ୍ କରାଯାଇଥିଲା। ବିମାନଟି ୨୨୨ ଜଣ ଯାତ୍ରୀ ନେଇ ଆସୁଥିବା ସମୟରେ ଇଞ୍ଜିନ ନମ୍ବର-୧ରେ ଅଗ୍ନି ଚେତାବନୀ ଲାଇଟ ଅନ୍ ରିପୋର୍ଟ ହୋଇଥିଲା ଏବଂ ଅବତରଣ ପ୍ରୟାସ କରୁଥିବା ସମୟରେ ବିମାନବନ୍ଦର ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣା ଫଳରେ ଏକାଧିକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ୫୦୦ ମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମୃତାହତ ହୋଇଥିଲେ। ଏହି ଜରୁରିକାଳୀନ ପରିସ୍ଥିତିରେ ଏୟାରପୋର୍ଟ ରେସ୍କ୍ୟୁ ଆଣ୍ଡ ଫାୟାର ଫାଇଟିଂ(ଏଆରଏଫଏଫ), ଓଡ଼ିଶା ଅଗ୍ନିଶମ ସେବା, ସିଆଇଏସ୍‌ଏଫ, ରାଜ୍ୟ ପୋଲିସ, ଏନ୍‌ଡିଆରଏଫ, ଏୟାରଲାଇନ୍ସ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଏଜେନ୍ସି, ହସ୍ପିଟାଲ, ଆମ୍ବୁଲାନ୍ସ ସେବା, ଆଇଏମଡି, ଡିଜିସିଏ ଏବଂ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଆଦି ସଂସ୍ଥାମାନେ ସମନ୍ୱିତ ଭାବେ ଅଘଟଣର ମୁକାବିଲା କରିଥିଲେ। ୨୦୦ରୁ ଅଧିକ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କ୍ରାସ୍ ଫାୟାର ଟେଣ୍ଡର ଓ ଆମ୍ବୁଲାନ୍ସର ସାଇରନ, ସ୍ୱେଚ୍ଛାସେବୀ ଆହତମାନଙ୍କୁ ଷ୍ଟ୍ରେଚରରେ ନେବା ଏବଂ ଅସ୍ଥାୟୀ ତମ୍ବୁରେ ପ୍ରାଥମିକ ଚିକିତ୍ସା ସୁବିଧା ଆଦିର ପ୍ରଦର୍ଶନ ଦିଆଯାଇଥିଲା। ବିମାନବନ୍ଦର ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଛନ୍ତି, ଏହି ଡ୍ରିଲ ସମସ୍ତ ବିଭାଗ ସହ ସମନ୍ୱୟ ଏବଂ ସମସ୍ତ ଜରୁରିକାଳୀନ ସଂସ୍ଥାର ଉଚ୍ଚସ୍ତରୀୟ ପ୍ରସ୍ତୁତିକୁ ଦର୍ଶାଇଛି। ସୂଚନା ଥାଉକି, ପୂର୍ଣ୍ଣାଙ୍ଗ ଜରୁରିକାଳୀନ ମକ୍‌ଡ୍ରିଲ୍ ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହୁଏ। ମଧ୍ୟବର୍ତ୍ତୀ ବର୍ଷରେ ଏକ ଟେବୁଲ ଟପ୍ ମକ୍‌ଡ୍ରିଲ କରାଯାଏ, ଯାହା ଜରୁରିକାଳୀନ ପ୍ରସ୍ତୁତି ଏବଂ ବିମାନବନ୍ଦର ଜରୁରିକାଳୀନ ଯୋଜନା(ଏଇପି)ର ପ୍ରଭାବକୁ ସୂଚିତ କରିଥାଏ। ଏଥିରୁ ପ୍ରାପ୍ତ ମତାମତ, ପରାମର୍ଶ ଓ ତ୍ରୁଟିଗୁଡ଼ିକୁ ବିଚାରକୁ ନେଇ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଥାଏ।

## ଏସ୍‌ଏସ୍‌ବି କାର୍ଯ୍ୟାଳୟ ଘେରିଲେ ପରୀକ୍ଷାର୍ଥୀ

### ପ୍ରୋଭିଜନାଲ୍ ଆନସର କି' ପ୍ରକାଶ କରିବାକୁ ଦାବି



ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)

ଚଳିତବର୍ଷ ବି.ଏଡ୍ ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଦେଖିବାକୁ ମିଳିଛି। ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ପ୍ରୋଭିଜନାଲ୍ ଆନସର କି' ବାହାର ନ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା ଅଭିଯୋଗ ହୋଇଛି। ଅଧିକ ନମ୍ବର ପାଇବାକୁ ଥିବା ଆଶାବାଦୀ ବିଦ୍ୟାର୍ଥୀମାନେ କମ୍ ନମ୍ବର ପାଉଛନ୍ତି। ଏହାର ପ୍ରତିବାଦ କରିବା ସହ ଶତାଧିକ ପରୀକ୍ଷାର୍ଥୀ ସୋମବାର ଏସ୍‌ଏସ୍‌ବି କାର୍ଯ୍ୟାଳୟ ଘେରାଉ କରି ନିଜ ମାର୍କ ପୁନଃ ଯାଞ୍ଚ କରିବାକୁ ଦାବି କରିଛନ୍ତି। ସେମାନେ କହିଛନ୍ତି, ପରୀକ୍ଷା ଫଳରେ ଗାଳିଆତି କରାଯାଇଛି। ପରୀକ୍ଷା ପରେ ପ୍ରୋଭିଜନାଲ ଆନସର କି' ପ୍ରକାଶ ସହିତ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ଆହ୍ୱାନ କରିବାର ପ୍ରାବଧାନ ଥିଲେ ମଧ୍ୟ ତାହା କରାଯାଇ ନାହିଁ। ଏନେଇ ଏସ୍‌ଏସ୍‌ବି ଅଧ୍ୟକ୍ଷ ତଥା ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିବା କାଳୀପ୍ରସନ୍ନ ମହାପାତ୍ରଙ୍କ ସହିତ ପରୀକ୍ଷାର୍ଥୀମାନେ ଆଲୋଚନା କରିଛନ୍ତି। ହେଲେ ପରୀକ୍ଷାର୍ଥୀଙ୍କ ଅସୁବିଧା ଓ ଅନିୟମିତତା ସମ୍ପର୍କରେ ସେ ଅବଗତ ନ ଥିବା କହିବାରୁ ଅସନ୍ତୋଷ ବଢ଼ିବା ସହ ପରୀକ୍ଷାର୍ଥୀମାନେ ହୋହାଲ୍ଲା କରିଥିଲେ। ଯାହାର ମାର୍କ ବଢ଼ିବ ବୋଲି ଆଶା କରୁଛନ୍ତି, ସେମାନେ ଦରଖାସ୍ତ କରିବାକୁ ଅଧ୍ୟକ୍ଷ ମହାପାତ୍ର କହିଥିଲେ। ଏହାସହ ପ୍ରୋଭିଜନାଲ ଆନସର କି' ପ୍ରକାଶ ସମ୍ପର୍କରେ ସେମାନେ ବିଚାରବିମର୍ଶ କରିବା ସହିତ ଆଗାମୀ ୩ଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇବ ବୋଲି ଅଭିଯୋଗକାରୀଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ରୋଗୀ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

**ଇନ୍‌ଫୋସିଟି ଥାନାରେ ମାମଲା**

ଇନ୍‌ଫୋସିଟି ଥାନା ଅଧୀନ ଏକ ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଛଅବାଟିଆ ଗ୍ରାମର ଚିତ୍ରସେନ ସ୍ୱାଇଁ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପିତ୍ତକୋଷରେ ପଥର(ଗଲ୍‌ବ୍ଲାଡରରେ) ଥିବା ସ୍ତ୍ରୀ ଶିବାନୀଙ୍କୁ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଚିତ୍ରସେନ ଭର୍ତ୍ତି କରିଥିଲେ। ଜୁନ୍ ୪ ତାରିଖରେ ତାଙ୍କର ଅପରେଶନ(ଇଆରସିପି) ହୋଇଥିଲା। ଅସ୍ତ୍ରୋପଚାର ପରେ ଶିବାନୀ ଅଧିକ ଗୁରୁତର ହୋଇପଡ଼ିଥିଲେ। ତେବେ ୪୮ ଘଣ୍ଟା ପରେ ପୁନଃଅସ୍ତ୍ରୋପଚାର କରାଯିବ ବୋଲି ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଥିଲେ। ହେଲେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ଚିତ୍ରସେନ ଇନ୍‌ଫୋସିଟି ଥାନାରେ ରବିବାର ଏତଲା ଦେଇଥିଲେ। ପୋଲିସ ସମ୍ପୃକ୍ତ ଡାକ୍ତର ଓ ଅନ୍ୟମାନଙ୍କ ନାଁରେ ବିଏନ୍‌ଏସ୍ ଦଫା ୧୨୫(ଏ), ୧୨୫(ବି), ୩(୫) ଏକ ମାମଲା (ନଂ.୨୯୭/୨୦୨୫)ରୁଜୁ କରିଥିଲା। ତେବେ ଶିବାନୀଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ରବିବାର ରାତି ପ୍ରାୟ ୧୨ଟା ୩୨ରେ ମେଡିକାଲ କର୍ତ୍ତୃପକ୍ଷ ଚିତ୍ରସେନଙ୍କୁ ସୂଚନା ଦେଇଥିଲେ। ଏହାପରେ ମୃତଦେହ ନେବାକୁ ବାଧ କରିଥିଲେ ବୋଲି ଚିତ୍ରସେନ ପୁଣି ଥାନାରେ ଅଭିଯୋଗ କରିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶିବାନୀଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମୃତ୍ୟୁ ପରେ ପୋଲିସ ଉକ୍ତ ମାମଲାରେ ଦଫା ୧୦୬(୧) (ଅବହେଳାରୁ ମୃତ୍ୟୁ) ଯୋଡ଼ିଛି। ରୋଗୀଙ୍କ ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ସରକାରଙ୍କ କମିଟିକୁ ସୁପାରିଶ୍ କରାଯିବ ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

## ସହର ଯୋଜନାକାରୀ ନିର୍ଦ୍ଦେଶକ ଶୁଭେନ୍ଦ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସାଧାରଣ ସଭାରେ ଶୁଭେନ୍ଦ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୩୦।୬ (ସୌମ୍ୟରଞ୍ଜନ ରାଉତ)

| ସଂରକ୍ଷିତ ମୂଲ୍ୟ | ₹୨୨,୦୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୨୦,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ,** ପିତା: ଶ୍ରୀ ଦୀନବନ୍ଧୁ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ରେଖା ନାୟକ,** ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ଞାନେନ୍ଦ୍ର ପ୍ରସାଦ ସାହୁ,** ପିତା: ଶ୍ରୀ କୈଳାଶ ଚନ୍ଦ୍ର ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୫୮**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୫,୩୦,୦୦୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୭.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ₹୩,୩୧,୪୫୪/-** ।
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ତହସିଲ, ମଙ୍ଗଳପୁର ମୌଜାରେ** ସମ୍ବଳିତ ନିମ୍ନଲିଖିତ ଜମି ଓ ଭବନର ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୨୯୪, ପ୍ଲଟ୍ ନଂ. ୮୮୪, ରକବା ଏକର ୦.୦୪୩.୬୮ ଡିସିମିଲ, ମୋଟ କ୍ରୟ ରକବା ୦.୦୭୦ ଡିସିମିଲ ମଧ୍ୟରୁ ଏ.୦.୦୪୩.୬୩ ଡିସିମିଲ । ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ (ଘରବାରି),** ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ବିଚିତ୍ରାନନ୍ଦ ନାୟକ, ଦକ୍ଷିଣ: ରାସ୍ତା ଓ ସନ୍ତୋଷ ନାୟକ, ପୂର୍ବ: ରାସ୍ତା, ପଶ୍ଚିମ: ହରି ନାୟକ ଓ ଅନ୍ୟମାନେ ।

| ସଂରକ୍ଷିତ ମୂଲ୍ୟ | ₹୨୮,୭୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୮୭,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଅଜୟ କୁମାର ଟୁଙ୍ଗା,** ପିତା: ଶ୍ରୀ ଅନନ୍ତ ଟୁଙ୍ଗା, **ସହ-ଋଣଗ୍ରହୀତା: ଶ୍ରୀମତୀ ବିଜୟିନୀ ଟୁଙ୍ଗା,** ସ୍ୱାମୀ: ଶ୍ରୀ ଅଜୟ କୁମାର ଟୁଙ୍ଗା, **ଗ୍ୟାରେଣ୍ଟିଦାତା: ୧. ଶ୍ରୀ ସୂର୍ଯ୍ୟମଣି ସାମନ୍ତ,** ପିତା: ଶ୍ରୀ ଦୁର୍ଗା ଚରଣ ରାଉତ ସାମନ୍ତ ଏବଂ **୨. ଶ୍ରୀ ସୁଶାନ୍ତ କୁମାର ଜେନା,** ପିତା: ଶ୍ରୀ ପ୍ରଭାକର ଜେନା; ଡିମାଣ୍ଡ ନୋଟିସ ତାରିଖ: **୧୨.୧୧.୨୦୨୧;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୪୬୩ ଏବଂ ୧୬୮୧୮୬୦୦୦୦୬୩୬**) ହେଉଛି ଯଥାକ୍ରମେ **ତା୧୨.୧୧.୨୦୨୧ରିଖ ସୁଦ୍ଧା ଯଥାକ୍ରମେ ₹୧୧,୯୬,୨୫୧/- ଏବଂ ₹୧୧,୦୧,୦୪୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୮.୧୨.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୨୦.୦୬.୨୦୨୫ରିଖ ସୁଦ୍ଧା ଯଥାକ୍ରମେ ୨୦,୩୨,୪୪୯ ଏବଂ ₹୧୮,୬୧,୦୦୯/-** ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼ରେ** ଅବସ୍ଥିତ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ.୬୦୪/୧୭୪୦, ପ୍ଲଟ ନଂ.୧୭୩୩/୪୩୧୭, ରକବା ଏ.୦.୦୪୦ ଡିସିମିଲ । ମୋଟ କ୍ରୟ ରକବା ଏ.୦.୦୪୦ ଡିସିମିଲ, ଜମିର କିସମ: ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ ନଂ.: ୧୭୩୩/୨୫୩୯ (ଅଂଶ), ପୂର୍ବ: ପ୍ଲଟ ନଂ. ୧୭୩୩/୨୫୩୯ (ଅଂଶ), ପଶ୍ଚିମ: ବୀରବର ପଣ୍ଡା ।

| ସଂରକ୍ଷିତ ମୂଲ୍ୟ | ₹୪୫,୨୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୫୨,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।
**ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮ ।**

**ତାରିଖ: ୨୫.୦୬.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

## ସଂକ୍ଷେପରେ

### ନୂତନ ଅଧ୍ୟକ୍ଷଭାବେ ମହେନ୍ଦ୍ରଙ୍କ ଦାୟିତ୍ୱ ଗ୍ରହଣ

**ଟାଙ୍ଗୀ,୩୦।୬(ରଘୁନାଥ ସାହୁ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଇତିହାସ ବିଭାଗର ଅଧ୍ୟାପକ ମହେନ୍ଦ୍ର କୁମାର ପ୍ରଧାନ ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟରତ ଥିବା ଅଧ୍ୟକ୍ଷ ସୀତାଂଶୁ ଭୂଷଣ ନନ୍ଦ ସୋମବାର ଅବସର ନେଇଛନ୍ତି। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସ୍ୱାକ୍ଷରିତ ପ୍ରୋଭିଜନାଲ ପେନସନକୁ ନୂତନ ଅଧ୍ୟକ୍ଷ ବିଦାୟୀ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ନୂତନ ଅଧ୍ୟକ୍ଷ ମହେନ୍ଦ୍ର କହିଛନ୍ତି।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବେଗୁନିଆ,୩୦।୬(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ସ୍ଥିତ ଡମଣୀ କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ମହାରଣାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଶତପଥୀଙ୍କ ଅଧ୍ୟକ୍ଷତା ଏବଂ ସଂସ୍କୃତ ଶିକ୍ଷକ ବେଣୁଧର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ଭଗବାନ ପଣ୍ଡା ମୁଖ୍ୟ ଅତିଥି, ପରିଚାଳନା କମିଟିର ପୂର୍ବତନ ସଭାପତି ଭିକାରୀ ଚରଣ ପଣ୍ଡା ମୁଖ୍ୟ ବକ୍ତା, ଭାରପ୍ରାପ୍ତ ଏବିଇଓ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପଣ୍ଡା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ହେମନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବ୍ରଜବନ୍ଧୁ ନିଶଙ୍କ, କୈଳାସ ଚନ୍ଦ୍ର ମହାପାତ୍ର, ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱର୍ଣ୍ଣପ୍ରଭା ଦେଇ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରାମଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

### ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ

**ବୋଲଗଡ଼,୩୦।୬(ଦେବବ୍ରତ ହୋତା):** ପିଚୁକୁଳିସ୍ଥିତ ନୃତ୍ୟାକାଂକ୍ଷା ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ନ୍ୟାୟବିତ୍ ପ୍ରମୋଦ ପ୍ରତାପସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ସର୍ବେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ଗୋଲକଚନ୍ଦ୍ର ସାହୁ, ମନୋଜ ଗୁମାନସିଂହ, ଅବିନାଶ ଦାଶ, ରୋଶନରାଜ ସାହୁ, ପ୍ରକାଶ ଚନ୍ଦ୍ର ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ରୂପାଲୀ ଅପରାଜିତା ମାନସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାର୍ଥୀମାନେ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସଦସ୍ୟ ସଞ୍ଜୟ ମାନସିଂହ ସଂଯୋଜନା କରିଥିବା ବେଳେ ଜ୍ୟୋତ୍ସ୍ନାମୟୀ ମାନସିଂହ ଧନ୍ୟବାଦ ଦେଇଥିଲେ।

# ବିମାନବନ୍ଦରରେ ପୂର୍ଣ୍ଣାଙ୍ଗ ଜରୁରିକାଳୀନ ଡ୍ରିଲ୍

**ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)**



ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ମକ୍‌ଡ୍ରିଲ କରାଯାଉଛି।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୂର୍ଣ୍ଣାଙ୍ଗ ଜରୁରିକାଳୀନ ମକ୍‌ଡ୍ରିଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିମାନବନ୍ଦରରେ ବିଭିନ୍ନ ପ୍ରକାରର ଜରୁରିକାଳୀନ ପରିସ୍ଥିତି ମୁକାବିଲା କରିବା ପାଇଁ ଯୋଜନାର ପର୍ଯ୍ୟାପ୍ତତା, ପ୍ରସ୍ତୁତି ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ନିଶ୍ଚିତ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ଏକ ଏ୩୨୧ ଶ୍ରେଣୀର ବାଣିଜ୍ୟିକ ବିମାନକୁ ନେଇ ଏହି ଏକ୍ସରସାଇଜ୍ କରାଯାଇଥିଲା। ବିମାନଟି ୨୨୨ ଜଣ ଯାତ୍ରୀ ନେଇ ଆସୁଥିବା ସମୟରେ ଇଞ୍ଜିନ ନମ୍ବର-୧ରେ ଅଗ୍ନି ଚେତାବନୀ ଲାଇଟ ଅନ୍ ରିପୋର୍ଟ ହୋଇଥିଲା ଏବଂ ଅବତରଣ ପ୍ରୟାସ କରୁଥିବା ସମୟରେ ବିମାନବନ୍ଦର ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣା ଫଳରେ ଏକାଧିକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ୫୦୦ ମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମୃତାହତ ହୋଇଥିଲେ। ଏହି ଜରୁରିକାଳୀନ ପରିସ୍ଥିତିରେ ଏୟାରପୋର୍ଟ ରେସ୍‌କ୍ୟୁ ଆଣ୍ଡ୍ ଫାୟାର ଫାଇଟିଂ(ଏଆର୍‌ଏଫ୍‌ଏଫ୍), ଓଡ଼ିଶା ଅଗ୍ନିଶମ ସେବା, ସିଆଇଏସ୍‌ଏଫ୍, ରାଜ୍ୟ ପୋଲିସ୍, ଏନ୍‌ଡିଆର୍‌ଏଫ୍, ଏୟାରଲାଇନ୍ସ, ଗ୍ରାଉଣ୍ଡ୍ ହ୍ୟାଣ୍ଡଲିଂ ଏଜେନ୍ସି, ହସ୍ପିଟାଲ, ଆମ୍ବୁଲାନ୍ସ ସେବା, ଆଇଏମ୍‌ଡି, ଡିଜିସିଏ ଏବଂ ଏୟାରପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଆଦି ସଂସ୍ଥାମାନେ ସମନ୍ୱିତ ଭାବେ ଅଘଟଣର ମୁକାବିଲା କରିଥିଲେ। ୨୦୦ରୁ ଅଧିକ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କ୍ରାସ୍ ଫାୟାର ଟେଣ୍ଡର ଓ ଆମ୍ବୁଲାନ୍ସର ସାଇରନ, ସ୍ୱେଚ୍ଛାସେବୀ ଆହତମାନଙ୍କୁ ଷ୍ଟ୍ରେଚରରେ ନେବା ଏବଂ ଅସ୍ଥାୟୀ ତମ୍ବୁରେ ପ୍ରାଥମିକ ଚିକିତ୍ସା ସୁବିଧା ଆଦିର ପ୍ରଶିକ୍ଷଣ ଦିଆଯାଇଥିଲା। ବିମାନବନ୍ଦର ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଛନ୍ତି, ଏହି ଡ୍ରିଲ ସମସ୍ତ ବିଭାଗ ସହ ସମନ୍ୱୟ ଏବଂ ସମସ୍ତ ଜରୁରିକାଳୀନ ସଂସ୍ଥାର ଉଚ୍ଚସ୍ତରୀୟ ପ୍ରସ୍ତୁତିକୁ ଦର୍ଶାଇଛି। ସୂଚନା ଥାଉକି, ପୂର୍ଣ୍ଣାଙ୍ଗ ଜରୁରିକାଳୀନ ମକ୍‌ଡ୍ରିଲ୍ ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହୁଏ। ମଧ୍ୟବର୍ତ୍ତୀ ବର୍ଷରେ ଏକ ଟେବୁଲ ଟପ୍ ମକ୍‌ଡ୍ରିଲ କରାଯାଏ, ଯାହା ଜରୁରିକାଳୀନ ପ୍ରସ୍ତୁତି ଏବଂ ବିମାନବନ୍ଦର ଜରୁରିକାଳୀନ ଯୋଜନା(ଏଇପି)ର ପ୍ରଭାବକୁ ସୂଚିତ କରିଥାଏ। ଏଥିରୁ ପ୍ରାପ୍ତ ମତାମତ, ପରାମର୍ଶ ଓ ତ୍ରୁଟିଗୁଡ଼ିକୁ ବିଚାରକୁ ନେଇ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଥାଏ।



ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସଭାଗୃହରେ ସୋମବାର ଆୟୋଜିତ ସଙ୍ଗତ ଓ ପଙ୍ଗତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ, ଛାତ୍ରୀ ଏବଂ ଅନ୍ୟମାନେ

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)**

ବରିଷ୍ଠ ନାଗରିକ ମଞ୍ଚର ସଭାଗୃହରେ ଆୟୋଜିତ ସଙ୍ଗତ ଓ ପଙ୍ଗତ କାର୍ଯ୍ୟକ୍ରମରେ ଆର୍ଥିକ ଅନଗ୍ରସରଙ୍କୁ ସିଲେଇ ମେସିନ ଦିଆଯାଇଛି। ଖୋର୍ଦ୍ଧାସ୍ଥିତ ଘରୋଇ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ମେରିୟମ ବାନୋ ଏବଂ ଶିକ୍ଷୟିତ୍ରୀ ମନ୍ଦିରା ଦେଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରମେଶ ଚନ୍ଦ୍ର ମିଶ୍ର ଓ ସମ୍ପାଦକ ଏମ୍. ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦେବପ୍ରସାଦ ମଜୁମଦାର, ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମ୍‌ଉଦ୍ଦିନ ଖାଁ, ପ୍ରତାପ ଚନ୍ଦ୍ର ମହାପାତ୍ର, ବିପ୍ର ଚରଣ ବେହୁରା, କ୍ଷେତ୍ରବାସୀ ସାହୁ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ହରମୋହନ ମହାପାତ୍ର, ନବିନ ସାମନ୍ତସିଂହାର, ଗଦାଧର ଗୋଛି, ଗଗନ ପାଣିଗ୍ରାହୀ, ବିଜୟ ପଣ୍ଡା, ବିପିନ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ଏବଂ ସହ ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଦେଇଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ରୋଗୀ ମୃତ୍ୟୁ ଅଭିଯୋଗ

**ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)**

**ଇନ୍‌ଫୋସିଟି ଥାନାରେ ମାମଲା**

ଇନ୍‌ଫୋସିଟି ଥାନା ଅଧୀନ ଏକ ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଛଅବାଟିଆ ଗ୍ରାମର ଚିତ୍ରସେନ ସ୍ୱାଇଁ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପିତ୍ତକୋଷରେ ପଥର(ଗଲ୍ ବ୍ଲାଡରରେ) ଥିବା କାରଣରୁ ସ୍ତ୍ରୀ ଶିବାନୀଙ୍କୁ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଚିତ୍ରସେନ ଭର୍ତ୍ତି କରିଥିଲେ। ଜୁନ୍ ୪ତାରିଖରେ ତାଙ୍କର ଅପରେଶନ(ଇଆର୍‌ସିପି) ହୋଇଥିଲା। ଅସ୍ତ୍ରୋପଚାର ପରେ ଶିବାନୀ ଅଧିକ ଗୁରୁତର ହୋଇପଡ଼ିଥିଲେ। ତେବେ ୪୮ ଘଣ୍ଟା ପରେ ପୁନଃଅସ୍ତ୍ରୋପଚାର କରାଯିବ ବୋଲି ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଥିଲେ। ହେଲେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ଚିତ୍ରସେନ ଇନ୍‌ଫୋସିଟି ଥାନାରେ ରବିବାର ଏତଲା ଦେଇଥିଲେ। ପୋଲିସ ସମ୍ପୃକ୍ତ ଡାକ୍ତର ଓ ଅନ୍ୟମାନଙ୍କ ନାଁରେ ବିଏନ୍‌ଏସ୍ ଦଫା ୧୨୫(ଏ), ୧୨୫(ବି), ୩(୫) ଏକ ମାମଲା (ନଂ.୨୯୬/୨୦୨୫)ରୁଜୁ କରିଥିଲା। ତେବେ ଶିବାନୀଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ରବିବାର ରାତି ପ୍ରାୟ ୧୨ଟା ୩୨ରେ ମେଡିକାଲ କର୍ତ୍ତୃପକ୍ଷ ଚିତ୍ରସେନଙ୍କୁ ସୂଚନା ଦେଇଥିଲେ। ଏହାପରେ ମୃତଦେହ ନେବାକୁ ବାଧ କରିଥିଲେ ବୋଲି ଚିତ୍ରସେନ ପୁଣି ଥାନାରେ ଅଭିଯୋଗ କରିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶିବାନୀଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମୃତ୍ୟୁ ପରେ ପୋଲିସ ଉକ୍ତ ମାମଲାରେ ଦଫା ୧୦୬(୧) (ଅବହେଳାରୁ ମୃତ୍ୟୁ) ଯୋଡ଼ିଛି। ରୋଗୀଙ୍କ ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ସରକାରଙ୍କ କମିଟିକୁ ସୁପାରିଶ୍ କରାଯିବ ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

## ତାରା ପ୍ରସାଦଙ୍କ ସ୍ମୃତିସଭା

**ଟାଙ୍ଗୀ,୩୦।୬(ରଘୁନାଥ ସାହୁ):** ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଡିଗ୍ରୀ କଲେଜର କିରାଣିତାରା ପ୍ରସାଦ ମହାପାତ୍ରଙ୍କ ବିୟୋଗରେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାରା ପ୍ରସାଦଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାଗାନୁଗା ପ୍ରେମ ଭକ୍ତି କ୍ଷେତ୍ରରେ ରାମାନନ୍ଦଙ୍କ ଅବଦାନ ଅନେକ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)**

ରାୟ ରାମାନନ୍ଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ସୋମବାର ବୁଦ୍ଧ ମନ୍ଦିର ସଭାଗୃହରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଦିଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କହିଲେ, ରାୟ ରାମାନନ୍ଦଙ୍କ ଭଳି ବିଦ୍ୱାନ ଷୋଡ଼ଶ ଶତାବ୍ଦୀରେ ଜନ୍ମନେଇ ଓଡ଼ିଶାରେ ଆଧ୍ୟାତ୍ମିକ ସାହିତ୍ୟ, ସଙ୍ଗୀତ, ନାଟକ, ଓ ରାଗାନୁଗା ପ୍ରେମ ଭକ୍ତିର ପ୍ରସାର କ୍ଷେତ୍ରରେ ଅତୁଳନୀୟ ଅବଦାନ ଦେଇଛନ୍ତି। ଏହି ଅବସରରେ ଡ. ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶୀ ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ କହିଲେ, ରାୟ ରାମାନନ୍ଦଙ୍କ ସଙ୍ଗୀତକୁ ଆଧାର କଲେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମ୍ଭବପର ହେବ। ଏଥିସହ ସେ ରାୟ ରାମାନନ୍ଦଙ୍କ ନାଟ୍ୟ ସଙ୍ଗୀତରେ ଦାର୍ଶନିକତା ଉପରେ ବହୁ ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସକ ସହଦେବ ଜୟସିଂ ରାୟ ରାମାନନ୍ଦଙ୍କ ବିଚକ୍ଷଣ ରାଜନୈତିକ ବୁଦ୍ଧି ଓ କଳାତ୍ମକ ଉତ୍କର୍ଷ ସହିତ ବିବିଧ ଭାଷାରେ ଲେଖୁଥିବା ରଚନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଡ. ମନସ୍ୱିନୀ ଦାଶ ରାମାନନ୍ଦଙ୍କ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାରସ୍ୱତ ଜଗତକୁ ଅବଦାନ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଉପଦେଷ୍ଟା ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ବିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## କଲେଜ ଅଧ୍ୟକ୍ଷମାନେ ଦେଉନାହାନ୍ତି ବାୟୋମେଟ୍ରିକ ଉପସ୍ଥାନ

**ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)**

**ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ**

କଲେଜ ଅଧ୍ୟକ୍ଷମାନେ ବାୟୋମେଟ୍ରିକ ଉପସ୍ଥାନ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ସୋମବାର ପୁନଃ ଚିଠି ମାଧ୍ୟମରେ ସମସ୍ତ କଲେଜ ଅଧ୍ୟକ୍ଷ ଏବଂ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ କଲେଜରେ ୭ଘଣ୍ଟା ରହିବାକୁ ତାଗିଦ କରାଯାଇଛି। ସେହିପରି ଅନ୍ୟ କର୍ମଚାରୀମାନେ ମଧ୍ୟ ବାୟୋମେଟ୍ରିକ ଦେଉନାହାନ୍ତି। ଏଥିଯୋଗୁ ପାଠପଢ଼ା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗ ପାଖରେ ଏଭଳି ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାୟୋମେଟ୍ରିକ୍ ଉପସ୍ଥାନ ଠିକ୍ ଭାବେ ଦେଉ ନ ଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଛି। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ନରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଏହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟର ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ତାଗିଦ କରିଥିଲେ। ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଧ୍ୟ ଅଧ୍ୟକ୍ଷ ଓ କର୍ମଚାରୀମାନେ ବାୟୋମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ନଜର ରହିଛି।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି

**ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ବିଜେ କରିଛନ୍ତି। ତେବେ ସୋମବାର ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ଭୋଗମଣ୍ଡପ ଶେଷହେବା ପରେ ରାତି ୧୦ଟା ୨୦ରେ ବନକଲାଗି ପାଇଁ ଦତ୍ତ ମହାପାତ୍ର ଗର୍ଭଗୃହକୁ ପ୍ରବେଶ କରିଥିଲେ। ବନକଲାଗି ଏକ ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତ ମହାପାତ୍ର ସେବକମାନେ ଜନ୍ମବେଦିରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନ କରିଥାନ୍ତି।

# ଜୁଲାଇରେ ସ୍ୱାଭାବିକରୁ ଅଧିକ ବର୍ଷିବ

**ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)**

ଗତ କିଛିଦିନ ଧରି ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଜୁଲାଇରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି। ସ୍ୱାଭାବିକ ବର୍ଷାର ୧୦୬% ବୃଷ୍ଟିପାତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜୁନ୍ ୧ରୁ ୨୯ ମଧ୍ୟରେ ରାଜ୍ୟରେ ୨୪୪.୯ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୨୦୯.୩ ମିମିଠାରୁ ଏହା ୧୭ ପ୍ରତିଶତ ଅଧିକ ରହିଛି। ଜଗତ୍‌ସିଂହପୁର, ବୌଦ୍ଧ, ସୋନପୁର, ମୟୂରଭଞ୍ଜ ଜିଲାରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ବାଲେଶ୍ୱରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି, ନୂଆପଡ଼ା, ଝାରସୁଗୁଡ଼ା ଓ ଯାଜପୁର ଜିଲାରେ ଅଭାବୀ ବର୍ଷା ହୋଇଥିବାବେଳେ ବାକି ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜାମଦାରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ସକ୍ରିୟ ରହିଛି। ପରେ ୨ ଦିନରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଓ ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ସହ ଗ୍ୟାଙ୍ଗଟକ୍ ପଶ୍ଚିମବଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗତି କରିବ। ଏହା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏ ବର୍ଷା ଲାଗି ରହିବ। ଜୁଲାଇ ୪ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବା ସହିତ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଅତି ପ୍ରବଳ ବର୍ଷା ନେଇ ୭ ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ରାୟଗଡ଼ା, ନୂଆପଡ଼ା, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ଗଜପତି, ଦେବଗଡ଼, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାକୁ ପ୍ରବଳ ବଜ୍ରପାତ ସହ ପବନ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼ ଓ ଝାରସୁଗୁଡାକୁ ଅରେଞ୍ଜ ୱାର୍ନିଂ ଓ ପ୍ରବଳ ବର୍ଷା ପବନ ପାଇଁ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଓ ବରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ୨ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ମନା କରାଯାଇଛି।

# ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଚିଲିକା

**ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)**



ନୀଳାମ୍ବୁ ଚିଲିକା ହେଉଛି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର। ମହାପ୍ରଭୁ ୮ଥର ଚିଲିକାକୁ ଏବଂ ଚିଲିକା ମଧ୍ୟଦେଇ ଅନ୍ୟସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୫ଥର ଚିଲିକା ମଧ୍ୟକୁ ଯାଇଥିବା ବେଳେ ୩ଥର ଚିଲିକା ବକ୍ଷ ଦେଇ ଅନ୍ୟାନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୧୬୧୧ ମସିହାରେ କଲ୍ୟାଣ ମଲ୍ଲର ପ୍ରଥମ ଆକ୍ରମଣ ସମୟରେ ମହାପ୍ରଭୁ ମହିଷା ବରହମପୁରକୁ ଯାଇଥିଲେ। ସେତେବେଳେ ଗଜପତି ଥିଲେ ଶ୍ରୀପୁରୁଷୋତ୍ତମ ଦେବ। ମାଦଳା ବର୍ଣ୍ଣିତ ମହିଷା ଶବ୍ଦ ଠିକ୍ ମନେହୁଏ। କାରଣ ପ୍ରଥମେ ଏହି ସ୍ଥାନ ମହିଷା ନାମରେ ପ୍ରଚଳିତ ଥିଲା। ମହିଷା ସ୍ଥଳଭାଗର ଦକ୍ଷିଣ ପାର୍ଶ୍ୱ ନାସୀକୁ ଅର୍ଥାତ ଶେଷଭାଗକୁ ମହାପ୍ରଭୁ ବିଜେ କରିଥିଲେ। ଉକ୍ତ ନାସୀର ଶେଷଭାଗରେ ଚିଲିକାର ଜଳଭାଗ ରହିଛି। ଜଳରାଶିର ଅପରପାର୍ଶ୍ୱରେ ରାଜହଂସ ଜଙ୍ଗଲର ପଶ୍ଚିମ ପାର୍ଶ୍ୱ ରହିଛି। ଦାରୁବ୍ରହ୍ମ ଗୁପ୍ତରେ ଏଠାରେ ବିଜେ କରିଥିବାରୁ ଏହି ସ୍ଥାନକୁ ବ୍ରହ୍ମପୁର(ବ୍ରହ୍ମ ରହିଥିବା ପୁର) ବୋଲି କହିଥିଲେ। ଅଦ୍ୟାବଧି ପ୍ରାୟ ଚାରିଶହ ବର୍ଷ ପରେ ମଧ୍ୟ ସେହି ଅଞ୍ଚଳ ବ୍ରହ୍ମପୁର ବା ବରହମପୁର ନାମରେ ପ୍ରସିଦ୍ଧି ଲାଭ କରିଛି। ବରହମପୁର ନାମରେ ଏକ ସ୍ୱତନ୍ତ୍ର ଜନବସତି ମଧ୍ୟ ଗଢ଼ିଉଠିଛି। ବରହମପୁର ଠାରୁ ଉତ୍ତର ଦିଗକୁ ସ୍ଥଳଭାଗରେ ୩କିମି. ଗଲେ ମହିଷା ଗ୍ରାମ ରହିଛି। କାଳକ୍ରମେ ଶ୍ରୀବିଗ୍ରହମାନେ ଗୁପ୍ତରେ ଲୀଳା କରିଥିବା ସ୍ଥାନ ମହିଷାନାସୀ ପରିବର୍ତ୍ତେ ଚକାନାସୀ ଭାବେ ପରିଚିତ ହୋଇଅଛି। ଶ୍ରୀବିଗ୍ରହମାନେ ଚକା ଉପରେ ବିଜେ କରିଥିବାରୁ ତାହା ଚକାନାସୀ ଭାବରେ ପ୍ରସିଦ୍ଧି ଲାଭ କରିଛି। ଏହି ସ୍ଥାନ ବରହମପୁର ଜନବସତିଠାରୁ ଦକ୍ଷିଣ ଦିଗରେ ଦୁଇ କିମି ପରେ ଅବସ୍ଥିତ। ଚକାନାସୀ ପରବର୍ତ୍ତୀ ସମୟରେ ଖଡିନାସୀ ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିବା ଐତହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ର କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ୧୬୧୧ ମସିହା ଜୁନ୍‌ଠାରୁ ୧୬୧୨ ମସିହା ମେ' ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଶ୍ରୀବିଗ୍ରହମାନେ ଏଠାରେ ଗୁପ୍ତରେ ଲୀଳା କରିଥିଲେ। କଲ୍ୟାଣମଲ୍ଲର ଦ୍ୱିତୀୟ ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚିଲିକାର ଗୁରୁବାଇ ଦ୍ୱୀପ ସାମନାରେ ଚାପରେ ବିଜେ କରାଯାଇଥିଲା। ସେତେବେଳେ ଚକାନାସୀରୁ ସିପିନାସୀକୁ ସ୍ଥଳଭାଗରେ ଶ୍ରୀବିଗ୍ରହଙ୍କୁ ନିଆଯାଇଥିବା ଲୋକଶ୍ରୁତି ରହିଛି। ଡ. ମିଶ୍ର କୁହନ୍ତି, ସେଠାରେ ଲୋକକଥା ଅଛି ଚକାନାସୀରୁ ସିପିନାସୀ ଦିଅଁ ପଳାଇଲେ ରଥରେ ବସି। ଚକାନାସୀଠାରେ ମୁଗୁନି ପଥରେ ତିନୋଟି ଚକା ରହିଥିଲା। ବର୍ତ୍ତମାନ ସେଠାରେ ବିଭାଜିତ ତିନୋଟି ପ୍ରସ୍ତର ମଧ୍ୟରୁ ମଝି ବଡ଼ ପ୍ରସ୍ତରର ଧାରରେ ନବଗ୍ରହଙ୍କ ବିଗ୍ରହ ଖୋଦିତ କରାଯାଇଛି। ନିକଟ ଘଞ୍ଚ କଣ୍ଟାବୁଦା ମଧ୍ୟରେ ଶ୍ରୀବିଗ୍ରହମାନେ ବିଜେ କରିଥିବା ଚକା ତିନୋଟି ବାଲିରେ ପୋତି ହୋଇପଡିଥିବା ସ୍ଥାନୀୟ ଗ୍ରାମବାସୀଙ୍କ ମତ ରହିଛି ବୋଲି ମିଶ୍ର କହିଛନ୍ତି। ସେ ଆହୁରି କୁହନ୍ତି, ଚକାନାସୀର ପୂର୍ବ ଦିଗରେ ରହିଛି ଚିଲିକାର ଜଳରାଶି। ସେହି ଦିଗରେ ରହିଥିଲା ଚଉବରସାଧୁଙ୍କ ଆଶ୍ରମ। ମହାପ୍ରଭୁ ଚକାନାସୀରେ ଥିବା ବେଳେ ଚରବରସ୍ୱାମୀ ପ୍ରତିଦିନ ଜଳପଥରେ ଆସି ଦର୍ଶନ କରୁଥିବା ଜଣାଯାଏ। ମହାପ୍ରଭୁଙ୍କ ଉପାସନାରେ ସହାୟତା ପାଇଁ ଅନେକ କମା ବ୍ରାହ୍ମଣ ଭକ୍ତ ନାସୀରେ ରହୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳ ଖନନ ସମୟରେ ମାଟିର ଅଂଶବିଶେଷ, ଖପରା, କଉଡି, ଭଙ୍ଗାମାଠିଆ ଆଦି ବାହାରିବା ସହ ସୁନା ମୋହରଟିଏ ମଧ୍ୟ ମିଳିଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ମହାପ୍ରଭୁଙ୍କୁ ଏଠାରେ ଅନ୍ନଭୋଗ ଲାଗି ହେଉଥିଲା। ମହାପ୍ରଭୁ ଏଠାରୁ ପ୍ରସ୍ଥାନ ପରେ ଶ୍ରୀବିଷ୍ଣୁଙ୍କ ସ୍ମୃତରେ ବିଗ୍ରହ ମହିଷାଠାରେ ଥିବା ସର୍ବେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜିତ ହେଉଛନ୍ତି।

ଚିଲିକାର ଉତ୍ତର କୂଳରେ ନଇରୀ ଗ୍ରାମରେ ହରିହରେଶ୍ୱର ମନ୍ଦିର ରହିଛି। ମାଦଳା ପାଞ୍ଜିରେ ହରିହରେଶ୍ୱର ହରିଶ୍ୱରମଣ୍ଡପ ଭାବେ ପରିଚିତ। ୧୭୩୧ ମସିହାରେ ତକି ଖାଁ ଆକ୍ରମଣ ସମୟରେ ମହାପ୍ରଭୁ ଏଠାରେ ୭ମାସ ୨୭ଦିନ ଲୀଳା କରିଥିଲେ। ୧୭୩୨ ମସିହାରେ ମହାପ୍ରଭୁଙ୍କ ଏଠାରେ ରଥଯାତ୍ରା ହୋଇଥିଲା। ରଥଯାତ୍ରା ଆୟୋଜନର ମୁଖ୍ୟ ପୁରୋଧା ଥିଲେ ଗଜପତି ରାମଚନ୍ଦ୍ର ଦେବଙ୍କ ପୁଅ କୃଷ୍ଣ ରାୟ। ଯୁବରାଜଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ଗ୍ରାମର ପୂର୍ବ ଦିଗରେ ନିଘଞ୍ଚ ଜଙ୍ଗଲରେ ଗୋଟିଏ ବରଗଛ ନିକଟରେ ତୋଳିଥିଲେ ଅସ୍ଥାୟୀ ଗୁଣ୍ଡିଚା ଘର। ଅନତି ଦୂରରେ ମହାପ୍ରଭୁଙ୍କ ଉପାସନା ପାଇଁ ଟାଙ୍ଗରା ଭୂଇଁରେ କୂଅ ଖୋଳାଇଥିଲେ। ୩ଟି ଶଗଡ଼ରେ ମହାପ୍ରଭୁଙ୍କୁ ହରିଶ୍ୱରମଣ୍ଡପରୁ ବିଜେ କରିଥିଲେ ଗୁଣ୍ଡିଚା ଘରକୁ। ଲୀଳାଖେଳା ସାରି ମହାପ୍ରଭୁ ସ୍ୱମନ୍ଦିରକୁ ଫେରିଯାଇଥିଲେ। ତେବେ ଏବେ ବି ଦୀର୍ଘ ବର୍ଷ ପରେ ବଡ଼ଦାଣ୍ଡ ଭାବେ ପ୍ରସିଦ୍ଧି ରହିଛି। ସେହିଦନରୁ ବରଗଛ ଗୁଣ୍ଡିଚାବର ଏବଂ କୂଅ ଗୁଣ୍ଡିଚା କୂଅ ଭାବେ ପ୍ରସିଦ୍ଧ। ମହାବାତ୍ୟାରେ ବରଗଛ ଏବଂ ନଡା ଛପର ଗୁଣ୍ଡିଚା ଘର ମାଟିରେ ମିଶିଯାଇଛି। ହେଲେ ମୂକସାକ୍ଷୀ ଭାବେ ଗୁଣ୍ଡିଚା କୂଅ ରହିଯାଇଛି। ସେହି ବର୍ଷ ପରଠାରୁ ଆଉ ରଥଯାତ୍ରା ସେଠାରେ ହୋଇନାହିଁ। ଗୁଣ୍ଡିଚାବରକୁ ନେଇ ମଧ୍ୟ ଅନେକ କଥା ରହିଛି। ଦକ୍ଷିଣରେ ଗଙ୍ଗାଝର। ଏହାର ଦକ୍ଷିଣକୁ ଯମୁନା ନିର୍ଝର। ଏହାର ଅନତି ଦୂରରେ ଗଢ଼ିଉଠିଛି କୋଟେଇଶୁଣି ମନ୍ଦିର। ୧୭୩୨ ମସିହାରେ ତକି ଖାଁର ବାଣପୁର ଆକ୍ରମଣ ସମୟରେ ମହାପ୍ରଭୁ ୪ମାସ ପାଇଁ ହରିଶ୍ୱର ମଣ୍ଡପରୁ ଯାଇ କାଙ୍କଣଶିଖରୀରେ ଲୀଳା କରିଥିଲେ। ଚିଲିକାର ଚାରିପଟ ନୀଳଜଳରାଶି ମଧ୍ୟରେ କାଙ୍କଣଶିଖରୀ କୁଦ। ସେତିକିବେଳେ ସେବାୟତମାନେ ଯମୁନା ନିର୍ଝର ମଧୁର ଜଳ ନେଇ ଘନ ବନସ୍ତ କାଙ୍କଣଶିଖରୀରେ ମହାପ୍ରଭୁଙ୍କୁ ପୂଜା କରୁଥିଲେ। ମହାପ୍ରଭୁଙ୍କୁ କାଙ୍କଣ ଭୋଗ ଲାଗି କରାଯାଇଥିବାରୁ ଏହାର ଅନ୍ୟ ନାମ କାଙ୍କଣଶୀଖରୀ ଭାବେ ପରିଚିତ ହୋଇଥିବା ଗବେଷକଙ୍କ ମତ ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୬।୨୦୨୫

| | |
|---|---|
| ୪,୮୫,୭୩୨ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧୦ ଗ୍ରାମ୍ |

# ରଥଯାତ୍ରାର ସମୀକ୍ଷା କଲେ ଅରବିନ୍ଦ ଅଗ୍ରୱାଲ

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ଆରମ୍ଭ ହେବା ସହ ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପକୁ ବିଜେ କରି ସାରିଛନ୍ତି। ବର୍ତ୍ତମାନ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଉଚ୍ଚଶିକ୍ଷା କମିଶନର ତଥା ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଜିଲାପାଳ ଚଞ୍ଚଳ ରାଣା ଆହ୍ୱାନ ଦେଇଛନ୍ତି। ଏନେଇ ସୋମବାର ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲାପାଳ ଚଞ୍ଚଳ ରାଣା ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

କମିଶନର ଅଗ୍ରୱାଲ ରଥଯାତ୍ରା ଏକ ସାମୂହିକ ଓ ସମ୍ମିଳିତ ଉଦ୍ୟମର କାର୍ଯ୍ୟକ୍ରମ। ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଆସୁଛନ୍ତି, ସେମାନେ ଯେମିତି ସୁନ୍ଦର ଦର୍ଶନ ସହ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏବେ ଆଡ଼ପ ମଣ୍ଡପ ଦର୍ଶନ ଚାଲୁଥିବାରୁ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ ପାଇଁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ଉଚ୍ଚଶିକ୍ଷା କମିଶନର ଅରବିନ୍ଦ ଅଗ୍ରୱାଲ ଓ ଜିଲାପାଳ ଚଞ୍ଚଳ ରାଣାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ।

ବିଶେଷ କରି ବ୍ୟାରିକେଡ୍‌ରେ ଦର୍ଶନ ପାଇଁ ଅପେକ୍ଷାରେ ରହୁଥିବା ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ, ଓଆର୍‌ଏସ୍ ଇତ୍ୟାଦି ବଣ୍ଟନ ସହ ସେମାନଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିମଳ ଓ ସ୍ୱଚ୍ଛତା, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ପାର୍କିଂସ୍ଥଳର ଉନ୍ନତୀକରଣ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ ରଖି ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ନୀତିକାନ୍ତିର ସୂଚନା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଆବଶ୍ୟକ ଅନୁସାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ପିକେଡିଏ ସମ୍ପାଦକ ଦିଲୀପ କୁମାର ମହାରଣା, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ରଥଯାତ୍ରା ଅବସରରେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ, ଆବଶ୍ୟକତା ଓ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।



ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଯାଉଛନ୍ତି ।

## ସଂକ୍ଷେପରେ

### ଶ୍ରୀମନ୍ଦିର ଭିଡିଓ ଭାଇରାଲ
### ଡ୍ରୋନ ସାହାଯ୍ୟରେ ଉତ୍ତୋଳନ କରାଯାଇଥିବା ନେଇ ସୂଚନା

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ପୋଲିସର କଡ଼ା ସୁରକ୍ଷା ସତ୍ତ୍ୱେ ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଜଣେ ବଙ୍ଗୀୟ ପର୍ଯ୍ୟଟକ ତାଙ୍କ ସୋସିଆଲ ମିଡିଆରେ ଡ୍ରୋନ ସାହାଯ୍ୟରେ ଶ୍ରୀମନ୍ଦିର ଉପରର ଦୃଶ୍ୟ ପୋଷ୍ଟ କରିଛନ୍ତି। ପଶ୍ଚିମବଙ୍ଗର ସୁଭୋଦୀପ ଅଡାକ୍‌ନାମକ ଜଣେ ବ୍ୟକ୍ତି ତାଙ୍କ ସୋସିଆଲ ମିଡିଆରେ ଶ୍ରୀମନ୍ଦିର ନୀଳଚକ୍ର, ଭିତର ବେଢ଼ା, ବାଇଶି ପାହାଚ, ଚାହାଣୀ ମଣ୍ଡପ, ରୋଷଶାଳା, ଆନନ୍ଦବଜାର, ଶ୍ରୀମନ୍ଦିର ଚାରିପାଖର ଦୃଶ୍ୟ ଡ୍ରୋନ୍ ସାହାଯ୍ୟରେ ନେଇଥିବା ଭିଡିଓରୁ ଦେଖାଯାଉଛି। ସେହିପରି ରଥର ମଧ୍ୟ ଭିଡିଓ ରହିଛି। ତେବେ ଶ୍ରୀମନ୍ଦିର ନିକଟରେ ଡ୍ରୋନ୍ ଉଡ଼ାଇବା ଉପରେ କଟକଣା ରହିଥିବାବେଳେ ରଥଯାତ୍ରା ସମୟରେ ପୋଲିସ ପକ୍ଷରୁ ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବହାର କରାଯାଇଥିଲା। ହେଲେ ଏତେ କଡ଼ା ବ୍ୟବସ୍ଥା ସତ୍ତ୍ୱେ କିପରି ଡ୍ରୋନ ସାହାଯ୍ୟରେ ଭିଡିଓ ଉତ୍ତୋଳନ କରାଗଲା, ତାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

### ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଯୁବ ଆଇନଜୀବୀ ଫୋରମ୍ ପକ୍ଷରୁ ରଥଯାତ୍ରାରେ ହୋଇଥିବା ଅବ୍ୟବସ୍ଥାକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୁମ୍ଭାରପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଫୋରମ୍ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଗତ ୨୭ ତାରିଖ ରଥଯାତ୍ରା ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ୨୯ ତାରିଖ ଭୋର୍ ୪ଟାରେ ମହାପ୍ରଭୁଙ୍କ ରଥ ସମ୍ମୁଖ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପ୍ରଶାସନିକ ବ୍ୟବସ୍ଥାର ଅଭାବରୁ ୩ ଜଣ ପ୍ରାଣ ହରାଇଲେ। ଏହା ପ୍ରଶାସନିକ ଅବହେଳାଜନିତ ମୃତ୍ୟୁ ହୋଇଥିବାରୁ ଏଥିନିମନ୍ତେ ମନ୍ତ୍ରୀସ୍ତରୀୟ ଦାୟିତ୍ୱରେ ଥିବା ଅଧକ୍ଷା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉକ୍ତ ମୃତ୍ୟୁ ପାଇଁ ପ୍ରତ୍ୟକ୍ଷଭାବେ ଦାୟୀ। ଉକ୍ତ ଘଟଣାର ଅନୁଧ୍ୟାନକରି କମିଟି ଅଧକ୍ଷା ପରିଡ଼ାଙ୍କ ଉପରେ ହତ୍ୟା ମାମଲା ରୁଜୁକରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଏହି ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

## ମଣ୍ଡିରୁ ଉଠୁନି ଧାନ, ଦିନତମାମ ଚାଷୀଙ୍କ ରାସ୍ତାରୋକୋ

ବ୍ରହ୍ମଗିରି,୩୦।୬(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଅଧୀନ ସମସ୍ତ ମଣ୍ଡିରେ ଧାନ ପଡ଼ି ରହିଛି। ସରକାରଙ୍କ ଧାନ ନେବାର ଅବଧି ସରି ଆସିବାରୁ ସୋମବାର ବ୍ରହ୍ମଗିରି ବ୍ଲକ ଅଧୀନ ୧୮ଟି ମଣ୍ଡିର ଶତାଧିକ ଚାଷୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦିନ ତମାମ ରାଜରାସ୍ତା ଅବରୋଧ କରି ବସି ରହିଥିଲେ। ଫଳରେ ପୂର୍ବାହ୍ନ ୧୦ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ପୁରୀ-ସାତପଡ଼ା ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ରାତି ପ୍ରାୟ ୮ଟାରେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ସରକାରଙ୍କ ଘୋଷଣା ଅନୁସାରେ ଚଳିତବର୍ଷ ଚାଷୀ ସେମାନଙ୍କ ଧାନ ବିକ୍ରି କରିବେ ଏବଂ ସେମାନଙ୍କୁ ବୋନସ୍ ମିଳିବ। ଏନେଇ ବ୍ରହ୍ମଗିରି ବ୍ଲକର କୁଶୁବେଣ୍ଟି, ଜଗଦଳ ସେବା ସମବାୟ ସମିତିରେ ୮୦୦ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନେ ମଣ୍ଡିରେ ପ୍ରାୟ ୧୮,୦୦୦ କୁଇଣ୍ଟାଲ ଧାନ ଆଣି ରଖିଥିବା ସମୟରେ ସରକାର ମାତ୍ର ୩୦ ପ୍ରତିଶତ ଧାନ କିଣିଛନ୍ତି। ଏପଟେ ସୋମବାର ଧାନ ଦେବାର ଅବଧି ସରିଯାଉଥିବାରୁ ଚାଷୀ ଧାନ ବିକ୍ରି କରି ନ ପାରୁଥିବାରୁ ଚିନ୍ତାରେ। ବ୍ରହ୍ମଗିରି ଅଞ୍ଚଳର ଚାଷୀ ରବିଚାଷ କରୁଥିବାରୁ ଏହି ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ଏହିଭଳି ସମସ୍ତ ମଣ୍ଡିରେ ଏହି ସମସ୍ୟା ଦେଖାଦେଇଛି। ଫଳରେ ସରକାର ଶତ ପ୍ରତିଶତ ଧାନ କିଣିବା ଦାବିରେ ଏହି ରାସ୍ତାରୋକୋ କରାଯାଇଥିଲା।



ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକୋ କରୁଛନ୍ତି ।

## ସାରସ୍ୱତ ସମାରୋହ, ପୁସ୍ତକ ଲୋକାର୍ପଣ ଉତ୍ସବ

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

'ମନୋରଞ୍ଜନ ଏକାଡେମୀ' ଓ 'ବିଭାବନା' ସାହିତ୍ୟ ପତ୍ରିକାର ମିଳିତ ଆନୁକୂଲ୍ୟରେ ଭକ୍ତ ସାଲବେଗ ପୀଠ ସଭାଗୃହରେ ନିର୍ମଳା ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସାରସ୍ୱତ ସମାରୋହ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ସଦାଶିବ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ରନାଥ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅଶୋକ ମିଶ୍ର, ସମ୍ମାନିତ ଅତିଥି ଭାବେ ସୁବାସିନୀ ଧଳ ଓ ତୃପ୍ତି ପଣ୍ଡା ଯୋଗଦେଇ 'ମନୋରଞ୍ଜନ ଗ୍ରନ୍ଥାବଳୀ', 'ବିଭାବନାର ରଥ ସଂଖ୍ୟା-୨୦୨୫' ଓ 'ଅବସରାୟନ' ପୁସ୍ତକ ଲୋକାର୍ପଣ କରିଥିଲେ। ଏହି ଅବସରରେ ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କୁ ମନେପକାଇ ତାଙ୍କ ସାରସ୍ୱତ କୃତି ଓ ସାଧନା ଉପରେ ଆଲୋକପାତ କରିଥିଲେ। ମନୋରଞ୍ଜନ ଏକାଡେମୀର ସମ୍ପାଦକ ମାନସ କୁମାର ନନ୍ଦ ଅନୁଷ୍ଠାନର ଆଭିମୁଖ୍ୟ ନୂତନ ପିଢ଼ିଙ୍କୁ ସାରସ୍ୱତ ସ୍ରୋତରେ ସାମିଲ କରିବ ବୋଲି କହିଥିବା ବେଳେ ଭାରତୀ ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ପ୍ରତିଭା ତ୍ରିପାଠୀଙ୍କୁ 'ସାରସ୍ୱତ ସାଧିକା ସମ୍ମାନ', ସନ୍ତୋଷିନୀ ବେହେରାଙ୍କୁ 'ଗାଳ୍ପିକା ସମ୍ମାନ', ଶକ୍ତିରୂପା ଦାଶଙ୍କୁ 'କବୟିତ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମାନସୀ କର ସଭା ପରିଚାଳନା କରିଥିବା ବେଳେ ସୁରେଶ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଏକ ସ୍ୱରଚିତ କବିତା ପାଠୋତ୍ସବ ସଂଯୁକ୍ତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ କବି କବିତା ପାଠ କରିଥିବା ବେଳେ କମଳିନୀ ପାଣିଗ୍ରାହୀ ଓ ଆଶାଲତା ପ୍ରଧାନ ସଂଯୋଜନା କରିଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ବିଜେ କରିଛନ୍ତି। ତେବେ ସୋମବାର ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ଭୋଗମଣ୍ଡପ ଶେଷହେବା ପରେ ରାତି ୧୦ଟା ୨୦ରେ ବନକଲାଗି ପାଇଁ ଦତ୍ତ ମହାପାତ୍ର ଗର୍ଭଗୃହକୁ ପ୍ରବେଶ କରିଥିଲେ। ବନକଲାଗି ଏକ ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତ ମହାପାତ୍ର ସେବକମାନେ ଜନ୍ମବେଦିରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନ କରିଥାନ୍ତି। କସ୍ତୁରୀ, କେଶର, ହରତାଳ, ହିଙ୍ଗୁଳ ଆଦି ବିଭିନ୍ନ ପ୍ରାକୃତିକ ରଙ୍ଗରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପାଦନ କରିଛନ୍ତି। ମଙ୍ଗଳବାର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ। ତେଣୁ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ ହେବ। ନୀତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବା ପରେ ସର୍ବସାଧାରଣ ଦର୍ଶନ ଉପଲବ୍ଧ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଡ. ଯୋଗମାୟା ପଣ୍ଡା ଏନ୍‌ଏସ୍‌ଏସ୍ ପକ୍ଷରୁ ସମ୍ମାନିତ




ଅଧ୍ୟାପିକାଙ୍କୁ ସମ୍ମାନିତ କରାଯାଉଛି ।

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଯୁବ-ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ରାଷ୍ଟ୍ରୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ତରଫରୁ 'ସ୍ୱଚ୍ଛତା ହିଁ ସେବା' ନାମରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟଠାରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମନସ୍ତତ୍ୱ ବିଜ୍ଞାନର ସହଯୋଗୀ ଅଧ୍ୟାପିକା ତଥା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡ. ଯୋଗମାୟା ପଣ୍ଡାଙ୍କୁ ସମାଜସେବା କ୍ଷେତ୍ରରେ ତାଙ୍କର ଦୃଢ଼ କର୍ତ୍ତବ୍ୟନିଷ୍ଠା, ସମର୍ପଣ ଓ ଅବଦାନ ହେତୁ ସମ୍ମାନିତ କରାଯାଇଛି।

## ଅସ୍ଥାୟୀ ଆଇନସେବା କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ ଅବସରରେ ପ୍ରାଧିକରଣ ସଚିବ ପରିତୋଷ ସେଠୀଙ୍କ ସମେତ ଅନ୍ୟମାନେ ।

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶାନୁଯାୟୀ ଜିଲା ଆଇନସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ଦ୍ୱାରା ଏକ ଅସ୍ଥାୟୀ ଆଇନସେବା କେନ୍ଦ୍ର ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଶରଧାବାଲିଠାରେ ଉଦ୍‌ଘାଟିତ ହୋଇଛି। ରଥଯାତ୍ରା ସମୟରେ ଜନସମାଗମକୁ ଦୃଷ୍ଟିରେରଖି ଏହି ଆଇନ ସହାୟତା କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ପୁରୀକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ମାଗଣା ଆଇନସେବା ଓ ପରାମର୍ଶ ଯୋଗାଇ ଦିଆଯିବା ପାଇଁ ମତପୋଷଣ କରିଛନ୍ତି। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏହି କେନ୍ଦ୍ରରେ ନ୍ୟାୟ ରକ୍ଷକ ଏବଂ ଅଧିକାରୀ ମିତ୍ରଙ୍କୁ ମାଗଣା ଓ ନୀରବଚ୍ଛିନ୍ନ ଆଇନସେବା ଯୋଗାଇଦେବା ପାଇଁ ନିଯୋଜନ କରାଯାଇଛି।

ଏହି ଭକ୍ତିପୂତ ପରିବେଶରେ ଅସଂଖ୍ୟ ପର୍ଯ୍ୟଟକଙ୍କ ଆଗମନର ସୁଯୋଗ ନେଇ ନିଃଶୁଳ୍କ ଆଇନସେବା ତଥା ଆଇନଗତ ବିବାଦର ବିଭିନ୍ନ ସମାଧାନର ନାନା ଉପାୟର ପ୍ରଚାର ଓ ପ୍ରସାର ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଗନ୍ତୁକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦିତ ଯୋଜନା, ସାମ୍ବିଧାନିକ ଅଧିକାର ଏବଂ ଅନ୍ୟାନ୍ୟ ଆଇନ ସେବା ସମ୍ବନ୍ଧୀୟ ପ୍ରଚାର ପତ୍ରମାନ ଲୋକମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ମାଗଣା ଓ ତ୍ୱରିତ ନ୍ୟାୟ କିପରି ପାଇପାରିବେ ସେଥିପାଇଁ ଧ୍ୟାନଦେବାକୁ ପ୍ରାଧିକରଣର ସଚିବ ନିଜ ବକ୍ତବ୍ୟରେ ମତପୋଷଣ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର କର୍ମଚାରୀବୃନ୍ଦ, ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

## 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର, କ୍ଷେତ୍ରରାଜ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପରିଡ଼ାଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରରାଜ ଶ୍ରୀଜଗନ୍ନାଥ' ଶରଧାବାଲିରେ ତିନି ରଥ ସମ୍ମୁଖରେ ଲୋକାର୍ପିତ ହୋଇଛି। ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ପୁସ୍ତକର ପ୍ରଥମ ସଂଖ୍ୟା ସମର୍ପଣ କରାଯାଇଛି। ଆଇନଜୀବୀ ପରିଡ଼ା କହିଛନ୍ତି, ଏହି ଆଧ୍ୟାତ୍ମିକ ପୁସ୍ତକରେ ମହାପ୍ରଭୁଙ୍କ ଦିବ୍ୟଲୀଳା ସ୍ଥାନ ପାଇଛି। ଦାସିଆ ବାଉରିଙ୍କଠାରୁ ଆରମ୍ଭ କରି ଅନ୍ୟଭକ୍ତଙ୍କ ଭକ୍ତିଭାବର ଅନନ୍ୟ ନିଦର୍ଶନର ଅବତାରଣା ଦିଆଯାଇଛି। ମହାପ୍ରଭୁଙ୍କ ବିଭିନ୍ନ ମଣ୍ଡପ, ବାଇଶିପାହାଚର ମାହାତ୍ମ୍ୟର ଅବତାରଣା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ. ଭଗବାନ ଜୟସିଂହ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଲେଖକ ବଦ୍ରି ମିଶ୍ର, ଡ. ଅଭିମନ୍ୟୁ ଭୂୟାଁ, ଡ. କାର୍ତ୍ତିକ ଦାସ, ଡ. ସରୋଜ ହାତୀ, ବିପିନ ବିହାରୀ ଦଳାଇ, ବୀରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, କାହ୍ନୁ ଚରଣ ପ୍ରଧାନ, ଗୁଣନିଧି ବରାଳ, ଅସୀମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ରଥଯାତ୍ରାରେ କଟିଲା ୧୮୦୦ ଇ-ଚାଲାଣ

- ୭ ସ୍ୱତନ୍ତ୍ର ଟିମ୍ ପୁରୀର ବିଭିନ୍ନ ରୁଟ୍‌ରେ କରୁଛି କଡ଼ାକଡ଼ି ଚେକିଂ
- ଯାତ୍ରୀଙ୍କ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କଡ଼ାକଡ଼ି ଚେକିଂ କରାଯାଇଛି। ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି। ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି। ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁରୀ ଆର୍‌ଟିଓ ଅଧୀନରେ ୭ଟି ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ରୁଟ୍‌ରେ ନିୟମିତ ଚେକିଂ କରାଯାଉଛି। ଏହାବାଦ୍ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ କାର୍ଯ୍ୟକ୍ଷମ ହୋଇଛି। ରଥଯାତ୍ରା ଏବଂ ତା'ର ପରବର୍ତ୍ତୀ ଦୁଇଦିନ ଅର୍ଥାତ୍ ୨୭, ୨୮ ଏବଂ ୨୯ ଜୁନ୍‌ରେ ପୁରୀ ରୁଟ୍‌ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ଯୋଗୁ ପ୍ରାୟ ୧୮୦୦ ଇ-ଚାଲାଣ କଟିଛି, ଯେଉଁଥିରେ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା, ଭୁଲ୍ ରୁଟ୍‌ରେ ଗାଡ଼ିଚାଳନା, ଦ୍ରୁତଗତି ଏବଂ ଦୁଇଚକିଆରେ ୨ରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଂଘନ ରହିଛି। ସେହିଭଳି ମାନବ ସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏନ୍‌ଫୋର୍ସମେଣ୍ଟକୁ ମଧ୍ୟ କଡ଼ାକଡ଼ି କରାଯାଉଛି। ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ୍ କରାଯାଉଛି। ଏସବୁ ବ୍ୟତୀତ ଧାର୍ଯ୍ୟଦରଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ୍‌ଗୁଡ଼ିକ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ବସ୍ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟିଦେବାକୁ କୁହାଯାଇଛି। କଟକ ନେତାଜୀ ବସ୍ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ୍ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆର୍‌ଟିଓମାନେ ନିୟମିତ ଭାବେ ସରପ୍ରାଇଜ ଚେକିଂ କରୁଛନ୍ତି। କୌଣସି ବସ୍ ଯାତ୍ରୀଙ୍କଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନ ନେବାକୁ ବାରମ୍ବାର ତାଗିଦା କରାଯାଉଛି। ଏହାସହ କୌଣସି ଗାଡ଼ି ରାସ୍ତାରେ ଖରାପ ହୋଇଗଲେ ଯେମିତି ଟ୍ରାଫିକ୍ ସମସ୍ୟା ନ ଉପୁଜେ ସେଥିପାଇଁ ଅସ୍ଥାୟୀ ଗାଡ଼ି ମରାମତି ବ୍ୟବସ୍ଥା ଏବଂ କ୍ରେନ୍ ସାହାଯ୍ୟରେ ଗାଡ଼ିକୁ ରାସ୍ତାରୁ ବାହାର କରିବା ପାଇଁ ଭୁବନେଶ୍ୱରରୁ-ପୁରୀ ପଥରେ ଅଟୋମୋବାଇଲ କମ୍ପାନୀ ଏବଂ ଡିଲରମାନଙ୍କ ସହାୟତାରେ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି, ଯାହାର ହେଲ୍ପ ଡେସ୍କ ନମ୍ବର- ୦୬୭୫-୨୨୨୩୪୭୮ ରହିଛି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେରଖି ତାଳବଣିଆ ଓ ମାଳତୀପାଟପୁରରେ ଅସ୍ଥାୟୀ ବିଶ୍ରାମାଗାର, ମୌଳିକ ସୁବିଧା ଏବଂ ନିଃଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି। ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏଭଳି ସେବା ଯୋଗାଇ ଦିଆଯିବ। ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳଷ୍ଟେଶନ, ଷ୍ଟର୍ଲିଂଠାରୁ ମଙ୍ଗଳାହାଟ ରୁଟ୍‌ରେ ନିଃଶୁଳ୍କ ଅଟୋସେବା ପୁରୀରେ ଉପଲବ୍ଧ ହୋଇଛି। ରଥଯାତ୍ରାରୁ ନୀଳାଦ୍ରି ବିଜେ ଯାଏଁ କିଭଳି ପରିବହନ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଏବଂ କର୍ମଚାରୀ ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି।



ପୋଲିସ ପକ୍ଷରୁ ଚେକିଂ କରାଯାଉଛି ।

## ସଂକ୍ଷେପରେ

### ୬ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା,୩୦।୬(ଅଭିମନ୍ୟୁ ନାୟକ)

ବାଲିପାଟଣା ଶିକ୍ଷା ମଣ୍ଡଳର ବିଭିନ୍ନ ବିଦ୍ୟାଳୟର ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅବସର ନେଇଛନ୍ତି। ଏନେଇ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ଶିବ ନାରାୟଣ ହୋତା, ଜନବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବରିହା, ଶିକ୍ଷକ ଗୋକୁଳାନନ୍ଦ ଜୟସିଂହ, ମକୁନ୍ଦାସପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅବଦୁଲ ସାଜିଦ ଖାଁ, ଆଦଲାବାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କାଦମ୍ବିନୀ ସେନାପତି ଏବଂ ସାରଦା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ପାଢ଼ୀ ପ୍ରମୁଖଙ୍କୁ ପେନସନ କାଗଜପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷା ଅଧିକାରୀ ଯଶୋଦା ସାହୁ ଏବଂ ଅନ୍ୟତମ କର୍ମଚାରୀ ଅର୍ଜୁନ ବାରିକଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଝୁନି ଦେଈ, ମମିତା ଦଳାଇ, ଲକ୍ଷ୍ମୀପ୍ରିୟା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେଉରା,ସୁଷମା ରାଣୀ ମହାପାତ୍ର, ପ୍ରଦୀପ୍ତ କୁମାର ସାହୁ, ବିଜୟ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ବେହେରା, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଆଲୋକ ସାହୁ, ଦୀନକୃଷ୍ଣ ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚାରାରୋପଣ

ପୁରୁଣା ଭୁବନେଶ୍ୱର,୩୦।୬(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଦସ୍ୟମାନେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ବୃକ୍ଷ ଅଟେ ବଳ, ବୃକ୍ଷ ଦିଏ ଫଳ, ବୃକ୍ଷ ହିଁ ଜୀବନ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କମଳା ରିସର୍ଟଠାରେ ସଙ୍ଗଠନର ସଭାପତି ହୃଷୀକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ.ନୀତି ରଞ୍ଜନ ଚାନ୍ଦ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ସମ୍ପାଦକ ଧୀରେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବି ଅଲେଖ ଚରଣ ରାଉତ, ସୁଧାଂଶୁ ମୋହନ ମିଶ୍ର ପ୍ରମୁଖ ବୃକ୍ଷ କିପରି ମାନବ ଜାତି ପାଇଁ ଅପରିହାର୍ଯ୍ୟ ସ୍ୱରଚିତ କବିତା ମାଧ୍ୟମରେ ଆବୃତ୍ତି କରିଥିଲେ। କମଳା ରିସର୍ଟର ପ୍ରତିଷ୍ଠାତା ସୁଚିମୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ସୁରେନ୍ଦ୍ର ନାଥ ନନ୍ଦ, ଅଶୋକ ଆଚାର୍ଯ୍ୟ, ରମାକାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକ ଅଜିତ ବିଶ୍ୱାଳ, ସକଳେଶ୍ୱର ପଟ୍ଟନାୟକ, ରମେଶ ଚନ୍ଦ୍ର ବେହେରା, ନିର୍ମଳ ରାଉତ, ଗୌରପ୍ରସାଦ ଦାସ, ରବୀନ୍ଦ୍ର ପ୍ରସାଦ ମହାନ୍ତି, ହେମନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଗୋପନ ମହାସୁଆର, ଗୌରପ୍ରସାଦ ଦାଶ, ବିଜୟ କୁମାର ମଲିଆ ପ୍ରମୁଖ ସଞ୍ଚାଳନ କରିଥିଲେ।

# ପରିସଂଖ୍ୟାନ ବ୍ୟବସ୍ଥା ରାଜ୍ୟ ପ୍ରଗତିର ଦର୍ପଣ

### ରାଜ୍ୟସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ

ଭୁବନେଶ୍ୱର, ୩୦।୬ (ସୌମ୍ୟରଞ୍ଜନ ରାଉତ)



କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟ ଅତିଥିମାନେ।

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧୀନ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ସୋମବାର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ରାଜ୍ୟ ପରିସଂଖ୍ୟାନ ବ୍ୟବସ୍ଥାରେ ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ବଡ଼ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ରାଜ୍ୟର ସାମାଜିକ-ଆର୍ଥିକ ପ୍ରଗତିକୁ ମାପିବା ପାଇଁ ଏକ ଦର୍ପଣ ସଦୃଶ କାର୍ଯ୍ୟ କରିବ ଓ ରାଜ୍ୟର ପ୍ରଗତି ପଥରେ କି ଆବଶ୍ୟକତା ରହୁଛି ସେ ସମ୍ପର୍କରେ ଆଗକୁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସେ କହିଲେ, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ -୨୦୪୭ ଲକ୍ଷ୍ୟ ନେଇ ଓଡ଼ିଶା ଭିଜନ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏଥିରେ ଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଆମକୁ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବାର ଆବଶ୍ୟକତା ରହିଛି ବୋଲି ଅନୁ କହିଛନ୍ତି। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରାଳୟର ପୂର୍ବତନ ମହାନିର୍ଦ୍ଦେଶକ ଆଶିଷ କୁମାର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଅଣସଂଗଠିତ ଅର୍ଥନୀତିକ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ତଥ୍ୟ ନିୟମିତ ବ୍ୟବଧାନରେ ପ୍ରଦାନ ନିମନ୍ତେ ନମୁନା ସର୍ବେକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଡାଟା ବିଭିନ୍ନ ବିଭାଗରେ ସେମାନଙ୍କର ଯୋଜନା ଓ ନୀତି ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ସହଯୋଗୀ ଭାବରେ ବିଭିନ୍ନ କ୍ଷେତ୍ରରେ ବିଶ୍ୱସନୀୟ ତଥ୍ୟ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ଏହି ଅବସରରେ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ବିକଶିତ ଏକ ୱେବ୍‌ସାଇଟ୍ ଡାଇନାମିକ ଆଣ୍ଡ ଇଣ୍ଟରାକ୍ଟିଭର ଶୁଭାରମ୍ଭ କରାଯାଇଥିଲା। ନିରନ୍ତର ବିକାଶ ଲକ୍ଷ୍ୟର ଏକ ଡ୍ୟାସ ବୋର୍ଡ ଏବଂ 'କ୍ୟାପି' ସର୍ବେକ୍ଷଣ ଜରିଆରେ ତଥ୍ୟ ସଂଗ୍ରହ ଉପରେ ଆଧାରିତ ଏକ ୱେବ୍ ପୋର୍ଟାଲ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏଥିସହିତ ୭ମ କ୍ଷୁଦ୍ର ଜଳସେଚନ ଗଣନା, ପ୍ରଥମ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗଣନା, ୨ୟ ଜଳାଶୟ ଗଣନା ଏବଂ ପ୍ରଥମ ଝରଣା ଗଣନା ମଧ୍ୟ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗ ତଥା ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ବିଭିନ୍ନ ବିଭାଗର ପରିସଂଖ୍ୟାନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ, ୩୦ ଜିଲାର ଯୋଜନା ଓ ତଦାରଖ ୟୁନିଟ୍‌ର ଅଧିକାରୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଜୁଲାଇରେ ଅଧିକ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଗତ କିଛିଦିନ ଧରି ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଜୁଲାଇରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି। ସ୍ୱାଭାବିକ ବର୍ଷାର ୧୦୬% ବୃଷ୍ଟିପାତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜୁନ୍ ୧ରୁ ୨୯ ମଧ୍ୟରେ ରାଜ୍ୟରେ ୨୪୪.୯ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୨୦୯.୩ ମିମିଠାରୁ ଏହା ୧୭ ପ୍ରତିଶତ ଅଧିକ ରହିଛି। ଜଗତ୍‌ସିଂହପୁର, ବୌଦ୍ଧ, ସୋନପୁର, ମୟୂରଭଞ୍ଜ ଜିଲାରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ବାଲେଶ୍ୱରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି, ନୂଆପଡ଼ା, ଝାରସୁଗୁଡ଼ା ଓ ଯାଜପୁର ଜିଲାରେ ଅଭାବୀ ବର୍ଷା ହୋଇଥିବାବେଳେ ବାକି ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜାମଦାରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ସକ୍ରିୟ ରହିଛି। ପରେ ୨ ଦିନରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଓ ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ସହ ଗ୍ୟାଙ୍ଗଟକ୍ ପଶ୍ଚିମବଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗତି କରିବ। ଏହା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏ ବର୍ଷା ଲାଗି ରହିବ। ଜୁଲାଇ ୪ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବା ସହିତ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଅତି ପ୍ରବଳ ବର୍ଷା ନେଇ ୭ ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ରାୟଗଡ଼ା, ନୂଆପଡ଼ା, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ଗଜପତି, ଦେବଗଡ଼, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାକୁ ପ୍ରବଳ ବଜ୍ରପାତ ସହ ପବନ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼ ଓ ଝାରସୁଗୁଡାକୁ ଅରେଞ୍ଜ ୱାର୍ନିଂ ଓ ପ୍ରବଳ ବର୍ଷା ପବନ ପାଇଁ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଓ ବରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ୨ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ମନା କରାଯାଇଛି।

# ଧର୍ମବିହାରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦୁର୍ଲଭ ବେଶ ପ୍ରଦର୍ଶନୀ


ଗଣ୍ଡମୁଣ୍ଡା ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଥିବା ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଶ୍ରୀଜୀଉମାନେ ଦର୍ଶନ ଦେଉଛନ୍ତି।

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଖଣ୍ଡଗିରି ଧର୍ମବିହାରସ୍ଥିତ ଜଗନ୍ନାଥ ମନ୍ଦିରରୁ ଘୋଷଯାତ୍ରାରେ ବାହାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଗଣ୍ଡମୁଣ୍ଡା ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଥିବା ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଏହି ଅବସରରେ ଏଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦୁର୍ଲଭ ବେଶ ପ୍ରଦର୍ଶନୀ କରାଯାଇଛି। ଦୁର୍ଲଭ ବେଶ ମଧ୍ୟରୁ ପ୍ରମୁଖ ଚାଚେରୀ ବେଶ, ରାଧାଦାମୋଦର ବେଶ, ଘୋଡ଼ଲାଗି ବେଶ, ଚନ୍ଦନଲାଗି ବେଶ, ନବାଙ୍କ ବେଶ, ସେନାପଟା ଲାଗି ବେଶ, ସୁନା ବେଶ ଓ ହାତୀ ବେଶରେ ସୁସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଦୁର୍ଲଭ ବେଶ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ସାଉଥ ୱେଲ୍‌ଫେୟର ଆସୋସିଏଶନ(ବିଶ୍ୱ)ର ସଭାପତି ଶ୍ରୀବତ୍ସ ବଲ୍ଲଭ ସାମନ୍ତରାୟ, ସମ୍ପାଦକ ନିରଞ୍ଜନ ମହାପାତ୍ର, ଲକ୍ଷ୍ମୀନାରାୟଣ ମନ୍ଦିରର ପରିଚାଳନା ଅଧ୍ୟକ୍ଷା କିରଣ ବାଲା ପଣ୍ଡା ଯୋଗଦେଇଥିଲେ। ଏହି ବେଶ ସମୂହକୁ ପୁରୀ ମାତା ମଠର ସଚ୍ଚିଦାନନ୍ଦ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଛି। ପ୍ରଦର୍ଶନୀ ବାହୁଡ଼ା ଯାଏ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଏହାର ମୁଖ୍ୟ ସଂଯୋଜକ ରଞ୍ଜିତ କର୍ମୀ କହିଛନ୍ତି। ଏହି ବେଶ ଦର୍ଶନ ବ୍ୟବସ୍ଥାକୁ ବସନ୍ତ ଦାସ, ପ୍ରକାଶ ବିଶୋଇ ଓ ଗଣ୍ଡମୁଣ୍ଡା କ୍ଷୁଦ୍ର ବ୍ୟବସାୟୀ ସଂଘର ସହଯୋଗରେ ଆୟୋଜନ କରାଯାଇଛି।

### ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି

ପୁରୀ, ୩୦।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ବିଜେ କରିଛନ୍ତି। ତେବେ ସୋମବାର ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ଭୋଗମଣ୍ଡପ ଶେଷହେବା ପରେ ରାତି ୧୦ଟା ୨୦ରେ ବନକଲାଗି ପାଇଁ ଦତ୍ତ ମହାପାତ୍ର ଗର୍ଭଗୃହକୁ ପ୍ରବେଶ କରିଥିଲେ। ବନକଲାଗି ଏକ ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତ ମହାପାତ୍ର ସେବକମାନେ ଜନ୍ମବେଦିରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନ କରିଥାନ୍ତି। କସ୍ତୁରୀ, କେଶର, ହରତାଳ, ହିଙ୍ଗୁଳ ଆଦି ବିଭିନ୍ନ ପ୍ରାକୃତିକ ରଙ୍ଗରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପାଦନ କରିଛନ୍ତି।

### ସଚିବାଳୟ ଲେଖକ ପରିଷଦର ସାରସ୍ୱତ ସମାରୋହ



ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଚିବାଳୟ ଲେଖକ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ସମାରୋହରେ ପରିଷଦ ସଭାପତି ପ୍ରବୀଣ କୁମାର ଚକ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଲେଖିକା ବିଜନବାଳା ପାଟଯୋଷୀଙ୍କ ସଂଯୋଜନାରେ ଉପ ସଭାପତି କମଳିନୀ ମଲ୍ଲିକ, ପୀୟୂଷ ପରିଡା, ବନ୍ଦିତା ଦାଶ, ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଯୋଷୀଙ୍କ ସମେତ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅତିଥି ଭାବେ ନାଟ୍ୟକାର ପୀୟୂଷ ପରିଡା ଯୋଗଦେଇଥିବାବେଳେ ସଂଘ ଉପସଭାପତି ବିଜୟ ସ୍ୱରୂପ ପଣ୍ଡା ଧନ୍ୟବାଦ ଦେଇଥିଲେ।

# କଲେଜ ଅଧ୍ୟକ୍ଷମାନେ ଦେଉନାହାନ୍ତି ବାୟୋମେଟ୍ରିକ ଉପସ୍ଥାନ

ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)

### ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ

କଲେଜ ଅଧ୍ୟକ୍ଷମାନେ ବାୟୋମେଟ୍ରିକ ଉପସ୍ଥାନ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ସୋମବାର ପୁନଃ ଚିଠି ମାଧ୍ୟମରେ ସମସ୍ତ କଲେଜ ଅଧ୍ୟକ୍ଷ ଏବଂ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ କଲେଜରେ ୭ଘଣ୍ଟା ରହିବାକୁ ତାଗିଦ କରାଯାଇଛି। ସେହିପରି ଅନ୍ୟ କର୍ମଚାରୀମାନେ ମଧ୍ୟ ବାୟୋମେଟ୍ରିକ ଦେଉନାହାନ୍ତି। ଏଥିଯୋଗୁ ପାଠପଢ଼ା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗ ପାଖରେ ଏଭଳି ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅଧ୍ୟକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାୟୋମେଟ୍ରିକ୍ ଉପସ୍ଥାନ ଠିକ୍ ଭାବେ ଦେଉ ନ ଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଛି। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ନରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଏହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟର ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ତାଗିଦ କରିଥିଲେ। ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଧ୍ୟ ଅଧ୍ୟକ୍ଷ ଓ କର୍ମଚାରୀମାନେ ବାୟୋମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ନଜିର ରହିଛି।

# ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସର ନେଇଥିବା ବିଭାଗର ଅତିରିକ୍ତ ଶାସନ ସଚିବ ମନୋଜ କୁମାର ମହାନ୍ତି ଓ ଦପ୍ତରୀ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଭାଗର ମାହାଲ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସର ନେଇଥିବା ବିଭାଗର ଅତିରିକ୍ତ ଶାସନ ସଚିବ ମନୋଜ କୁମାର ମହାନ୍ତି ଓ ଦପ୍ତରୀ ସ୍ୱର୍ଣ୍ଣଲତା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମନୋଜ ନିଜ କାର୍ଯ୍ୟକାଳରେ ଘଟିଯାଇଥିବା ଘଟଣାବଳୀର ସ୍ମୃତିଚାରଣ କରିଥିଲେ। ଅବସର ଗ୍ରହଣ କରିଥିବା ୨ଜଣ ଅଧିକାରୀଙ୍କ କର୍ମମୟ ଜୀବନ ଉପରେ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଆଲୋକପାତ କରିବା ସହ ଅବସରକାଳୀନ ଜୀବନ ଭଲରେ କାଟିବାକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ଦାସ, ଉପସଭାପତି ଶ୍ରୀମତୀ ସାହୁ ଓ ସାଧାରଣ ସମ୍ପାଦକ ନଳିନୀ କାନ୍ତ ଶର୍ମା ପ୍ରମୁଖ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାରେ ଆୟୁର୍ବେଦ, ପାରମ୍ପରିକ ଜ୍ଞାନର ଭୂମିକାକୁ ଗୁରୁତ୍ୱ

### ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସିଡିଏସ ଏବଂ ଆଇକ୍ୟୁଏସି ପକ୍ଷରୁ 'ଆଦିବାସୀ ଜ୍ଞାନ ପ୍ରଣାଳୀକୁ ଉଚ୍ଚଶିକ୍ଷାରେ ସମନ୍ୱିତ କରିବା: ଏନ୍‌ଇପି ୨୦୨୦ ଏବଂ ତା'ପର ଦୃଷ୍ଟିକୋଣ' ଉପରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଏବଂ ପ୍ରଫେସର ବୈଦ୍ୟ ରବି ନାରାୟଣ ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ଶିକ୍ଷାରେ ଆୟୁର୍ବେଦ ଏବଂ ପାରମ୍ପରିକ ଜ୍ଞାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ଚିକିତ୍ସା ବିଜ୍ଞାନ ମଧ୍ୟରେ ଭାରତର ସମୃଦ୍ଧ ଆଦିବାସୀ ଜ୍ଞାନ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏଥିସହ ପ୍ରସିଦ୍ଧ ବିଦ୍ୱାନଙ୍କ ଦ୍ୱାରା ବିଭିନ୍ନ ଅଧିବେଶନରେ ପ୍ରାଚୀନ ଶିକ୍ଷାଦାନ, ଗୁରୁକୁଳ ପରମ୍ପରା ଏବଂ ନୈତିକ ମୂଲ୍ୟବୋଧଠାରୁ ଆରମ୍ଭ କରି ସ୍ଥାନୀୟ ବିନିମୟ ବାଣିଜ୍ୟ ବ୍ୟବସ୍ଥା ପରି ବିକଳ୍ପ ଅର୍ଥନୈତିକ ମଡେଲ, ଯୋଗ ଏବଂ ସଂଖ୍ୟା ଭଳି ଭାରତୀୟ ଦାର୍ଶନିକ ବ୍ୟବସ୍ଥା ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ଅନ୍ୱେଷଣ କରିଥିଲେ। ସ୍ଥାୟୀ ଶିକ୍ଷାଗତ ଢାଞ୍ଚା ପାଇଁ ଆଧ୍ୟାତ୍ମିକ ଜ୍ଞାନ ଏବଂ ବୈଜ୍ଞାନିକ ଜ୍ଞାନକୁ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସଂଯୋଜକ ପ୍ରଫେସର ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଶିଖା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶହେରୁ ଅଧିକ ଅଧ୍ୟାପକ ଯୋଗଦେଇଥିଲେ।

# ରାଗାନୁଗା ପ୍ରେମ ଭକ୍ତି କ୍ଷେତ୍ରରେ ରାମାନନ୍ଦଙ୍କ ଅବଦାନ ଅନେକ

ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)




ରାୟ ରାମାନନ୍ଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ସୋମବାର ବୁଦ୍ଧ ମନ୍ଦିର ସଭାଗୃହରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଦିଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କହିଲେ, ରାୟ ରାମାନନ୍ଦଙ୍କ ଭଳି ବିଦ୍ୱାନ ଷୋଡ଼ଶ ଶତାବ୍ଦୀରେ ଜନ୍ମନେଇ ଓଡ଼ିଶାରେ ଆଧ୍ୟାତ୍ମିକ ସାହିତ୍ୟ, ସଙ୍ଗୀତ, ନାଟକ, ଓ ରାଗାନୁଗା ପ୍ରେମ ଭକ୍ତିର ପ୍ରସାର କ୍ଷେତ୍ରରେ ଅତୁଳନୀୟ ଅବଦାନ ଦେଇଛନ୍ତି। ଏହି ଅବସରରେ ଡ. ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶୀ ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ କହିଲେ, ରାୟ ରାମାନନ୍ଦଙ୍କ ସଙ୍ଗୀତକୁ ଆଧାର କଲେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମ୍ଭବପର ହେବ। ଏଥିସହ ସେ ରାୟ ରାମାନନ୍ଦଙ୍କ ନାଟ୍ୟ ସଙ୍ଗୀତରେ ଦାର୍ଶନିକତା ଉପରେ ବହୁ ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସକ ସହଦେବ ଜୟସିଂ ରାୟ ରାମାନନ୍ଦଙ୍କ ବିଚକ୍ଷଣ ରାଜନୈତିକ ବୁଦ୍ଧି ଓ କଳାତ୍ମକ ଉତ୍କର୍ଷ ସହିତ ବିବିଧ ଭାଷାରେ ଲେଖୁଥିବା ରଚନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଡ. ମନସ୍ୱିନୀ ଦାଶ ରାମାନନ୍ଦଙ୍କ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାରସ୍ୱତ ଜଗତକୁ ଅବଦାନ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଉପଦେଷ୍ଟା ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସସ୍ମିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘୋଷଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

କଟକ ସଦର,୩୦।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଧୁଳିଶ୍ୱର ଗ୍ରାମ ନୂଆପୋଖରୀଠାରେ ଥିବା ଗୁଣ୍ଡିଚା ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥଙ୍କ ଘୋଷଯାତ୍ରା ଉପଲକ୍ଷେ ଜଗନ୍ନାଥ କୃପା ପରିଷଦ ଓ ପତିତପାବନ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଘୋଡ଼ା ନାଚ ପରିବେଷଣ କରାଯାଇଥିଲା। କଟକ ଜିଲାରେ ମାନ୍ୟତା ପାଇଥିବା ଏହି ଘୋଡ଼ା ନାଚ କାର୍ଯ୍ୟକ୍ରମରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦୟ ସାସମଲ, ଆନନ୍ଦ ଦେତା, ଆନନ୍ଦ ବେହେରା, ପ୍ରସନ୍ନ ବେହେରା, ପ୍ରକାଶ ମାଝୀ, ପ୍ରୀୟରଞ୍ଜନ ପରିଡ଼ା, ଆଶିଷ ମହାନ୍ତି, ବେଷ୍ଟକାର ସମିତି ସଭ୍ୟ ବିନୋଦ ବେହେରା, ମିହିର ରଞ୍ଜନ ପତି, ରମେଶ ମଲ୍ଲିକ, ଅଭିମନ୍ୟୁ ସାହୁ ଓ ଆୟୋଜକମାନେ ଯୋଗଦେଇଥିଲେ।

# ରୋଗୀଙ୍କ ଖାଦ୍ୟ ତିଆରି ଗୃହ ପରିଷ୍କାର ରଖ

### ଏସ୍‌ସିବିରେ ମେଶିନ, ରୋଷଗୃହର ସମୀକ୍ଷା କଲା ଆଡ୍‌ଭୋକେଟ କମିଟି

କଟକ,୩୦।୬(ଶିଳ୍ପା ପ୍ରିୟଦର୍ଶିନୀ)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡଭୋକେଟ କମିଟି ସୋମବାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି) ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛି। ଏସ୍‌ସିବିର କାର୍ଯ୍ୟ ନେଇ ପୂର୍ବରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିବାବେଳେ ମେଡିକାଲରେ ପୁନର୍ବାର ସମସ୍ତ କାର୍ଯ୍ୟର ସମୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କମିଟି ମେଡିକାଲରେ ପହଞ୍ଚିବା ପରେ ପ୍ରଥମେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୈଠକ କରାଯାଇଥିଲା। ବୈଠକରେ ମେଡିକାଲ କର୍ତ୍ତୃପକ୍ଷ କମିଟି ସଦସ୍ୟଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ନୂତନ ଭାବେ ଆସିଥିବା ସିଟି ସ୍କାନ, ଏମ୍‌ଆର୍‌ଆଇ, ଇକୋ, ପେରିମିଟର ମେଶିନ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକ ପରେ ହୃଦ୍‌ରୋଗ ବିଭାଗରେ ନୂତନ କରି ଦୁଇଟି ଇକୋ ମେଶିନ କାର୍ଯ୍ୟକାରୀ ହୋଇଥିବାବେଳେ ଏହା ରୋଗୀ ସେବାରେ କେତେ ଫଳପ୍ରଦ ହୋଇପାରିଛି ତାହାଯାଞ୍ଚ କରିବା ସହ ଉକ୍ତ ବିଭାଗର ୱାର୍ଡରେ ଶଯ୍ୟା ଓ ଆଇସିୟୁ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା ଦିଗରେ ଯାଞ୍ଚ କରିଥିଲା। ଏହାସହ ଚକ୍ଷୁ ବିଭାଗରେ ପେରିମିଟର ମେଶିନ ଯାଞ୍ଚ କରିଥିଲା। ପରେ ମେଡିକାଲର ମାନସିକ ବିଭାଗ ନିକଟରେ ରୋଗୀଙ୍କ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଗୃହ କମିଟି ସଦସ୍ୟ ବୁଲି ଦେଖିଥିଲେ। ଉକ୍ତ ସ୍ଥାନ ସମ୍ପୂର୍ଣ୍ଣ ଭାବେ ପରିଷ୍କାର ନ ଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିଲା। ଏହାସହ ଉକ୍ତ ସ୍ଥାନକୁ ପରିଷ୍କାର କରିବା ପାଇଁ କମିଟି ନିର୍ଦ୍ଦେଶ ଦେଇଛି। ଉକ୍ତ କମିଟି ସମସ୍ତ ରିପୋର୍ଟ ଆସନ୍ତା ୩ ତାରିଖରେ ହାଇକୋର୍ଟରେ ଦାଖଲ କରିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଉକ୍ତ ଗସ୍ତରେ କମିଟିର ସଦସ୍ୟ ତଥା ବାର ସଭାପତି ଆଇନଜୀବୀ ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ, ଆମିକସ୍ କ୍ୟୁରି(କୋର୍ଟମିତ୍ର) ବିଜୟ କୁମାର ଦାସ, ସରୋଜ ପାଢ଼ୀ, ଆଶିଷ ମହାନ୍ତି, ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ପ୍ରଶାସନିକ ଅଧିକାରୀ ସୁବାସ ରାଏ, ଜେନା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ସିବି ମେଡିକାଲକୁ ସମୀକ୍ଷା କରିବାକୁ ଆସିଥିବା ଆଡ୍‌ଭୋକେଟ କମିଟିର ସଦସ୍ୟମାନେ।

# ଡ୍ୟୁଟି ସମୟରେ ଡାକ୍ତର ଅନୁପସ୍ଥିତ



କଟକ ଏସ୍‌ସିବି ଅର୍ଥୋପେଡିକ୍ ଓପିଡିରେ ଡ୍ୟୁଟି ସମୟରେ ଡାକ୍ତର ନ ଥିବାରୁ ଚେୟାର ଖାଲିପଡ଼ିଛି।

- ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ରୋଗୀ
- ଏସ୍‌ସିବି ଅର୍ଥୋପେଡିକ ବହିଃବିଭାଗରେ ଅବ୍ୟବସ୍ଥା

କଟକ,୩୦।୬ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ପୁଣିଥରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମେଡିକାଲର ଅର୍ଥୋପେଡିକ ଓପିଡିରେ ରୋଗୀ ଡାକ୍ତରଙ୍କୁ ଦେଖାଇବାକୁ ଅପେକ୍ଷା କରୁଥିବାବେଳେ ଡ୍ୟୁଟି ସମୟରେ ଡାକ୍ତର ନ ଥିବା ଘଟଣା ରବିବାର ନଜରକୁ ଆସିଛି। ଏପରିକି ଯେଉଁଠି ବର୍ଷା ଓ ଗୁଳୁଗୁଳିରେ ଧାଡ଼ିବାନ୍ଧି ଚିକିତ୍ସା ପାଇଁ ଅପେକ୍ଷା କରି ରହୁଛନ୍ତି, ସେଠାରେ ଏସି, ଲାଇଟ, ପଙ୍ଖା ଘୁରୁଛି ହେଲେ ଡାକ୍ତର ଡ୍ୟୁଟି ସମୟରେ ନ ଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି ଅର୍ଥୋପେଡିକ ବିଭାଗର ଡାକ୍ତର ହେଉଛନ୍ତି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ। ଡା. ଶତପଥୀ ମେଡିକାଲରେ ଭାରପ୍ରାପ୍ତ ଅଧୀକ୍ଷକଭାବେ ଯୋଗଦେବା ସମୟରେ ରୋଗୀଙ୍କୁ ଉନ୍ନତମାନର ସେବା ଓ ଠିକ୍ ସମୟରେ ସେବା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିବାବେଳେ ମାତ୍ର ଦିନ କେଇଟାରେ ନିଜ ବିଭାଗରେ ଏଭଳି ଅବ୍ୟବସ୍ଥା ନଜରକୁ ଆସିଛି।

ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବିରେ ସପ୍ତାହର ସାତଦିନ ଅର୍ଥୋପେଡିକ ଓପିଡିରେ ଡାକ୍ତର ରୋଗୀ ସେବା ଯୋଗାଇଥାନ୍ତି। ଏଠାରେ ୫ଟି ୟୁନିଟ୍‌ର ଡାକ୍ତର ନିୟୋଜିତ ରହିଛନ୍ତି। ଗୋଟିଏ ୟୁନିଟ୍‌ରେ ଡାକ୍ତରଙ୍କ ମଧ୍ୟରେ ଜଣେ ପ୍ରଫେସର, ଜଣେ ଆସୋସିଏଟ ପ୍ରଫେସର, ଜଣେ ଆସିଷ୍ଟାଣ୍ଟ ପ୍ରଫେସର, ଜଣେ ଏସ୍‌ଆର ଓ ଜଣେ ପିଜି ଡାକ୍ତର ରହିଛନ୍ତି ଏବଂ ପ୍ରତ୍ୟେକଦିନ ୟୁନିଟ୍ ଅଦଳବଦଳ କରାଯାଇ ରୋଗୀ ସେବା ଯୋଗାଇ ଦିଆଯାଇଥାଏ। ହେଲେ ରୋଗୀ ଧାଡ଼ି ଲଗାଇ ଡାକ୍ତରଙ୍କୁ ଅପେକ୍ଷା କରୁଥିବାବେଳେ ଡାକ୍ତର ଉପସ୍ଥିତ ନ ଥିବାରୁ ବହୁ ରୋଗୀ ନିରାଶ ହୋଇ ଫେରିଛନ୍ତି। ଏ ନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ରବିବାର ଦୀର୍ଘ ସମୟ ଡାକ୍ତରଙ୍କୁ ଅପେକ୍ଷା କରି ଘରକୁ ଫେରିଛୁ। ଏଠାରେ ରୋଗ ଯନ୍ତ୍ରଣାଠାରୁ ଅପେକ୍ଷା ଯନ୍ତ୍ରଣା ଅଧିକ ରହୁଛି। ଅନ୍ୟପଟେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଗୌତମ ଶତପଥୀ କାର୍ଯ୍ୟରେ ଯୋଗଦେବା ପରେ ଦେଇଥିବା ପ୍ରତିଶ୍ରୁତି ନେଇ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନ ଉପୁଜିଥିବାବେଳେ ଏ ସମ୍ପର୍କରେ ଡା. ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ବାଲି କଲେଜ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୁଣ୍ଟୁଣୀ,୩୦।୬ (ସଚ୍ଚିଦାନନ୍ଦ ପଣ୍ଡା)

ବାଲିସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଗଣିତ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ସୁବ୍ରତ କୁମାର ଷଡ଼ଙ୍ଗୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାଗୃହରେ ଅନୁଷ୍ଠିତ ସଭାରେ ଦେବେନ୍ଦ୍ର ନାଥ ଦାସ, ରଶ୍ମିରଞ୍ଜନ ମହାପାତ୍ର, ମମତା ସେନାପତି, ଅଜୟ କୁମାର କାଳିଆ ଓ ମନୋଜ କୁମାର ନାୟକ ପ୍ରମୁଖ ଅଂଶଗ୍ରହଣ କରି ପ୍ରାଧ୍ୟାପକ ଷଡ଼ଙ୍ଗୀଙ୍କ କାର୍ଯ୍ୟଧାର ଓ ଗୁଣାବଳୀ ଉପରେ ମତବ୍ୟକ୍ତ କରିଥିଲେ। ବିଦାୟୀ ପ୍ରାଧ୍ୟାପକ ଷଡ଼ଙ୍ଗୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ କଲେଜ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ ଅଂଶ ଗ୍ରହଣ କରିଥିଲେ।



ସୁବ୍ରତ କୁମାର ଷଡ଼ଙ୍ଗୀ

# ରାମ୍ପ୍‌ରେ ଚିତ୍ତାକର୍ଷକ ଶୋ' ପ୍ରଦର୍ଶନ କଲେ ଯୁବପିଢ଼ି

### ଉତ୍କଳ ଫେଶନ ଆଇକନ ପ୍ରତିଯୋଗିତା

କଟକ,୩୦।୬ (କାର୍ତ୍ତିକ ସାହୁ)

ଓଡ଼ିଶାର ପ୍ରସିଦ୍ଧ ଫେଶନ ଗ୍ରୁପ 'ସା' ଦ୍ୱାରା ଫେଶନ ପ୍ରତିଯୋଗିତା 'ଉତ୍କଳ ଫେଶନ ଆଇକନ ୨୦୨୫' ସିଡିଏସ୍ଥିତ ରାଇସିନା ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ବାର ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟେକ୍ସଟାଇଲ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ବରିଷ୍ଠ ଆଇନଜୀବୀ ଦେବାଶିଷ ପାଣିଗ୍ରାହୀ ଓ ଆଇନଜୀବୀ ଅଶୋକ ଷଡ଼ଙ୍ଗୀ ଯୋଗଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ଚିହ୍ନା ଚେହେରା ଅଂଶୁମାନ ନାୟକ, ମୋନାଲିସା, ସମୀକ୍ଷା, ସିମରନ, ପିହୁ ମହାପାତ୍ର, ସୁପ୍ରିୟା, ନିତେସ, ଜୟଶ୍ରୀ, ନିକିତା, ଦେବସ୍ମିତା, ଅନମୋଲ, ପିନାକୀ, ଅନ୍ତରୀକ୍ଷା ପ୍ରମୁଖ ମୂଲ୍ୟାୟନ କରିଥିଲେ। ଅନ୍ତର୍ଜାତୀୟ ଓଡ଼ିଆ ଫେଶନ ଡିଜାଇନର ଜିତ ଜଗଜିତ ପ୍ରମୁଖ ମୂଲ୍ୟାୟନ କରିଥିଲେ। କଣ୍ଠଶିଳ୍ପୀ ଅଳକାନନ୍ଦା ପାଣିଗ୍ରାହୀ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବତୀ, ଯୁବକ ଓ ବାଳିକା, ବାଳକମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫେଶନ ପୋଷାକ ପରିଧାନ କରି ଚିତ୍ତାକର୍ଷକ ରାମ୍ପ ଶୋ' ପ୍ରଦର୍ଶନ କରିଥିଲେ। ଯୁବ ପିଢ଼ିଙ୍କ ମଧ୍ୟରେ ନୂତନ ଭାବେ ଗଢି ଉଠୁଥିବା କଳାକାର, ମଡେଲ ଏବଂ ଡିଜାଇନରମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ବୋଲି 'ସା'ର ପ୍ରତିଷ୍ଠାତ୍ରୀ ସ୍ୱାତୀ ମହାପାତ୍ର କହିଛନ୍ତି। ଏହି ଅବସରରେ 'ସା' ପ୍ରଡକ୍ସନ ଓ ଓଡ଼ିଶା ହ୍ୟାଣ୍ଡଲୁମ ସହଭାଗୀତାରେ 'ଦି କଲର୍ସ ଅଫ ଉତ୍କଳ' ନାମକ ଏକ ଅନ୍ତର୍ଜାତୀୟ ସ୍ତରୀୟ ପୋଷାକ ଲୋକାର୍ପିତ ହୋଇଥିଲା। ଏହି ପୋଷାକ ପରିଧାନ କରି ଓଡ଼ିଶାର ଖ୍ୟାତନାମା ମଡେଲ ମିସ ଅଭିପ୍ସା ରାମ୍ପରେ ଚାଲିଥିଲେ। କାର୍ଯ୍ୟକ୍ରମର ବିଜେତା ଓ ଭାଗନେଇଥିବା ମଡେଲମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋର୍ତିମୟ ମହାପାତ୍ର ଓ ପୂର୍ଣ୍ଣିମା ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଉତ୍କଳ ଫେଶନ ଆଇକନ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୁଣ୍ଟୁଣୀ,୩୦।୬ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ନୋଡ଼ାଲ ବିଦ୍ୟାପିଠରେ ସୋମବାର ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ସହକର୍ମୀମାନଙ୍କ ଦ୍ୱାରା ଆୟୋଜିତ ସଭାରେ ସାମାଜିକ କର୍ମୀ ବିପିନି ବିହାରୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଖବରଦାତା ତଥା ଗ୍ରାମ ମୁରବୀ ସଚ୍ଚିଦାନନ୍ଦ ପଣ୍ଡା, ସରପଞ୍ଚ କୈଳାଶ ଦାସ, ନୃସିଂହ ଚରଣ ସାହୁ, ରଘୁନାଥ ରଣା, ପ୍ରସନ୍ନ କୁମାର ବେଉରା, କେଦାର ସ୍ୱାଇଁ, ହୃଷିକେଶ ମୁଦୁଲି, ଗୀତାଞ୍ଜଳି ମିଶ୍ର, ପ୍ରସନ୍ନ ବେଉରା, ଶ୍ରଦ୍ଧାଞ୍ଜଳି ସାମଲ, ସିଆରସିସି ନୃସିଂହ ବେହେରା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇ ପଣ୍ଡାଙ୍କ ଛାତ୍ରବତ୍ସଳତା ଶିକ୍ଷକତା ଜୀବନ ସମ୍ପର୍କରେ ଅତାରଣା କରିଥିଲେ। ମାନପତ୍ର ପାଠ କରିଥିଲେ ଅର୍ଚ୍ଚନା ପ୍ରିୟଦର୍ଶିନୀ। କାର୍ଯ୍ୟକ୍ରମ ଶିକ୍ଷକ ରମେଶ ଚନ୍ଦ୍ର ଦାସ, ସଞ୍ଜୟ ବେହେରା ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୬୯ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ



କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରୁଛନ୍ତି।

କଟକ ସଦର,୩୦।୬ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ସୋମବାର ବିଭିନ୍ନ ସହାୟତା ଓ ଅନ୍ତ୍ୟୋଦୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୯ ଜଣଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସରପଞ୍ଚ ସବିତା ମାଝୀ, ବନମାଳୀ ବିହାରୀ, ରବୀନ୍ଦ୍ର ପ୍ରଧାନ, ୪୨ ମୌଜା ମଣ୍ଡଳ ଭାଜପା ସଭାପତି ସୁଧାଂଶୁ ଶେଖର ଦାସ, ସାଧାରଣ ସମ୍ପାଦକ ସତ୍ୟଦିପ ସାହୁ, ସାମାଜିକ କର୍ମୀ ସମୀର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସେଠୀ କଳପଡ଼ା ପଞ୍ଚାୟତରେ ବସଷ୍ଟପେଜ ସେଡ୍ ଉଦଘାଟନ କରିଥିଲେ। ସେହିପରି କୂଳସରିତୁଆଁ ପଞ୍ଚାୟତରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନ ଓ ସୁବିଧା କେନ୍ଦ୍ର ଶିଳାନ୍ୟାସ କରିଥିଲେ।

# 'ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ତ୍ୱରିତ ପଦକ୍ଷେପ ନିଅ'

### କଟକ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

କଟକ,୩୦।୬ (କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା କରି ଗତ ବୈଠକରେ ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ସାରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାଞ୍ଚଳ ପରିବହନ ଉପଆୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବିରଞ୍ଚି ନାରାୟଣ ଅଧିକାରୀ ବୈଠକ ପରିଚାଳନା କରିଥିଲେ।

ମଙ୍ଗୁଳିଠାରେ ରାସ୍ତା ଉପର ଦେଇ ପାର ହେବା ପାଇଁ ପାଦ ଚଲା ପୋଲ ଦୁଇଟିରୁ ଗୋଟିଏ ସମ୍ପୂର୍ଣ୍ଣ ନିର୍ମାଣ ହୋଇସାରିଛି। ଅନ୍ୟ ଗୋଟିଏ ପାଦଚଲା ପୋଲ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ପ୍ରକାଶ କରିଥିଲେ। କଟକ-ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ହରିପୁର ଆଦି ରାସ୍ତାର ସମସ୍ୟା ଓ ଏହାର ସମାଧାନ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ତୃତୀୟ ପକ୍ଷ ଅଡିଟ ରିପୋର୍ଟ ତୁରନ୍ତ ଦାଖଲ କରିବା ପାଇଁ ବିଭିନ୍ନ ସଡ଼କ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସାଲେପୁର-ଚାନ୍ଦବାଲି ରାସ୍ତାରେ ଆବଶ୍ୟକ ସ୍ଥଳେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଉପରେ ହମ୍ପ ନିର୍ମାଣ କରି ଦୁର୍ଘଟଣା ହ୍ରାସ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜାତୀୟ ରାଜପଥରେ ବେଆଇନ ପାର୍କିଂ କରୁଥିବା ଭାରିଯାନର ଅପସାରଣ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦିବାରାତ୍ର କାର୍ଯ୍ୟ କରୁଥିବା ବେଳେ ଅମାନ୍ୟ ଭାରିଯାନଗୁଡ଼ିକୁ ଜରିମାନା କରିବା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏହାର ଫଟୋ ପ୍ରେରଣ ନିମନ୍ତେ କୁହାଯାଇଥିଲା। ବାରଙ୍ଗ ନିକଟବର୍ତ୍ତୀ ରାସ୍ତା ଉପରେ ବାଲି ପରିବହନ ଯୋଗୁ ଜମି ରହୁଥିବା ବାଲିକୁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦିଷ୍ଟ କରାଯାଇଥିବା ଅଞ୍ଚଳ ସଫା କରିବା ନିମନ୍ତେ ଘାଟ ନିଲାମକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପଶୁପତି ଗଡ଼ା ନିକଟରେ ଉନ୍ନତମାନର କ୍ୟାମେରା ଲଗାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ ମହାନଗର ନିଗମ ତଥା ଏହାକୁ ସଂଯୋଗ କରୁଥିବା ରାସ୍ତା ଏବଂ ଛକଗୁଡ଼ିକର ଟ୍ରାଫିକ ଲାଇଟକୁ ପୂର୍ଣ୍ଣକ୍ଷମ ସୁନିଶ୍ଚିନ୍ତ କରିବା ନିମନ୍ତେ ସହକାରୀ ପୋଲିସ ଆୟୁକ୍ତ (ଟ୍ରାଫିକ)ଙ୍କୁ ଅନୁରୋଧ କରାଯିବା ସହ ହାଉଡ଼ା ମୋଟର ଛକରୁ ପ୍ରମୋଦ ହୋଟେଲ ଏବଂ ରାମ ମନ୍ଦିର ରାସ୍ତା ଅଞ୍ଚଳରେ ରାସ୍ତା ଉପରେ ବେଆଇନ ପାର୍କିଂ ହଟାଇବା ନିମନ୍ତେ ଉପଯୁକ୍ତ ପାର୍କିଂ ସ୍ଥାନ ଚିହ୍ନଟ କରି କମିଟିକୁ ଜଣାଇବାକୁ ଅନୁରୋଧ କରାଯାଇଥିଲା। ଗୋପାଳପୁର ନିକଟରେ ଦିଗନିର୍ଣ୍ଣୟ ଫଳକଗୁଡ଼ିକୁ ଅପେକ୍ଷାକୃତ ବଡ଼ ଆକାରର ଲଗାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ପେଟାନାଳ ନିକଟ ରାସ୍ତା ଉପରୁ ପରିବା ଓ ମାଛ ବିକ୍ରେତାଙ୍କୁ ଅପସାରଣ କରିବା ନିମନ୍ତେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତାପାର୍ଶ୍ୱ ବିଦ୍ୟାଳୟଗୁଡ଼ିକର ରାସ୍ତାପଟୁ ଥିବା ପ୍ରବେଶ ଦ୍ୱାର ସ୍ଥାନ ପରିବର୍ତ୍ତନ କରାଯିବା ଉପରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ବେଆଇନ ଭାବେ ମଦ ବିକ୍ରୟ କରୁଥିବା ରାସ୍ତାକଡ଼ ହୋଟେଲ ଉପରେ ଚଢ଼ାଉ କରାଯିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ମଦ୍ୟପାନର ପ୍ରମାଣ ନିମନ୍ତେ ସ୍ୱାସ୍ଥ୍ୟକର ଦୃଷ୍ଟିରୁ ସମ୍ପର୍କ ବିହୀନ ଯନ୍ତ୍ର ବ୍ୟବହାର ଉପର ଗୁରୁତ୍ୱ ଦେବା ସହ ରାସ୍ତାଗୁଡ଼ିକର ମଧ୍ୟ ଓ ପାର୍ଶ୍ୱବର୍ତ୍ତୀ ସ୍ଥାନକୁ ରଙ୍ଗ ଚିହ୍ନିତ କରିବା ଏବଂ ନାବାଳକ ଗାଡ଼ି ଚାଳନା ନିଷେଧ ଉପରେ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କଟକ ଜିଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

## ଫଟୋରେ ଖବର




ପିଏସ୍‌ଏସ୍‌ଏମ୍ ଓଡ଼ିଶା ପକ୍ଷରୁ ନେତାଜୀ ସେତୁ ପାର୍ଶ୍ୱସ୍ଥ ଅହିଂସା ପାର୍କରୁ ଭେଜିଟେରିଆନ୍ ଆୱାରନେସ୍‌କୁ ନେଇ ଅନୁଷ୍ଠିତ ରାଲି।




ଡ୍ରିମ୍‌ସ ପଲିଟେକ୍‌ନିକ୍ ଜାତୀୟ ସେବା ଯୋଜନା ପକ୍ଷରୁ ନିଶା ମୁକ୍ତି ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଡ୍ରିମ୍‌ସ ପ୍ରତିଷ୍ଠାତା ଅଧ୍ୟକ୍ଷଙ୍କ ସହ ଅନ୍ୟ ଅତିଥିମାନେ।

# ସାର୍କର ବିକଳ୍ପ ଗଢ଼ିବେ ଚାଇନା, ପାକିସ୍ତାନ

## ଭାରତକୁ ଟକ୍କର ଦେବାକୁ ଯୋଜନା




ନୂଆଦିଲ୍ଲୀ,୩୦।୬

ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ)ରେ ଭାରତ ପ୍ରମୁଖ ସଦସ୍ୟ ରହିଛି। ଏଥିରେ ଭାରତର ପ୍ରାଧାନ୍ୟ ରହିଥିବାରୁ ଏହାକୁ ଟକ୍କର ଦେବା ପାଇଁ ଏକ ବିକଳ୍ପ ସଂଗଠନ ଗଢ଼ିବା ପାଇଁ ଚାଇନା ଏବଂ ପାକିସ୍ତାନ ଯୋଜନା ଚଳାଇଛନ୍ତି। ବାଂଲାଦେଶ ସେମାନଙ୍କ ସହ ସାମିଲ ହୋଇଛି। ଏଥିପାଇଁ ଇସ୍‌ଲାମାବାଦ ଏବଂ ବେଜିଂ ମଧ୍ୟରେ ଆଲୋଚନାରେ ଅଗ୍ରଗତି ଘଟିଥିବା ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ନୂଆ ଆଞ୍ଚଳିକ ସଂଗଠନ ଗଢ଼ିବା ନେଇ ଗତ ୧୯ ତାରିଖରେ ଚାଇନାର କୁନ୍‌ମିଙ୍ଗଠାରେ ବୈଠକ ବସିଥିଲା। ସାର୍କର ସଦସ୍ୟ ଥିବା ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକୁ ଆମନ୍ତ୍ରଣ କରି ନୂଆ ସଂଗଠନରେ ସାମିଲ କରିବା ଉକ୍ତ ବୈଠକର ଲକ୍ଷ୍ୟ।

କୁନ୍‌ମିଙ୍ଗ୍ ବୈଠକ ପୂର୍ବରୁ ଗତ ମେ'ରେ ଅନୁରୂପ ଭାବେ ଚାଇନା, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡରର ସମ୍ପ୍ରସାରଣ ସହ ତାଲିବାନ ଶାସିତ ରାଷ୍ଟ୍ରରେ ଆଞ୍ଚଳିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୮୫ ଡିସେମ୍ବର ୮ରେ ସାର୍କ ଗଠନ ହୋଇଥିଲା। ଏହି ସଂଗଠନରେ ୭ ପ୍ରତିଷ୍ଠାତା ସଦସ୍ୟ ରହିଥିବାବେଳେ ୨୦୦୭ରେ ଆଫଗାନିସ୍ତାନ ସାମିଲ ହୋଇଥିଲା। ସାର୍କର ସଦସ୍ୟମାନେ ହେଲେ ଭାରତ, ବାଂଲାଦେଶ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଭୁଟାନ। ତେବେ ୨୦୧୪ କାଠମାଣ୍ଡୁ ସମିଟ୍ ପରେ ସାର୍କ ନେତାମାନେ ଏକାଠି ହୋଇ ନ ଥିବାରୁ ଏହି ସଂଗଠନ ନିଷ୍କ୍ରିୟ ରହିଛି। ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ସାର୍କ ଭିଡିଓ କନ୍‌ଫରେନ୍ସରେ କୋଭିଡ-୧୯ ଜରୁରୀ ପାଣ୍ଠି ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଭାରତ ୧୦ ନିୟୁତ ଡଲାର ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିବର୍ଷ ନଭେମ୍ବରରେ ଇସ୍‌ଲାମାବାଦରେ ୧୯ତମ ସାର୍କ ସମିଟ୍ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀରର ଉରିରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଯୋଗୁ ଭାରତ ଉକ୍ତ ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଥିଲା। ସୂଚନାଯୋଗ୍ୟ, ଉରି ଆତଙ୍କବାଦୀ ଆକ୍ରମଣରେ ଭାରତର ୧୭ ଜଣ ଯବାନ ନିହତ ହୋଇଥିଲେ। ଆତଙ୍କବାଦ ଏବଂ ଆଞ୍ଚଳିକ ହସ୍ତକ୍ଷେପ କାରଣରୁ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଭୁଟାନ ମଧ୍ୟ ସମ୍ମିଳନୀରୁ ନିଜକୁ ଦୂରେଇ ରଖିଥିଲେ। ଫଳରେ ସମିଟ୍ ବାତିଲ ହୋଇଥିଲା। ଏହା ପରେ ଆଉ ସମ୍ମିଳନୀ ଅନୁଷ୍ଠିତ ହୋଇନାହିଁ। ଚାଇନା ଓ ପାକିସ୍ତାନର ପ୍ରସ୍ତାବିତ ନୂଆ ସଂଗଠନରେ ସାର୍କ ସଦସ୍ୟ ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଆଫଗାନିସ୍ତାନ ସାମିଲ ହେବେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ନୂଆ ସଂଗଠନ ଚିନ୍ତାଧାରାକୁ ବାଂଲାଦେଶ ଖଣ୍ଡନ କରିଛି। ଆମେ କୌଣସି ସଂଗଠନ ଗଢୁନାହୁଁ ବୋଲି ଢାକା ବହିର୍ବ୍ୟାପାର ଉପଦେଷ୍ଟା ଏମ୍. ତୌହିଦ ହୋସେନ୍ କହିଛନ୍ତି।

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ବିଧାୟକ ରାଜା ସିଂ



ହାଇଦ୍ରାବାଦ,୩୦।୬

ତେଲଙ୍ଗାନାର ଭାଜପା ବିଧାୟକ ଟି. ରାଜା ସିଂ ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ରାମଚନ୍ଦ୍ର ରାଓ ଭାଜପା ରାଜ୍ୟ ସଭାପତି ନିଯୁକ୍ତ ହେବାକୁ ଯାଉଥିବା ଗଣାମାଧମରେ ଖବର ପ୍ରକାଶ ପାଇବା ପରେ ଏଥିରେ ଗଭୀର ଅସନ୍ତୋଷ ବ୍ୟକ୍ତ କରି ସେ ଇସ୍ତଫା ଦେଇଥିବା କହିଛନ୍ତି। ଅନେକ ଲକ୍ଷ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପ୍ରତାରିତ କରାଯାଇଥିବା ଦଳୀୟ ନିଷ୍ପତ୍ତିରୁ ପ୍ରତିଫଳିତ ହେଉଛି ବୋଲି ସେ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି।

### ୩ ବର୍ଷ ହେଲା ଘରେ ନିଜକୁ ବନ୍ଦ ରଖିଥିବା ଇଞ୍ଜିନିୟର ଉଦ୍ଧାର

ମୁମ୍ବାଇ,୩୦।୬

ନଭି ମୁମ୍ବାଇର ଏକ ଆପାର୍ଟମେଣ୍ଟ ମଧ୍ୟରେ ୩ ବର୍ଷ ହେଲା ନିଜକୁ ବନ୍ଦକରି ରଖିଥିବା ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ଗତ ସପ୍ତାହରେ ଉଦ୍ଧାର କରାଯାଇଛି। ଅନୁପ କୁମାର ନାୟାର ନାମକ ଏହି ବ୍ୟକ୍ତି ଅତ୍ୟଧିକ ବିଷାଦଗ୍ରସ୍ତ ଏବଂ ମାନସିକ ଆଘାତ ଯୋଗୁ ସ୍ୱେଚ୍ଛାକୃତ ଭାବେ ନିଜକୁ ବନ୍ଦ କରି ରଖିଥିଲେ। ଜୁଇନଗରର ସେକ୍ଟର-୨୪ସ୍ଥିତ ଘରକୁଲ ସୋସାଇଟିରେ ରହୁଥିବା ନାୟାର ପୂର୍ବରୁ କମ୍ପ୍ୟୁଟର ପ୍ରୋଗ୍ରାମର ଭାବେ କାର୍ଯ୍ୟ କରୁଥିଲେ। ସୋସିଆଲ୍ ଆଣ୍ଡ ଏଭାଞ୍ଜେଲିକାଲ ଆସୋସିଏଶନ ଫର୍ ଲଭ୍ (ସିଲ୍) ନାମକ ଏନ୍‌ଜିଓର ସାମାଜିକ କର୍ମୀଙ୍କ ସୂଚନା ଅନୁଯାୟୀ, ସେ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲା ଫ୍ଲାଟ୍‌ରୁ ବାହାରି ନ ଥିଲେ। ନିଜର ମୌଳିକ ଆବଶ୍ୟକତା ପାଇଁ ସେ ଫୁଡ୍ ଡେଲିଭରି ଆପ୍ ବ୍ୟବହାର କରୁଥିଲେ। କିଛିବର୍ଷ ପୂର୍ବେ ମା'ବାପାଙ୍କ ମୃତ୍ୟୁ ଏବଂ ବଡ଼ଭାଇଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା ଏବଂ ସେ ବାହାର ଦୁନିଆରୁ ଦୂରେଇ ରହିଥିଲେ।

### ଭାରତ-ପାକ୍ ସୀମାରୁ ୬୦ କେ.ଜି. ହେରୋଇନ୍ ଜବତ, ୯ ଗିରଫ

ଚଣ୍ଡିଗଡ଼,୩୦।୬

ରାଜସ୍ଥାନର ବାର୍‌ମେର ଅନ୍ତର୍ଗତ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରୁ ପଞ୍ଜାବ ଓ ରାଜସ୍ଥାନ ପୋଲିସ ଏବଂ ସୀମା ସୁରକ୍ଷା ବଳର ଯବାନମାନେ ୬୦.୩୦୨ କେ.ଜି. ହେରୋଇନ ଜବତ କରିବା ସହ ୯ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛନ୍ତି। ଏଥିସହ ଏକ ଅନ୍ତର୍ଜାତୀୟ ଡ୍ରଗ୍ ସିଣ୍ଡିକେଟ୍‌ର ଡ୍ରଗ୍ ଚୋରା କାରବାର ଯୋଜନାକୁ ପଣ୍ଡ କରାଯାଇଛି। ପାକିସ୍ତାନୀ ଚୋରାବେପାରୀ ତାନଭିର ଶାହ ଏବଂ କାନାଡାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ସ୍ମଗଲର ଜୋବାନ କାଲେରଙ୍କ ଏହି କାରବାରକୁ ପରିଚାଳନା କରୁଥିଲେ। ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ଜମ୍ମୁ-କଶ୍ମୀରରୁ ଗିରଫ ୯ ସନ୍ଦିଗ୍ଧଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି।

### ୨ ଅଗ୍ନିଶମ କର୍ମଚାରୀଙ୍କୁ ଗୁଳିକରି ହତ୍ୟା

ୱାଶିଂଟନ, ୩୦।୬

ଆମେରିକାର ଇଡାହୋ ରାଜ୍ୟର ଉତ୍ତର ପାର୍ଶ୍ୱରେ ଥିବା କୋୟୁର ଡି'ଆଲେନ ସହରର କାନ୍‌ଫିଲ୍ଡ ମାଉଣ୍ଟେନରେ ରବିବାର ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଥିବା ସମୟରେ ଜଣେ ଆତତାୟୀ ଗୁଳିବର୍ଷଣ କରିଥିଲେ। ଏଥିରେ ୨ ଜଣ ଅଗ୍ନିଶମ କର୍ମଚାରୀଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପକ୍ଷରୁ ତଲାସି ଅଭିଯାନ ସମୟରେ ସନ୍ଦିଗ୍ଧ ଆତତାୟୀଙ୍କ ମୃତଦେହ ମିଳିଛି ବୋଲି ସ୍ଥାନୀୟ କୁଟେନାଇ କାଉଣ୍ଟି ଶେରିଫ୍ ବବ୍ ନରିଶ୍ କହିଛନ୍ତି। ସନ୍ଦିଗ୍ଧ ଆତତାୟୀ ଜଣଙ୍କ ନିଆଁ ଲଗାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରିବା ସହ ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଜାରି ରଖିଛି।

# ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୧୪ ମୃତ



ସିଗାଚି ଫାର୍ମା କମ୍ପାନୀ କାରଖାନାରେ ବିସ୍ଫୋରଣ ପରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ସାଙ୍ଗାରେଡ୍ଡୀ/ହାଇଦ୍ରାବାଦ,୩୦।୬

## ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରେ ଥିବା ଏକ ଔଷଧ କମ୍ପାନୀ ଫ୍ୟାକ୍ଟ୍ରିରେ ସୋମବାର ସକାଳେ ବିସ୍ଫୋରଣ ଘଟି ୧୪ ଜଣଙ୍କ ମୃତ୍ୟୁ ହେବା ସହ ୩୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର ବୋଲି କୁହାଯାଉଛି। ତାଙ୍କ ନାମ ନଗରଜିତ୍ ତିୱାରୀ। ପଶମିଲାରାମ ଶିଳ୍ପାଞ୍ଚଳରେ ଥିବା ସିଗାଚି ଫାର୍ମା କମ୍ପାନୀ ପ୍ଲାଣ୍ଟର ରିଆକ୍ଟରରେ ରାସାୟନିକ ପ୍ରତିକ୍ରିୟାରୁ ଏହି ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣ ସମୟରେ ଫ୍ୟାକ୍ଟ୍ରିରେ ୧୫୦ ଜଣ କାମ କରୁଥିଲେ ଏବଂ ଘଟଣାସ୍ଥଳରେ ୯୦ ଜଣ ଥିଲେ ବୋଲି ଫ୍ୟାକ୍ଟ୍ରି ସୂତ୍ରରୁ ଉଦ୍ଧାର କରି ପୋଲିସ ଆଇଜି ଭି. ସତ୍ୟନାରାୟଣ କହିଛନ୍ତି। ସକାଳ ୯ଟା ୨୮ରୁ ୯ଟା ୩୫ ମଧ୍ୟରେ ବିସ୍ଫୋରଣ ଘଟିଥିବାବେଳେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇ ଦିଆଯାଇଥିଲା। ବିସ୍ଫୋରଣରୁ ଲାଗିଥିବା ନିଆଁ ଲିଭାଇବାକୁ ୧୦ଟି ଅଗ୍ନିଶମ ଦମକଳକୁ ନିୟୋଜିତ କରାଯାଇଥିଲାବେଳେ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ସାମିଲ ହୋଇଥିଲେ। ୩ ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବାବେଳେ ୬ ମୃତଦେହ ଏଭଳି ଜଳିଯାଇଛି ଯେ ଚିହ୍ନଟ କରିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଇବାକୁ ପଡ଼ିବ ବୋଲି ପଟାନଚେରୁ ତହସିଲଦାର ଏ. ରଙ୍ଗା ରାଓ କହିଛନ୍ତି। ଅନ୍ୟ ୩ ମୃତଦେହକୁ ଭଗ୍ନାବଶେଷ ମଧ୍ୟରୁ ବାହାର କରିବାକୁ ଉଦ୍ୟମ ଜାରି ରହିଛି।

ମୃତକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି।

# ଟ୍ରମ୍ପଙ୍କ ନୂଆ ବିଲ୍‌ରେ ରିମିଟାନ୍ସ ଟ୍ୟାକ୍ସ ୧%କୁ ହ୍ରାସ

ନୂଆଦିଲ୍ଲୀ,୩୦।୬

## ଭାରତୀୟ ଉପକୃତ ହେବେ



ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଗ୍ ବିଉଟିଫୁଲ୍ ବିଲ୍‌ରେ ପ୍ରସ୍ତାବିତ ୫ ପ୍ରତିଶତ ରିମିଟାନ୍ସ ଟ୍ୟାକ୍ସକୁ ୧ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ବିଲ୍ ସିନେଟ୍‌ର ଏକ ପ୍ରମୁଖ ପ୍ରତିବନ୍ଧକକୁ ଅତିକ୍ରମ କରିଛି। ସଂଶୋଧିତ ବିଲ୍‌ରେ ଟିକସ ହ୍ରାସ କରାଯାଇଥିବାରୁ ଆମେରିକାରେ କାର୍ଯ୍ୟ କରୁଥିବା ଭାରତୀୟ ପେସାଦାର ଏବଂ ପ୍ରବାସୀ ଭାରତୀୟମାନେ ନିଜ ଦେଶକୁ ଟଙ୍କା ପଠାଇବାରେ ଅଧିକ ଟିକସ ଦେବାକୁ ପଡ଼ିବ ନାହିଁ। ସେମାନଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ବୋଲି କୁହାଯାଉଛି। ନଗଦ ଅର୍ଥ, ମନିଅର୍ଡର ଏବଂ କ୍ୟାଶିୟର୍ସ ଚେକ୍ ଜରିଆରେ ଟଙ୍କା ପ୍ରେରଣ କ୍ଷେତ୍ରରେ ଉକ୍ତ ଟିକସ ଲାଗୁ ହେବ। ତେବେ ଆର୍ଥିକ ସଂସ୍ଥାରେ ଥିବା କିମ୍ବା ଏହାଦ୍ୱାରା ପରିଚାଳିତ ଆକାଉଣ୍ଟ ପାଇଁ ରିମିଟାନ୍ସକୁ ବାଦ୍ ଦିଆଯାଇଛି। ସେହିପରି ଆମେରିକା ଜାରି କରିଥିବା ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡରେ ଯେଉଁମାନେ ପାଣ୍ଠି ଲଗାଇଛନ୍ତି, ସେମାନେ ମଧ୍ୟ ଉକ୍ତ ଟିକସରୁ ବାଦ୍ ପଡ଼ିବେ। ଗତ ମେ'ରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ବିଲ୍‌ର ପୂର୍ବ ଭର୍ସନ ଗୃହୀତ ହୋଇଥିବାବେଳେ ପ୍ରସ୍ତାବିତ ୫% ଟିକସକୁ ନେଇ ବହୁ ଭାରତୀୟ ପେସାଦାର ଚିନ୍ତାରେ ଥିଲେ।

# ଯୌତୁକ ନିର୍ଯାତନାରୁ ନବବଧୂଙ୍କ ଆତ୍ମହତ୍ୟା

ଚେନ୍ନାଇ, ୩୦।୬

## ବିବାହ ପାଇଁ ଦେଇଥିଲେ ୮୦୦ ଗ୍ରାମ୍ ସୁନା, ୭୦ ଲକ୍ଷର ଭଲ୍‌ଭୋ କାର୍

ତାମିଲନାଡୁର ତିରୁପୁରରେ ଶ୍ୱଶୁର ଘର ଲୋକଙ୍କଠାରୁ ଯୌତୁକ ନିର୍ଯାତନାର ଶିକାର ହୋଇ ଜଣେ ନବବିବାହିତା ଆତ୍ମହତ୍ୟା କରିଛନ୍ତି। ୨୭ ବର୍ଷୀୟା ରିଧାନ୍ୟା କୀଟନାଶକ ଖାଇବା ପରେ ଏକ କାର୍ ମଧ୍ୟରୁ ତାଙ୍କ ମୃତଦେହ ମିଳିଛି। ସେ ଗତ ଏପ୍ରିଲ ୨୮ରେ କବିନ କୁମାରଙ୍କୁ ବିବାହ କରିଥିଲେ। ଏହି ବିବାହ ପାଇଁ ଯୌତୁକ ଆକାରରେ ୮୦୦ ଗ୍ରାମ୍‌ର ସୁନା ଏବଂ ୭୦ ଲକ୍ଷ ଟଙ୍କା ମୂଲ୍ୟର ଏକ ଭଲ୍‌ଭୋ କାର୍ ଦିଆଯାଇଥିବା ନେଇ ରିଧାନ୍ୟାଙ୍କ ପରିବାର ଅଭିଯୋଗ ଆଣିଛନ୍ତି। ଆତ୍ମହତ୍ୟାର ଠିକ୍ ପୂର୍ବରୁ ରିଧାନ୍ୟା ତାଙ୍କ ବାପାଙ୍କୁ ହ୍ୱାଟ୍‌ସଆପ୍‌ରେ ଅଡିଓ ମେସେଜ୍ କରି ସେ ଆତ୍ମହତ୍ୟା କରିବାକୁ ଯାଉଥିବା କହି କ୍ଷମା ମାଗିଥିଲେ। ଏହି ଅଡିଓରେ ସେ କହିଥିଲେ, ଶ୍ୱଶୁରଘର ଲୋକଙ୍କ ପକ୍ଷରୁ ଦିଆଯାଉଥିବା ଯୌତୁକ ନିର୍ଯାତନାକୁ ସେ ଆଉ ସହିପାରିବେ ନାହିଁ। ତେଣୁ ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି।



ରିଧାନ୍ୟା ଓ କବିନ କୁମାର।

ଘଟଣାକୁ ନେଇ ପୋଲିସ ରିଧାନ୍ୟାଙ୍କ ସ୍ୱାମୀ କବିନ୍, ଶ୍ୱଶୁର ଈଶ୍ୱରମୂର୍ତ୍ତି ଏବଂ ଶାଶୁ ଚିତ୍ରାଦେବୀଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୀମା ପାର୍‌ବେଳେ ଶୋଷରେ ଚାଲିଗଲା ଜୀବନ

## ପାକିସ୍ତାନୀ ହିନ୍ଦୁ ଦମ୍ପତିଙ୍କ ଭାରତ ସ୍ୱପ୍ନ ଅଧୁରା

ଜୟସାଲମେର,୩୦।୬(ପି.ଟି.)



ଶାନ୍ତି ବାଈ ଓ ରବି କୁମାର

ଭାରତରେ ନୂଆ ଜୀବନ ଆରମ୍ଭ କରିବା ପାଇଁ ସ୍ୱପ୍ନ ଦେଖିଥିବା ପାକିସ୍ତାନର ଏକ ନାବାଳକ ସଂଖ୍ୟାଲଘୁ ହିନ୍ଦୁ ଦମ୍ପତି ସୀମା ଅତିକ୍ରମ କରିବା ବେଳେ ପାଣି ନ ପାଇ ଶୋଷରେ ଜୀବନ ହରାଇଛନ୍ତି। ଭିଜା ନ ପାଇଁ ବେଆଇନ ଭାବେ ରବି କୁମାର(୧୭) ଏବଂ ଶାନ୍ତି ବାଈ (୧୫) ଥର୍ ମରୁଭୂମିରେ ଚାଲିଚାଲି ଜୟସାଲମେରରେ ପହଞ୍ଚିବାକୁ ଉଦ୍ୟମ କରୁଥିଲେ। ତେବେ ମରୁଭୂମିର ନିଷ୍ଠୁର ଉତ୍ତପ୍ତ ପରିବେଶ ସେମାନଙ୍କ ପାଇଁ ଘାତକ ହୋଇଛି। ସେମାନଙ୍କ ଗଳିତ ମୃତଦେହ ଗତ ୨୮ ତାରିଖରେ ଟାନୋଟ ଅଞ୍ଚଳରୁ ମିଳିଛି।

ରବିଙ୍କ ମୃତଦେହ ଏକ ଗଛମୂଳରୁ ମିଳିଥିବାବେଳେ ସେଠାରୁ ଏକ ମୋବାଇଲ ଫୋନ୍ ଏବଂ ଖାଲି ଜାର୍ ମିଳିଛି। ୫୦ ମିଟର ଦୂରରେ ଶାନ୍ତିଙ୍କ ମୃତଦେହ ପଡ଼ିଥିଲା। ସେ ଘାଗରା-କୁର୍ତ୍ତା ପିନ୍ଧିଛନ୍ତି ଓ ହାତରେ ଚୁଡ଼ି ରହିଛି। କିଛିଦିନ ପୂର୍ବରୁ ଜଳଶୂନ୍ୟତା କାରଣରୁ ସେମାନଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ସେମାନଙ୍କ ମୃତଦେହ ନିକଟରୁ ପାକିସ୍ତାନୀ ପରିଚୟପତ୍ର ମିଳିଛି। ରବିଙ୍କ ଘର ସିନ୍ଧ୍ ପ୍ରଦେଶରେ। ସେ ଭାରତ ଆସିବା ପାଇଁ ୬ ମାସ ପୂର୍ବରୁ ତୀର୍ଥଯାତ୍ରୀ ଭିଜା ଆବେଦନ କରିଥିଲେ। ଭିଜା ପାଇବା ଆଶା ହରାଇବା ପରେ ସେ ସ୍ତ୍ରୀ ଶାନ୍ତିଙ୍କ ସହ ସୀମା ଅତିକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଅଞ୍ଚଳ ମଧ୍ୟରେ ପ୍ରବେଶ କରିଥିଲେ ମଧ୍ୟ ଅଧିକ ଭଲ ଜୀବନ ଆଶାରେ ଆଗେଇବାରୁ ଶେଷରେ ଜୀବନ ଚାଲିଯାଇଛି। ସୋସିଆଲ ମିଡିଆରେ ପରିଚୟପତ୍ରକୁ ଦେଖି ଜୟସାଲମେରରେ ରହୁଥିବା ରବିଙ୍କ ସମ୍ପର୍କୀୟ ତାଙ୍କ ପରିଚୟ ସ୍ପଷ୍ଟ କରିଛନ୍ତି।

# ମଣିପୁରରେ ୪ ଜଣଙ୍କୁ ଗୁଳିକରି ହତ୍ୟା

ଇମ୍ଫାଲ,୩୦।୬

ମଣିପୁରର ଚୁରାଚାନ୍ଦପୁର ଜିଲାର ମୋଙ୍ଗଜାଙ୍ଗ ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ଅଜଣା ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ସମେତ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟା ବେଳେ ସେମାନେ ଏକ କାର୍ ଯୋଗେ ଯାଉଥିବାବେଳେ ଚୁରାଚାନ୍ଦପୁର ସହରଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଏହି ଗୁଳିକାଣ୍ଡ ଘଟିଛି। ଆକ୍ରମଣକାରୀମାନେ ଅତି ନିକଟରୁ ଗୁଳି ଚଳାଇଥିଲେ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଡଜନେରୁ ଉର୍ଦ୍ଧ୍ୱ ଖାଲି କାର୍ଟ୍ରିଜ୍ ଜବତ କରିଥିବାରୁ ଆକ୍ରମଣକାରୀଙ୍କ ପାଖରେ ସ୍ୱୟଂକ୍ରିୟ ଅସ୍ତ୍ର ରହିଥିବା ସୂଚନା ମିଳୁଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ ଏହା ପଛର ଉଦ୍ଦେଶ୍ୟ ମଧ୍ୟ ଜଣାପଡ଼ି ନାହିଁ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ସମେତ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କ ଧରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। ୨୦୨୩ ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ୨୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ୧୨୦୦ ଜଣ ଆହତ ହୋଇଥିଲେ। ଏହି ହିଂସାରେ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ହରାଇ ବିସ୍ଥାପିତ ହେବା ସହ ଅନେକ ମନ୍ଦିର ଓ ଚର୍ଚ୍ଚ ଭଙ୍ଗାରୁଜା ହୋଇଥିଲା।

# କଶ୍ମୀରରେ ନୂଆ ମେଣ୍ଟ

ଶ୍ରୀନଗର, ୩୦।୬

ଜମ୍ମୁ-କଶ୍ମୀର ପିପୁଲ୍ସ କନ୍‌ଫରେନ୍ସ (ଜେକେପିସି)ର ଅଧ୍ୟକ୍ଷ ସଜ୍ଜାଦ ଲୋନ୍ ସୋମବାର ଶ୍ରୀନଗରରେ ଏକ ନୂତନ ରାଜନୈତିକ ମେଣ୍ଟ ଘୋଷଣା କରିଛନ୍ତି। ଏହି ମେଣ୍ଟର ନାମ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ରଖାଯାଇଛି। ଏହି ମେଣ୍ଟରେ ଜେକେପିସି ସହ ହକ୍କିମ ମହମ୍ମଦ ୟାସିନଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ (ପିଡିଏଫ୍) ଏବଂ ଜଷ୍ଟିସ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ଫ୍ରଣ୍ଟ (ଜେଡିଏଫ୍) ସାମିଲ ହୋଇଛି। ଏହି ଅବସରରେ ସଜ୍ଜାଦ କହିଛନ୍ତି, କଶ୍ମୀରରେ ଅନେକ ବର୍ଷ ଧରି ଶାସନ କରିଥିବା ୨ ପ୍ରମୁଖ ରାଜନୈତିକ ଦଳ ବିରୋଧରେ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ମେଣ୍ଟ ବିକଳ୍ପ ଭାବେ ଉଭା ହେବ।

# ମେଘାଳୟରେ ପର୍ଯ୍ୟଟକଙ୍କ ପାଇଁ ଗାଇଡ୍ ବାଧ୍ୟତାମୂଳକ

## ରାଜା ରଘୁବଂଶୀ ହତ୍ୟା ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

ଶିଲଂ, ୩୦।୬ (ପି.ଟି.)

ବହୁଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟାକାଣ୍ଡ ପରେ ମେଘାଳୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇଷ୍ଟ ଖାସୀ ହିଲ୍ସ ଜିଲାରେ ଭ୍ରମଣ ପାଇଁ ଯାଉଥିବା ପର୍ଯ୍ୟଟକମାନଙ୍କୁ ନିଜ ସହ ଜଣେ ପଞ୍ଜୀକୃତ ଗାଇଡ୍‌ଙ୍କୁ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଜିଲାର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ଭ୍ରମଣ କରୁଥିବା ସମୟରେ ଗାଇଡ୍ ସେବା ନେବା ବାଧ୍ୟତାମୂଳକ ବୋଲି ଇଷ୍ଟ ଖାସୀ ହିଲ୍ସର ଡେପୁଟି କମିଶନର ରୋସେଟ୍ଟା ଏମ୍ କୁର୍ବାହ କହିଛନ୍ତି। ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ହତ୍ୟାର ପ୍ରାୟ ମାସେ ପରେ ଏହି ନିଷ୍ପତ୍ତି ସାମନାକୁ ଆସିଛି।

# ସୀମା ପୁନଃନିର୍ଦ୍ଧାରଣ: ଭାରତ ସହ ଆଲୋଚନା ପାଇଁ ଚାଇନା ରାଜି

ବେଜିଂ, ୩୦।୬

ଭାରତ ଏବଂ ଚାଇନା ମଧ୍ୟରେ ସୀମା ବିବାଦ ଅତ୍ୟନ୍ତ ଜଟିଳ ରହିଛି। ଏହାର ସମାଧାନ ପାଇଁ ସମୟ ଲାଗିବ। ତେବେ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ ସହ ଆଲୋଚନା କରିବାକୁ ଚାଇନା ପ୍ରସ୍ତୁତ ବୋଲି ଏହାର ବହିର୍ବ୍ୟାପାର ମୁଖପାତ୍ର ମାଓ ନିଙ୍ଗ୍ ସୋମବାର କହିଛନ୍ତି। ଗତ ୨୬ ତାରିଖରେ ଚାଇନାର କିଙ୍ଗଦାଓରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ତାଙ୍କ ଚାଇନା ପ୍ରତିପକ୍ଷ ଡୋଙ୍ଗ୍ ଜୁନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏହି ଅବସରରେ ରାଜନାଥ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଉତ୍ତେଜନା ହ୍ରାସ କରିବା ପାଇଁ ଏକ ସଂରଚିତ ରୋଡ୍‌ମ୍ୟାପ୍‌ର ପ୍ରସ୍ତାବ ଦେଇଥିଲେ। ଏହାର କିଛିଦିନ ପରେ ଭାରତ ସହ ସୀମା ପୁନଃ ନିର୍ଦ୍ଧାରଣ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

# ବଙ୍କର-ବଷ୍ଟର ମିଶାଇଲ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ,୩୦।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟିକୁ ଧ୍ୱଂସ କରିବା ଲାଗି ଆମେରିକା ଗତ ୨୨ ତାରିଖରେ ଜିବିୟୁ-୫୭/ଏ ବଙ୍କର-ବଷ୍ଟରକୁ ନିୟୋଜିତ କରିଥିଲା। ଏହି ଅତ୍ୟାଧୁନିକ ସାମର୍ଥ୍ୟ ହାସଲ କରିବା ଲାଗି ଭାରତ ଜୋର୍‌ଦାର ଉଦ୍ୟମ ଚଳାଇଛି। ନୂଆ ତଥା ଶକ୍ତିଶାଳୀ ମିଶାଇଲ୍ ସିଷ୍ଟମ୍ ନିର୍ମାଣ ସହ ଭାରତ ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ମିଶାଇଲ୍ ସିଷ୍ଟମ୍ ଭୂଗର୍ଭରେ ଥିବା ଶକ୍ତିଶାଳୀ ଢାଞ୍ଚାକୁ ଭେଦ କରିପାରିବ। ପ୍ରତିରକ୍ଷା ଗବେଷଣା ଓ




ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଅଗ୍ନି-୫ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍‌ର ଉନ୍ନତ ଭର୍ସନ୍‌ର ବିକାଶ କରାଯାଉଛି। ଅଗ୍ନି-୫ ଆଣବିକ ଅସ୍ତ୍ର ସହ ୫,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରଖିଥିବାବେଳେ ନୂଆ ଭାରିଆଣ୍ଟରେ ପାରମ୍ପରିକ ଅସ୍ତ୍ର ସାମର୍ଥ୍ୟ ରହିବ, ଯାହା ୭,୫୦୦ କିଲୋଗ୍ରାମ ବଙ୍କର-ବଷ୍ଟର ଯୁଦ୍ଧାସ୍ତ୍ର ବହନ କରିପାରିବ। ମାଟିତଳେ ୫୦ରୁ ୧୦୦ ମିଟର ଗଭୀରରେ ଥିବା ବହୁସ୍ତରୀୟ ଶକ୍ତିଶାଳୀ କଂକ୍ରିଟ୍ ଢାଞ୍ଚାକୁ ଏହା ଧ୍ୱଂସ କରିପାରିବ। ଆମେରିକା ନକଟରେ ୧୪ଟି ଜିବିୟୁ-୫୭ ବ୍ୟବହାର କରିଥିଲା, ଯାହାକି ବିଶ୍ୱର ସବୁଠୁ ଶକ୍ତିଶାଳୀ ବଙ୍କର-ବଷ୍ଟର ବୋମା। ଭାରତ ଅନୁରୂପ ସାମର୍ଥ୍ୟ ହାସଲ କରିବାକୁ ଚାହୁଁଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ହେରାପଞ୍ଚମୀ ନୀତି

ପୁରୀ,୩୦।୬
(ଅଜିତ୍ କୁମାର ମହାନ୍ତି)

ଚତୁର୍ଦ୍ଧାବିଗ୍ରହ ନବଦିନାତ୍ମକ ଯାତ୍ରାରେ ଆସି ଏବେ ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି। ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ମଙ୍ଗଳବାର ରାତିରେ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ସମ୍ପନ୍ନ ହେବ। ହେରାପଞ୍ଚମୀ ନୀତି ପାଇଁ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବ। ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମହାଲକ୍ଷ୍ମୀ ବା ଶ୍ରୀଦେବୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟି ନ ଥିବାବେଳେ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନକରି ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଘରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ରଥଯାତ୍ରାରେ ଜନ୍ମବେଦିକୁ ଆସିଛନ୍ତି। ଫଳରେ ନବବିବାହିତା ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହି ନ ପାରି ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ଦର୍ଶନ ଦେବେ, କିନ୍ତୁ ଶ୍ରୀମନ୍ଦିରକୁ ଫେରିବେ ନାହିଁ। ଅଭିମାନିନୀ ମା' ମହାଲକ୍ଷ୍ମୀ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀମନ୍ଦିରରେ ମା'ଙ୍କ ବିଶେଷ ନୀତି ଅନୁଷ୍ଠିତ ହେବ। ପରେ ମହାଲକ୍ଷ୍ମୀ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବିଜେ କରିବେ। ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବା ପୂର୍ବରୁ ନନ୍ଦିଘୋଷ ରଥ ନିକଟରେ ବନ୍ଦାପନା ନୀତି ଅନୁଷ୍ଠିତ ହେବ ଓ ପରେ ଭିତରକୁ ବିଜେ କରିବେ। ସେଠାରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଦ୍ୱାର ବନ୍ଦ କରାଯିବ। ମହାଲକ୍ଷ୍ମୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ସମୟରେ ନାକଚଣା ଦୁଆର ପାଖରେ ଭିତରଚ୍ଛ ସେବକ ମହାଲକ୍ଷ୍ମୀଙ୍କୁ ବନ୍ଦାପନା କରିବା ସହ ଦହିପଟି ମଣୋହି କରିବେ। ପରେ ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗି ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଦ ଇଂ ଭୀମ ଚରଣ ସାମଲ

ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୧୪।୦୮।୧୯୩୯
ତିରୋଧାନ: ୧୨।୦୭।୨୦୨୪

ତୁମେ ଆମକୁ ଛାଡ଼ି ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଓ ମାର୍ଗଦର୍ଶନ ଗୁଡ଼ିକ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୧୧୭


# ଆରମ୍ଭ ହେଲା ଆଡ଼ପ ଦର୍ଶନ



ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପମଣ୍ଡପରେ ସୋମବାର ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ଫେରିଛନ୍ତି।

## ଶ୍ରଦ୍ଧାଳୁଙ୍କୁ ମିଳିଲା ଆଡ଼ପ ଅବଢ଼ା

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଏବେ ଜନ୍ମବେଦି ଆଡ଼ପମଣ୍ଡପରେ ବିଜେ କରିଛନ୍ତି। ରବିବାର ଆଡ଼ପ ପହଣ୍ଡି ପରେ ସୋମବାର ଅନ୍ୟାନ୍ୟ ନୀତି ହେବା ସହ ସାହାଣମେଲା ଦର୍ଶନ ଆରମ୍ଭ ହୋଇଛି। ବର୍ଷକ ପରେ ପୁଣି ଜନ୍ମବେଦିରେ ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ବେଶ୍ ଆନନ୍ଦିତ ଥିବା କହିବା ସହ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ପଟେ ଭକ୍ତଙ୍କ ଦର୍ଶନ ପାଇଁ ବାରିକେଡ୍ ବ୍ୟବସ୍ଥା ହୋଇଛି। ଭକ୍ତମାନେ ବାରିକେଡ୍‌ରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରି ନାକଚଣା ଦ୍ୱାର ପଟେ ପ୍ରସ୍ଥାନ କରୁଛନ୍ତି।

ଅପରପକ୍ଷରେ ଶ୍ରୀମନ୍ଦିରରେ ଏବେ କୋଳାହଳ ଦେଖିବାକୁ ମିଳୁନି। କେବଳ ପାର୍ଶ୍ୱଦେବଦେବୀଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଏଥିସହ ଦକ୍ଷିଣୀ ଘରେ ଥିବା ଠାକୁରଙ୍କୁ ପୂଜା କରାଯାଉଛି। ମହାପ୍ରସାଦ ହୋଇ ନ ଥାଏ, କେବଳ ଶୀତଳ ଭୋଗ ଲାଗି କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରଭୁ ନ ଥିବାବେଳେ ମହାପ୍ରସାଦ ଏବେ ଗୁଣ୍ଡିଚା ମନ୍ଦିରରେ ଭକ୍ତ ପ୍ରାପ୍ତ ହେଉଛନ୍ତି। ଭକ୍ତଙ୍କ ଭିଡ଼ ଓ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶୃଙ୍ଖଳିତ ଦର୍ଶନ ପାଇଁ ସଶସ୍ତ୍ର ବନ୍ଧୁକଧାରୀ ମୁତୟନ କରାଯାଇଥିବା ବେଳେ ଗୁଣ୍ଡିଚା ମନ୍ଦିର ଚାରିପଟେ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ସୋମବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦଇତାପତି ସେବାୟତମାନେ ସିଂହାସନ ଉପରେ ଚଢ଼ି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ସାଧାରଣ ଦର୍ଶନ ବନ୍ଦ ରହିଥିଲା।

ସେହିପରି ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ଭକ୍ତମାନଙ୍କୁ ଆଡ଼ପ ଅବଢ଼ା ମିଳିଛି। ଶ୍ରୀବିଗ୍ରହମାନେ ରଥ ଉପରେ ଥିବାବେଳେ ଶୁଖିଲା ମହାପ୍ରସାଦ ଭୋଗ ଖାଉଥିଲେ। ୪ ଦିନ ପରେ ମହାପ୍ରଭୁଙ୍କ ପାଖରେ ଅନ୍ନପ୍ରସାଦ ଭୋଗ ଲାଗି ହୋଇଛି। ସକାଳ ଧୂପରେ ମହାପ୍ରଭୁଙ୍କୁ ଅବଢ଼ା, ଘିଅ ଅନ୍ନ, କାନିକା, ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲମା, ବେସର, ମହୁର, ଶାଗ, ପିଠା, ଖଟା ଆଦି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଲାଗି ହୋଇଥିଲା। ପରେ ଭକ୍ତମାନେ ଆନନ୍ଦବଜାରରେ ପାଇଛନ୍ତି ଆଡ଼ପ ଅବଢ଼ା। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡ଼ପ ଅବଢ଼ା ଖାଇଲେ ୧୦୦ ଜନ୍ମର ପାପ କ୍ଷୟ ହୁଏ ବୋଲି ପୌରାଣିକ ଆଖ୍ୟା ରହିଛି।


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁଡୁ



@ ରାକେଶ



@ ପ୍ରମୋଦ



@ ଦେବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଜୈବିକ ଚାଉଳରେ ପ୍ରସ୍ତୁତ ହେଲା କୋଠଭୋଗ

## ଆଡ଼ପ ମଣ୍ଡପର ପ୍ରଥମ ଦିନରେ ୫୦ ହଜାର ଭକ୍ତ ପାଇଲେ ମହାପ୍ରସାଦ

ପୁରୀ,୩୦।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ପରମ୍ପରା ଅନୁଯାୟୀ ସୋମବାର ମହାପ୍ରଭୁଙ୍କ ନିକଟରେ ଅନ୍ନ ମହାପ୍ରସାଦ ଲାଗି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଆଡ଼ପ ମଣ୍ଡପ କୋଠଭୋଗରେ ମହାପ୍ରଭୁଙ୍କୁ ଜୈବିକ ଚାଉଳରେ ପ୍ରସ୍ତୁତ ଅବଢ଼ା ଭୋଗ ଲାଗିଛି। ସୁଆର ମହାସୁଆର ସେବାୟତଙ୍କ ପକ୍ଷରୁ ଜୈବିକ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ ଓ ପିଠା କୋଠଭୋଗରେ ଲାଗି କରାଯାଇଛି। କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଉକ୍ତ ଜୈବିକ ଚାଉଳ ଯୋଗାଇ ଦିଆଯାଇଛି।

ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଆଡପମଣ୍ଡପରେ ମହାପ୍ରଭୁଙ୍କ ନିକଟରେ ପ୍ରଥମ ଭୋଗ ଲାଗି କରାଯାଇଛି। କୋଠ ଭୋଗରେ ଜୈବିକ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ ମହାପ୍ରଭୁଙ୍କ ନିକଟରେ ଲାଗି କରାଯାଇଛି। କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ମହାପ୍ରସାଦ ପ୍ରସ୍ତୁତ ଓ ଭକ୍ତଙ୍କ ନିମନ୍ତେ ୨୧ କୁଇଣ୍ଟାଲ ଚାଉଳ ଅଣାଯାଉଛି। କିନ୍ତୁ ଏହି ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ଦର ଅଧିକ ରହିବ ନାହିଁ। ଭକ୍ତଙ୍କୁ ସୁହାଇଲା ଭଳି ଦର ରହିବ। ସ୍ୱତନ୍ତ୍ର କାଉଣ୍ଟର କରାଯିବ, ଯେଉଁମାନେ ଚାହିଁବେ ସେମାନେ ମହାପ୍ରସାଦ ନେଇପାରିବେ। ସେହିପରି ଆଡ଼ପ ମଣ୍ଡପର ପ୍ରଥମ ଦିନରେ ବରାଦି ଭୋଗ ୨୦ ହଜାର ଲୋକଙ୍କ ପାଇଁ କରାଯାଇଥିବା ବେଳେ ୫୦ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ କରାଯାଇଥିଲା। ଆବଶ୍ୟକ ହେଲେ ସନ୍ଧ୍ୟାଧୂପରେ ଲୋକଙ୍କୁ ଦେଖି ପୁଣି ପ୍ରସ୍ତୁତ କରାଯିବ। ଯଦି ମହାପ୍ରସାଦ ନେଇ କୌଣସି ଭକ୍ତ ସମସ୍ୟାର ସମ୍ମୁଖୀନ ହେବେ ତେବେ ଭକ୍ତମାନେ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ କହିଛନ୍ତି।


## ୫ମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀଅଂଶ ନାୟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଇ, ବାବା, ମାମା, ଅପା, ଦାଦା, ଖୁଡ଼ୀ, ମାମୁ, ମାଇଁ, ଶ୍ରୀହାନ, ସାନ୍‌ଭି ଓ ପରିବାରବର୍ଗ

ଧ-୭୬୦୬୬



# Classified Everyday

0674-2580101, 9692975378



REAL ESTATE

SALE

A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452. D-76469



Newly open spa positively health benefits (Expert therapist). Contact: 7749034655 D-76922

Positively health benifits SPA expert female therapist homely atmosphere. Contact- 9114559860. D-1112

## LOST

I, Sri Priyabrata Sahu, S/o- Brundaban Sahu of Village- Singuri, P.O.- Kadopada, P.S.- Barkote, Dist.- Deogarh, Odisha-768110 state that I have passed B.Tech. Engineering Mechanical Branch from GIET (Gandhi Institute of Excellent Technocrats) Gangapatna, Bhubaneswar in the year 2015. The original B.Tech. pass Certificate issued by the concerned authority has been lost near Baramunda Market, Bhubaneswar on dtd. 29.06.2025 at about 6.00 P.M. and inspite of thorough search the same could not be traced out. D-1114

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Khordha, No.- 289, Dated- 04.02.2025, I Shradhanjali Mohanty, W/o-AnilKumarMohanty, At- Mukundaprasad, P.O.- P.N. College, P.S.- Khordha, Dist.- Khordha, PIN- 752057 declare that I have changed my name from Shradhanjali Mohapatra to Shradhanjali Mohanty. Henceforth, I shall be known as Shradhanjali Mohanty for all purposes.
Shradhanjali Mohanty D-1109

By virtue of an affidavit sworn before Executive Magistrate, Jagatsinghpur, dated- 12.06.25, I SAYADA RAZIA PARVEEN, Address: Village- Patana, P.O.- Mohiuddinpur, P.S./ Dist.- Jagatsinghpur, PIN- 754294 declare that I have changed my name from RAZIA PARWIN to SAYADA RAZIA PARVEEN. Henceforth, I shall be known as SAYADA RAZIA PARVEEN for all purpose.
SAYADA RAZIA PARVEEN D-73590

By virtue of an affidavit sworn before Executive Magistrate, Bhubaneswar, dated-23.06.2025, I Pinky Jena, W/o- Balaram Jena, resident of At- Baliapata Basti, GGP Colony, P.O.- Rasulgarh, P.S.- Manchesvar, Bhubaneswar, Dist.- Khurda, PIN- 751025, Odisha declare that I have changed my minor son's name from Lokanath Jena to Sri Lokanatha Jena. Henceforth, he shall be known as Sri Lokanatha Jena for all purposes.
Pinky Jena D-1108

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I Ratnakar Murmu, permanent resident of At- Durdura, P.O.- Kasipal, Dist.- Mayurbhanj, PIN- 757034 declare that I have changed my name from Ratan Kumar Murmu to Ratnakar Murmu. Henceforth, I shall be known as Ratnakar Murmu for all purposes.
Ratnakar Murmu D-1111

I, Gajendra Kumar Andaja, S/o- Krushna Chandra Andaja of Sakhipara, Dhanupali, Sambalpur declare that my daughter's actual & correct name is Sneha Priyadarsini Andaja according to Aadhaar Card & my wife's correct name is Rashmi Andaja as per Aadhaar. In my daughter's Birth Certificate my name is wrongly mentioned as Gajendra Kumar Andaya instead of Gajendra Kumar Andaja. Now onwards my wife known as Rashmi Andaja & daughter as Sneha Priyadarsini Andaja for all purposes. D-1118

I, Jyosna Nag, D/o- Ukulu Nag, R/o. Village/P.O.- Sibtala, P.S.- Deogaon, Dist.- Balangir, PIN- 767024 declare by this affidavit No.-2043, date 23.06.2025 that I have changed my name from Jyosna Nag to Jyotsna Nag. Henceforth, I shall be known as Jyotsna Nag for all purposes.
Jyotsna Nag D-1115

## LEGAL NOTICE

Letter No.- 1234, Dt. 25.06.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା

ଓ.ଏସ୍.ଏସ୍.କେସ୍ ନଂ.- ୧୨୪୧/୨୦୨୩

ସମ୍ବିତ ବେଦାନ୍ତ, ବୟସ ୪୦ ବର୍ଷ, ପିତା- ସଦାନନ୍ଦ ବେଦାନ୍ତ, ସା- କଲେଜ ରୋଡ୍, ସାଲେପୁର, ପୋ/ଥାନା- ସାଲେପୁର, ଜିଲ୍ଲା- କଟକ।
....ବାଦୀ

ବନାମ

ହରି ଭୁତିଆ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ହରି ଭୁତିଆ, ଧୋବେଇ ସାହୁ, ଶୋଭା ସାହୁ, ପି- ଲକ୍ଷ୍ମଣ ସାହୁ, ଆରତ ସାହୁ, ଭରତ ସାହୁ, ପି- ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି- କୁଳମଣି ସାହୁ, କୁମ ସାହୁ, ସ୍ୱା- କୁଳମଣି ସାହୁ, ଧୁଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି- ଯୋଗୀ ସାହୁ, ତଇ ସାହୁ, ସ୍ୱା- ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ଅରକ୍ଷିତ ସାହୁ, ପି- ହାଡୁ ସାହୁ, ସମସ୍ତଙ୍କ ବାସସ୍ଥାନ: ସା- ଗାଡ଼କଣ, ପୋ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଜି- ଖୋର୍ଦ୍ଧା, ନୟନା ସାହୁ, ସ୍ୱା- ମହେଶ୍ୱର ସାହୁ, MIG-II-55/4, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଭରତ ସାହୁ, ପି- ମାଧବ ସାହୁ, ରବି ସାହୁ, ପି- ଦିଜବର ସାହୁ, ଲକ୍ଷ୍ମୀଧର ସାହୁ, ପି- ଅର୍ଜୁନ ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା- ଗାଡ଼କଣ, ହାଲ୍ ଖାତା- ୪୬୧୬, ହାଲ୍ ପ୍ଲଟ୍- ୩୦୮୧, ରକବା- ଏ୦.୦୪୦ ଡିସିମିଲ ଯାହାର ସାବକ ଖାତା- ୪୯୮, ସାବକ ପ୍ଲଟ୍- ୧୦୧, ରକବା- ଏ୦.୩୭୦ ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍.କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ଘ୧୧.୩୦ମି ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା: ୨୪।୦୬।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୪୭

# ଆଖୁଛେଦାରୁ ନିର୍ମିତ ପ୍ରଥମ ସ୍କୁଲ



ନଏଡା

ଉତ୍ତରପ୍ରଦେଶର ନଏଡାରେ ଆଖୁଛେଦାରୁ ପ୍ରସ୍ତୁତ ଏକ କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ସୁଗାରକ୍ରିଟ୍ ଦ୍ୱାରା ଏକ ନୂତନ ସ୍କୁଲ୍ ବିଲ୍ଡିଂକୁ ନିର୍ମାଣ କରାଯାଇଛି। ପୂର୍ବ ଲଣ୍ଡନ ବିଶ୍ୱବିଦ୍ୟାଳୟ (ୟୁଇଏଲ୍), ଇଣ୍ଡିଆନ୍ ମାନୁଫାକ୍ଚରର କେମିକାଲ୍ ସିଷ୍ଟମ୍ ଟେକ୍ନୋଲୋଜି (ସିଏସ୍‌ଟି) ଏବଂ ପଞ୍ଚଶୀଲ ବାଲାକ୍ ଇଣ୍ଟର୍ କଲେଜ (ପିବିଆଇସି)ର ମିଳିତ ସହଯୋଗରେ ଏହି ପ୍ରକଳ୍ପକୁ ଅନ୍ତିମ ରୂପ ଦିଆଯାଇଛି। ୦୨୩ରେ ୟୁଇଏଲ୍ ଗବେଷକ ଆଲାନ୍ ଚାଣ୍ଡଲର ଏବଂ ଆର୍ମର ଗୁଟିରେଜ୍ ରିଭାସ୍‌ଙ୍କ ଦ୍ୱାରା ସୁଗାରକ୍ରିଟ୍‌କୁ ବିକଶିତ କରାଯାଇଥିଲା। ଆଖୁରୁ ରସ ବାହାର କରିବା ପରେ ବଳକା ଆଖୁଛେଦାରେ ମିନେରାଲ ବାଇଣ୍ଡର୍ସ ମିଳାଇ ଏକ ଇକୋ-ଫ୍ରେଣ୍ଡଲି କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ପ୍ରସ୍ତୁତ କରି ଗବେଷକମାନେ ଏହାର ନାମ ସୁଗାରକ୍ରିଟ୍ ରଖିଛନ୍ତି। ନିର୍ମାଣ ସମୟରେ ପାରମ୍ପରିକ ଇଟା ତୁଳନାରେ ସୁଗାରକ୍ରିଟ୍‌ର ବ୍ୟବହାର ଦ୍ୱାରା ୬ ଗୁଣ କମ୍ କାର୍ବନ ନିର୍ଗତ ହୋଇଥାଏ।

# କଲୋନେଲ୍ ଭୂମିକାରେ ଅନୁପମ୍

## 'ତନ୍‌ଭି ଦି ଗ୍ରେଟ୍' ଟ୍ରେଲର ଆଉଟ୍



ମୁମ୍ବାଇ

ଅଭିନେତା ଅନୁପମ ଖେର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏହି ଫିଲ୍ମ ସହ ଅନୁପମ ୨୩ ବର୍ଷ ପରେ ନିର୍ଦ୍ଦେଶନାକୁ ଫେରିଛନ୍ତି। ପୂର୍ବରୁ ଏହି ଫିଲ୍ମ କାନ୍ସ ସମେତ ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇସାରିଛି। ୩ ମିନିଟ୍ ୪ ସେକେଣ୍ଡର ଏହି ଟ୍ରେଲରରେ ଜଣେ ଅଟିଷ୍ଟିକ ଯୁବତୀ ତନ୍‌ଭିଙ୍କର କାହାଣୀ ଦେଖିବାକୁ ମିଳିଛି। ତନ୍‌ଭିଙ୍କ ଚରିତ୍ରରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତ ନଜରକୁ ଆସିଛନ୍ତି। ଏହି ଫିଲ୍ମ ସହ ବଲିଉଡ୍‌ରେ ସେ ଡେବ୍ୟୁ କରିଛନ୍ତି। ଫିଲ୍ମର କାହାଣୀ ଅନୁଯାୟୀ, ତନ୍‌ଭି ତାଙ୍କ ସ୍ୱର୍ଗତ ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସେନାରେ ଯୋଗଦେବାକୁ ସ୍ୱପ୍ନ ଦେଖନ୍ତି। ତେବେ ଅଟିଷ୍ଟିକ୍ ହୋଇଥିବାରୁ ଏହା ତାଙ୍କ ପକ୍ଷେ ସହଜ ହୋଇ ନ ଥାଏ। ତେବେ ତନ୍‌ଭି ସମସ୍ତ ପ୍ରତିବନ୍ଧକକୁ ଦୂର କରି କିପରି ସେନାରେ ଯୋଗଦେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ଏହି ଟ୍ରେଲରରେ ଅନୁପମଙ୍କୁ ଜଣେ କଲୋନେଲ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିଛି। ସେ ତନ୍‌ଭିଙ୍କ ଜେଜେ ହୋଇଥିବାବେଳେ ବାପାଙ୍କ ମୃତ୍ୟୁ ପରେ ସେ ତନ୍‌ଭିଙ୍କୁ ସମ୍ଭାଳୁଛନ୍ତି। ଆସନ୍ତା ଜୁଲାଇ ୧୮ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ଅନୁପମ ଏବଂ ଶୁଭାଙ୍ଗୀଙ୍କ ବ୍ୟତୀତ ଅଭିନେତା ବୋମନ୍ ଇରାନୀ, ଜ୍ୟାକି ଶ୍ରଫ୍, ଅଭିନେତ୍ରୀ ପଲ୍ଲବୀ ଯୋଶୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ୩ ଦିନରେ 'ମା'ର ୨୫ କୋଟି ବ୍ୟବସାୟ




ନୂଆଦିଲ୍ଲୀ

କାଜୋଲଙ୍କ ଅଭିନୀତ ମାଇଥୋଲୋଜିକାଲ ହରର୍ ଫିଲ୍ମ 'ମା' ଗତ ୨୭ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ପ୍ରଥମ ୩ ଦିନରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ବକ୍ସ ଅଫିସରୁ ୨୫.୪୧ କୋଟି ଟଙ୍କା ସଂଗ୍ରହ କରିଛି। ଏନେଇ ଫିଲ୍ମର ନିର୍ମାତାଙ୍କ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। କେବଳ ଭାରତୀୟ ଫିଲ୍ମ ହଲ୍ ଗୁଡ଼ିକରୁ ଏହି ଫିଲ୍ମ ୩ ଦିନ ମଧ୍ୟରେ ୧୮.୪୩ କୋଟି ଟଙ୍କା ସଂଗ୍ରହ କରିଛି। ବିଶାଲ ଫୁରିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜିଓ ଷ୍ଟୁଡିଓଜ୍ ଏବଂ ଦେବଗନ୍ ଫିଲ୍ମସ୍‌ର ବ୍ୟାନରରେ ନିର୍ମିତ ହୋଇଛି। ଫିଲ୍ମରେ କାଜୋଲ ଜଣେ ମା'ଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ସେ ନିଜ ସନ୍ତାନକୁ କିଭଳି ବିଭିନ୍ନ ବିପଦରୁ ମୁକ୍ତ କରୁଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। 'ମା'ରେ କାଜୋଲଙ୍କ ବ୍ୟତିତ ଅଭିନେତା ଇନ୍ଦ୍ରନେଲି ସେନ୍‌ଗୁପ୍ତା, ରୋନିତ ରଏ ପ୍ରମୁଖ ରହିଛନ୍ତି।


## OFFICE OF THE NIMAPARA NOTIFIED AREA COUNCIL

At/PO/PS:- Nimapara, Dist:Puri, Odisha, Pin:752106
e-Mail: nimapadanac@gmail.com
Web:www.nimaparanac.in, Phone No.: (06758-454167)
No.2132/Date:26.06.2025

**e-Procurement Notice**

**No.C-600:** Bid documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Tender Reference No. : NP-NAC-01/2025-26
2. Tender I.D. No. : 2025_ORULB_114915_1 to 9
3. Name of the Work : Civil construction works as mentioned in website
4. No. of Work : 09 Nos.
5. Estimated Cost : Rs.5,05,680.00 to Rs.82,97,364.00
6. Period of Completion : 30 days to 120 days
7. Date & Time of Bidding : Dt.01.07.2025 to Dt.13.07.2025 upto 5.00 P.M.
8. Last date & time for receipt of bids in the Portal : Dt.13.07.2025 upto 05.00 P.M.
9. Bids received online shall be opened on Dt. : Dt.14.07.2025 at 11.00 A.M.
10. Name and address of the Officer Inviting Bid : Executive Officer, Nimapara N.A.C.

Further details can be seen from the procurement portal i.e. **www.tendersodisha.gov.in.**

Sd./- Executive Officer
Nimapara N.A.C.

OIPR-13112/11/0028/2526



No.CAD-915

OPHWC

## THE ODISHA STATE POLICE HOUSING AND WELFARE CORPORATION LTD.

(A Government of Odisha Undertaking)
JANAPATH, BHOI NAGAR, BHUBANESWAR-22, PH : 0674-2541545, 2542921
E-mail : ophwc.od@nic.in, Website : www.ophwc.com/www.ophwc.nic.in
e-procurement notice No. - 07/OPHWC/2025-26

**INVITATION FOR BIDS (IFB)**

The **Chief Engineer (OSPH&WC)**, Odisha, Bhubaneswar invites Percentage rate bid in Double Cover System in **ONLINE MODE** only, for the works as detailed below:

| | | |
|---|---|---|
| 1 | Nature of Work | Building works |
| 2 | No. of Works | 20 Nos. |
| 3 | Value of Tender | Rs.58.07 Lakh to Rs.1428.18 Lakh |
| 4 | Class of Contractor | 'B' Class to 'Spcl.' Class |
| 5 | Cost of Bid Document (To be paid online) | ₹ 11,800.00 |
| 6 | Availability of Bid Documents in the website | Dt.01/07/2025 to Dt.16/07/2025 up to 5.00 P.M. |
| 7 | Last date/time of Receipt of Bids in the Portal | Dt.16/07/2025 up to 5.00 P.M. |
| 8 | Date of Opening Bid | Dt.17/07/2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid |
| 10 | *The Bidders have to participate in ONLINE bidding only. Further details can also be seen from the website : https://tendersodisha.gov.in. Any addendum/ corrigendum/cancellation of tender shall not be published in Newspaper and can only be seen in the said website. *The Authority reserves the right to reject any or all bids and terminate the tender process without assigning any reason thereof. | |

Sd./- Chief Engineer
(OSPH&WC)

N.B. - The quoted rate should be all inclusive but excluding G.S.T. as applicale under works contract

OIPR-12025/11/0038/2526



## ODISHA JOINT ENTRANCE EXAMINATION - 2025 (OJEE - 2025)

### PUBLIC NOTICE REGARDING OJEE WEB COUNSELLING FOR 2025-26

No: OJEE /266 Date: 30.06.2025

**No.h-04** : This is for the information of all concerned that OJEE Web-Based Counselling Process for **Lateral Entry courses for B.Tech, Integrated MBA, MBA, MCA, M.Sc. Comp. Sc. M.Arch, M.Plan** and all **M.Tech Programmes** is going to start from **01st July, 2025**.

Interested candidates having valid OJEE 2025 Rank, Valid CAT/ MAT/ XAT/ ATMA/ NIMCET/ GATE Score/Rank as applicable are advised to visit OJEE websites (www.ojee.nic.in/ www.odishajee.com) and see the detail **Tentative Counselling Schedule** for all above mentioned Programmes/ courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process and eligibility criteria.

Sd./- Chairman, OJEE
ODISHA

OIPR-14020/11/0004/2526



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-364

E_Mail ID : serw_balasore@yahoo.in, Ph. No. - 06782/260318, Balia, Balasore

**"e"-Procurement Notice for Road Work**

Identification No. - Online Tender - Road N.C.B. No. 14 for 2025-26

Letter No. 2176 Date : 25.06.2025

1. Name of the work : **SDMF Road**. 2. Total No. of work : **06 Nos. of work**. 3. Estimated Cost : As per annexure. 4. Eligible Class of Contractor : As per annexure. 5. Period of Completion : As per Annexure. 6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. - 14 of 2025-26 | 03.07.2025 at 11.00 A.M. | 17.07.2025 up to 5.00 P.M. | 16.07.2025 up to 5.00 P.M. | 18.07.2025 at 11.00 A.M. | Will be intimated later |

• Further details can be seen from the website : www.tendersodisha.gov.in

Sd./- Chief Construction Engineer
R.W. Circle, Balasore

OIPR-25105/11/0060/2526



No.A-348:

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

'e' Procurement Notice No. ACECIC-04/2025-26

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhubaneswar | NGR-03/ 2025-26 | Improvement of Canal System of Dahuka Irrigation Project | 830.07 | 830100/- (Online) | 10000/- (Online) | "A" & "Special" Class | 03.07.2025 At 10.00 Hours | 17.07.2025 At 17.00 Hours | 18.07.2025 At 11.00 Hours | 18 (Eighteen) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.

OIPR-32160/11/0029/2526 Sd./- Additional Chief Engineer, Central Irrigation Circle



## ODISHA STAFF SELECTION COMMISSION

Unit-II, Ashok Nagar, Bhubaneswar-751001
Email - ossc.od@nic.in, Tel No. 0674-2392833

No. 3356/OSSC., Date : 30.06.2025

**Quotation Call Notice**

**No.T-** : Sealed quotations/tenders are invited from interested reputed Travel Agencies/Tour Operators/ Private individuals for providing One (1) No. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.

**i. Honda City: Maximum hiring charges Rs.36,000/- per month (Excluding GST) and having fuel efficiency of 12km/ltr.**

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Bhubaneswar Municipal Corporation.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of **Rs. 5000.00** shall be deposited by the intending bidders in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel.
8. **The Vehicle must achieve a fuel efficiency of 12 KM per litre**.
9. The details of the make and year of manufacture of the vehicle, registration No., mileage (12 KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure-III).
10. **The Quotation completed in all respect should reach the undersigned on or before 07.07.2025 by 02:00 P.M. and shall be opened on the same day at 04:00 P.M. in presence of the bidders or their authorized representatives.**
11. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available with the Commission's Website www.ossc.gov.in which can be downloaded for application.
12. Petrol vehicles are preferred as per Government instructions.

By Order of the Commission
Sd./- Secretary

OIPR-09005/11/0150/2526



## ZILLA SWASTHYA SAMITI, BARGARH

Dept. of Health & Family Welfare, Govt. of Odisha
District Head Quarter Hospital,Bargarh-768028
Phone/Fax:06646-231763

Advt.No.75/NHM, BARGARH/2025-26 Date:26.06.2025

**TENDER CALL NOTICE**

**No.E-199:**Sealed tenders are invited from registered agencies / dealers for supply of MCR Footwear. Details regarding eligibility criteria, terms & conditions and the formats for submission of tender (Technical & Price bid) are mentioned in the tender document which may be downloaded from the website: www.bargarh.odisha.gov.in. Interested agencies/ dealers has to submit their tenders in a sealed envelope super-scribing on the top of the sealed envelope as "Tender for supply of MCR Footwear". The tenders should reach to the office of the undersigned by Dt.11.07.2025 till 4 P.M. through Speed Post/ Regd. Post/ Courier only and will be opened on Dt.16.07.2025 at 10.30 A.M. The undersigned reserves the right to reject any or all the tenders without assigning any reason thereof. The authority is not responsible for any postal delay.

Sd./- Chief District Medical &
Public Health Officer, Bargarh

OIPR-10124/11/0014/2526



## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

Advt.No. 2496/NHM/2025-26 Dt:30.06.25

**EXPRESSION OF INTEREST FOR EMPANELMENT OF AGENCIES/ FIRMS/CLINICAL ESTABLISHMENTS FOR CONDUCTING X-RAYS OF VULNERABLE POPULATION UNDER INTENSIFIED TB ELIMINATION PROGRAMME**

**No.E-201:**Sealed proposals as per prescribed RFP document are invited from interested eligible bidders for **EXPRESSION OF INTEREST FOR EMPANELMENT OF AGENCIES/FIRMS/ CLINICAL ESTABLISHMENTS FOR CONDUCTING X-RAYS OF VULNERABLE POPULATION UNDER INTENSIFIED TB ELIMINATION PROGRAMME**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayrubhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o. CDM & PHO, Mayurbhanj, Proposal(s) complete in all respect should reach the undersigned on or before **04.00 PM of 14.07.2025** through Regd/ Speed Post & Courier and the same will be opened on **15.07.2025 at 11.30 AM** in the NHM Conference Hall, O/o. the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical &
Public Health Officer, Mayurbhanj

OIPR-10020/11/0040/2526



## Office of District Manager

Odisha State Civil Supplies Corporation Ltd.
Dhenkanal: District
Phone: 9438200039, District Website: www.dhenkanal.nic.in
dhe.districtmanager@gmail.com

Tender No.1288/Date:25.06.2025

**No.CAD-923:**The District Manager, Odisha State Civil Supplies Corporation Ltd., Dhenkanal District invites tender in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I Transport Contractor in Dhenkanal district** for Transporation of Wheat from FSD, FCI to RRCs for the biennial year 2025-27 |
| 2 | Availability of Bid document in the Portal | **From Dt.01.07.2025** |
| 3 | Last date/Time for receipt of bids in the portal | **Dt.15.07.2025 upto 5.00 P.M.** |
| 4 | Date/Time of Opening of Technical Bid | **Dt.16.07.2025 at 11.00 A.M.** |
| 5 | Name and address of the Office Inviting Tender | **District Manager, OSCSC Ltd., Dhenkanal, At- Mahisapat, Dhenkanal** |

Tender Documents & other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in alongwith district website. Amendments/Corrigendum/Cancellation/retenders etc. if any shall be published only in above websites.

Sd./- District Manager
OSCSC Limited, Dhenkanal

OIPR-07029/11/0002/2526



## ODISHA MINING CORPORATION LTD

(A Gold Category State PSU)
Registered Office: OMC House, Bhubaneswar-751001
CIN: U13100OR1956SGC000313

OMC | ODISHA NEW OPPORTUNITIES — Mining Happiness

**TENDER CUM AUCTION NOTICE NO.02/OMC/KIOM/CIVIL/2025-2026**

**No.CAD-931:Tender for the following work is invited offline through OMC website of Govt. of Odisha.**

| Sl. No. | Name of the Work | Reserve Price (Rs.) | Time period of the work (in month) | EMD (Rs.) | Cost of Bid document (Rs.) | Class of Contractor |
|---|---|---|---|---|---|---|
| 1 | Demolition, Removal and Safe Disposal of old dilapidated Civil Structures at DDM Office, Koira in the district of Sundargarh. | 3,44,630/- | 02 (Two) Months | 3,450/- | 2,000/- + 18% GST | D & C |

1. Available of Bid document in OMC website from dt. 30/06/2025 to 09/07/2025 up to 5.00 PM.
2. Last date of offline submission of tender is dt. 09/07/2025 up to 5.00 PM in the office of Sr. Manager (Civil), Koira.
3. Date of opening of Technical Bid is dt. 10.07.2025 at 11.00 AM.

All other details can be seen from Bid document available at OMC web site https://omcltd.in
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0215/2526 Sd./-Sr.Manager (Civil)



No.O-362

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, NABARANGPUR

e.mail - eerwngp@rediffmail.com

Letter No. : 3858 Date : 25.06.2025

**e-Procurement Notice**

Name of the work : Building Works, Total No. of works : 01 (One) No., Approx. Estimated Cost : Rs. 58.82 lakhs, Class of Contractor : "B" Class Contractor, Period of completion : 06 (Six) Calendar Months

| Procurement officer | Bid Identification No. | No. of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP - Online-02/2025-26 | 01 (One) No. | 04.07.2025 at 10.00 A.M. | 14.07.2025 up to 03.00 P.M. | 15.07.2025 at 11.00 A.M. | To be intimated separately |

For details can be seen from the Government website www.tendersorissa.gov.in.

Sd./- Superintending Engineer
Rural Works Division-I, Nabarangpur

OIPR-25092/11/0015/2526



## GOVERNMENT OF ODISHA O/o THE SUPERINTENDING ENGINEER, RURAL WORKS DIVISION-II, CUTTACK

No.O-332

Email ID - cuttackrw2nd@yahoo.co.in, Telephone / Fax No. (0671)-2445119

**e-procurement Notice for Building & Road Works**

**Bid Identification No. SECTC-II-04 of 2025-26 dt.23.06.2025**

1. Number of the work : **04 (Four) number of Buildings & 02 (Two) number of Roads for the year 2025-26**
2. Estimated Cost (Approx) : **Rs.58.27 lakh to Rs.99.91 lakh**
3. Period of completion : **9-11 (Nine-Eleven) calendar months**
4. Date & time of sale & receipt of bid document online : **From 07.07.2025 at 11:00 A.M. to 22.07.2025 at 5.00 P.M.**
5. Date & time of opening of Technical bid : **23.07.2025 at 11:30 A.M.**
6. Date & time of opening of Financial bid : To be intimated later on
7. Name and address of Inviting Officer : **Superintending Engineer, R.W. Division-II, Cuttack, Nayabazar, Cuttack-753004**

Further details can be seen from the State Govt. portal **https://tendersorissa.gov.in**

Sd./- Superintending Engineer
R.W. Division-II, Cuttack

OIPR-25095/11/0023/2526



## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.3060/Date.25.06.2025

No.O-345

**"e" Procurement Notice for Road Works**

| | | |
|---|---|---|
| 1. | Name of the Work | **Road Works under MMSY-TRIP & CMRL** |
| 2. | Total No. of works | **05 Nos. of Road works for the year 2023-24 & 2024-25** |
| 3. | Estimated Cost of the work | **Varies from Rs.392.35 lakh to Rs.2007.02 lakh** |
| 4. | Class of Contractor | |
| | a) Estimated cost more than Rs.1.00 Crore up to Rs.20.00 Crores | **A Class** (of Odisha PWD) or relevant class of other licensing authorities |
| | b) Estimated cost more than Rs.6.00 Crore up to Rs.50.00 Crores | **Special Class** (of Odisha PWD) or relevant class of other licensing authorities |
| | c) Estimated cost more than Rs.20.00 Crores | **Super Class** (of Odisha PWD) or relevant class of other licensing authorities |
| 5. | Period of completion | **As mentioned in Column-7 of Annexure** |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 03.07.2025 at 11.00 A.M. | 17.07.2025 up to 5.00 P.M. | 18.07.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0002/2526



OUR SIMILIPAL OUR PRIDE

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. 76 //, Dated. 25.06.2025

**02nd Corrigendum to Bid invited vide this Office Tender Call Notice No.1921, dtd.10.06.2025**

**No.MM-** : In pursuance to this Office Tender Call Notice No.1921, dtd.10.06.2025, only 02 bidders participated in the time line of opening of technical bid for supply and installation of Solar High Mast Light. Therefore, the above tender for supply and installation of Solar High Mast Light is hereby rescheduled as follows.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN | As per 02nd Corrigendum to TCN & DTCN |
|---|---|---|---|---|
| 3. | Date & time of availability of tender document | From 13.06.2025 (during office time) to 11.00 A.M. of 21.06.2025 | - | From 01.07.2025 (during office time) to 11.00 A.M. of 15.07.2025 |
| 4. | Receipt of bid documents | On or before 21.06.2025 by 12.00 | - | on or before 15.07.2025 by 12.00 |
| 5. | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards | Dt.15.07.2025 at 12.30 hours onwards |

Sd./- Deputy Director,
Similipal (North) WL Division, Jashipur

OIPR-08133/11/0018/2526

# କୋଟିପତି ଅଧିକାରୀଙ୍କ ୮୪ ଏକର ଜମି ଠାବ

## ଭୁବନେଶ୍ୱର, କଳାହାଣ୍ଡି, ନବରଙ୍ଗପୁରର ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

■ ନବରଙ୍ଗପୁରରେ ଦୁଇ ଫାର୍ମହାଉସ

■ ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା



ଦୟାନିଧି ବାଗ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)/ ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ ସୋମବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରର ୮ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଦୟାନିଧିଙ୍କ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ କୁପାଗାଁସ୍ଥିତ ଘର, ଧର୍ମଗଡ଼ ଥାନା ଅନ୍ତର୍ଗତ ବିକ୍ରମଗଡ଼ାସ୍ଥିତ ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୮ଟି ଟିମ୍‌ରେ ୧୦ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୧୦ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଦୟାନିଧିଙ୍କ ବହୁ ପ୍ଲଟ୍, ଫ୍ଲାଟ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଦୟାନିଧିଙ୍କ ମୋଟ ୮୪ ଏକର ଜମି ଠାବ ହୋଇଥିବା ବେଳେ ଭିଜିଲାନ୍ସ ଇତିହାସରେ ଏହା ସବୁଠୁ ଅଧିକ ବୋଲି ସୂଚନା ଦିଆଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଦୟାନିଧିଙ୍କ ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ(ନଂ.୧-ଡି), ନବରଙ୍ଗପୁର ଟାଉନସ୍ଥିତ ମାଝୀଗୁଡ଼ା ଛକ ନିକଟରେ ୩ହଜାର ବର୍ଗଫୁଟରେ ଏକ ନିର୍ମାଣାଧୀନ ଘର, ନବରଙ୍ଗପୁର ଟାଉନରେ ୧୪୦୦ ବର୍ଗଫୁଟରେ ୫ଟି ଦୋକାନ ଘର ବିଶିଷ୍ଟ ସପିଂ କମ୍ପ୍ଲେକ୍ସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ଗୋଟିଏ କୋଠା ଠାବ ହୋଇଛି। ସେହିପରି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲ ଅଧୀନ ବିଜରାଗୁଡ଼ାରେ ୪୦ ଏକର ପରିମିତ ଏକ ଫାର୍ମ ହାଉସ ହୋଇଛି। ଏଥିରେ ଫାର୍ମ ଉପକରଣ ଓ କୃଷି ସାମଗ୍ରୀ ସମେତ ୧କୋଟି ଟଙ୍କାର ନିବେଶ ହୋଇଛି। ସେହିପରି ନବରଙ୍ଗପୁର ତହସିଲ ଅଧୀନ ପଟାକୋଟ ଗ୍ରାମରେ ୬ ଏକର ଜମିରେ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଏଥିରେ ୪୬.୧୨ଲକ୍ଷ ଟଙ୍କାର ଟଙ୍କା ଖର୍ଚ୍ଚ କରାଯାଇଛି। ନବରଙ୍ଗପୁର ଜିଲାରେ ୨୭ ଏକର ଜମି ଓ ଭବାନୀପାଟଣା ଟାଉନରେ ୧୧ ଏକର ଜମି ଠାବ ହୋଇଛି। ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ କୋଠା, ଫ୍ଲାଟ ଓ ଫାର୍ମହାଉସ ଆଦିର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ଏଥିସହ ଦୟାନିଧିଙ୍କ ଘରୁ ୩୧୨ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ସେ ୫୮ ଲକ୍ଷ ୪୧ ହଜାର ୪୨୨ ଟଙ୍କାର ବ୍ୟାଙ୍କ ଜମା ରଖିଥିବା ଜଣାପଡ଼ିଛି। ଦୟାନିଧିଙ୍କ ଘରୁ ଗୋଟିଏ ବେନାମି ଚାରିଚକିଆ ଯାନ (ବ୍ରିଜା) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୯ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି।

### ୪ ଅଧିକାରୀଙ୍କ ଗିରଫ ପରେ ସ୍କାନରରେ ଥିଲେ ଦୟାନିଧି

**ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲା**

ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଦୟାନିଧି କାର୍ଯ୍ୟ କରୁଥିବା ପୂର୍ବ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗିରଫ ହେବାପରେ ଭିଜିଲାନ୍ସ ସ୍କାନରରେ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗତ ମେ' ୨୨ତାରିଖରେ ଭିଜିଲାନ୍ସ ଜାଲରେ ଫସିଥିଲେ। କୋରାପୁଟ ଭିଜିଲାନ୍ସ ଥାନାରେ ଏନେଇ ମାମଲା (ନଂ.୨୦/୨୦୨୫) ରୁଜୁ କରାଯାଇ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି) ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍‌ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ପୋଖରୀ ଖନନ ନାଁରେ ସରକାରୀ ପାଣ୍ଠି ଆତ୍ମସାତ ହୋଇଥିଲା। ମାମଲା ପରେ ଦୟାନିଧିଙ୍କ ବଦଳି ହୋଇଯାଇଥିଲା। ଟଙ୍କା ହଡ଼ପରେ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଦୟାନିଧିଙ୍କ ହାତ ଥିବା ସନ୍ଦେହ କରି ଭିଜିଲାନ୍ସ ତାଙ୍କୁ ସ୍କାନରରେ ରଖିଲା ବୋଲି ସୂଚନା ଦିଆଯାଇଛି।



ନବରଙ୍ଗପୁରରେ ୧୪୦୦ ବର୍ଗଫୁଟରେ ଥିବା ସପିଂ କମ୍ପ୍ଲେକ୍ସ

# ବଚସାରୁ ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି,୩୦।୬(ଅଶେଷ ନାଥ ମିଶ୍ର)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଭୀଷ୍ମଗିରି ଗ୍ରାମ ଉଷାକୋଠି ସାହିର ଜଣେ ଯୁବକଙ୍କୁ ସୋମବାର ହତ୍ୟା କରାଯାଇଛି। ସେ ହେଲେ ବି.ରାମଚନ୍ଦ୍ର ପାତ୍ର ଓରଫ ଗୁଲୁ (୪୦)। ଏହି ଘଟଣାରେ କେ. ସନ୍ତୋଷ ପାତ୍ର(୩୨)ଙ୍କୁ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ଫେରାର ହୋଇଯାଉଥିବା ବେଳେ ଧରି ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଜାଣିବା ପରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରି ଥାନାରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

ଖବରରୁ ପ୍ରକାଶ, ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିବା ରାମଚନ୍ଦ୍ର ମାସେ ହେଲା ଗାଁକୁ ଫେରିଥିଲେ। ଗତ ଶୁକ୍ରବାରଠାରୁ ରାମଚନ୍ଦ୍ର ଏବଂ ତାଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଘରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ଚାଲିଥିଲା। ଘରେ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ରାମଚନ୍ଦ୍ର ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ପୂଜା କାର୍ଯ୍ୟରେ ସାମିଲ ହେବାକୁ ନିମନ୍ତ୍ରଣ କରି ନ ଥିଲେ। ରବିବାର ସନ୍ଧ୍ୟାରେ ସନ୍ତୋଷ ଏନେଇ ରାମଚନ୍ଦ୍ରଙ୍କୁ ପଚାରିଥିଲେ। କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାରପିଟ୍ ଯାଏ କଥା ଯାଇଥିଲା। ପରେ ଉଭୟଙ୍କ ସମ୍ପର୍କୀୟ ଏବଂ ଜାତି କୁଳମୁଖିଆଙ୍କ ହସ୍ତକ୍ଷେପ ପରେ ଘଟଣାର ଆପୋସ ସମାଧାନ ହୋଇଥିଲା। ରାମଚନ୍ଦ୍ର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ଲାଇନ କଟିଯାଇଥିଲା। ଗରମ ଯୋଗୁ ସେ ବାହାରକୁ ଆସି ପିଣ୍ଡାରେ ଶୋଇଥିଲେ। ଭୋର ସମୟରେ ତାଙ୍କୁ ସନ୍ତୋଷ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ପରେ ସେ ଗାଁରୁ ଫେରାର ହୋଇଯାଇଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ରହ୍ମପୁରରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ ଆସି ସରଜମିନ ତଦନ୍ତ କରି ଫେରିଛନ୍ତି। ଏନେଇ ଏତଲା ହେବା ପରେ ନଂ. ୨୩୬/୨୫ରେ ପୋଲିସ ଏକ ମାମଲା ରୁଜୁ କରି ସନ୍ତୋଷଙ୍କ ୨ଜଣ ସମ୍ପର୍କୀୟଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରି ପରେ ଉଭୟଙ୍କୁ ଛାଡିଦେଇଛି। ତେବେ ସୂଚନା ପାଇ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ସନ୍ତୋଷଙ୍କୁ ଧରିଛି। ଅନ୍ୟପକ୍ଷରେ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ତଦନ୍ତ ବେଳେ ନିକଟସ୍ଥ ଡ୍ରେନରୁ ଜବତ କରିଛି।

# ତ୍ରିକୋଣୀୟ ପ୍ରେମରୁ ସାଙ୍ଗର ଜୀବନ ନେଲେ

**ଯୁବକଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ**

କଣ୍ଟାବାଞ୍ଜି, ୩୦।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର କୁଞ୍ଜ ମାଝି (୧୯)ଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। କୁଞ୍ଜଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ସୋମବାର ତାଙ୍କର ୨ସାଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେ ଦ୍ୱୟଙ୍କୁ ସ୍ଥାନୀୟ ଉପକାରାଗାରକୁ ପଠାଇଦିଆଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଡୁମେରଚୁଆଁ ଗ୍ରାମର ସତ୍ୟ ନାଗ (୨୦) ଓ ଶଙ୍କର ଖର୍ସେଲ (୧୮)। କଣ୍ଟାବାଞ୍ଜି ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ. ୨୩୧/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି ବୋଲି ସନ୍ଧ୍ୟାରେ ସ୍ଥାନୀୟ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଲୋକ କୁମାର ଜେନା କହିଛନ୍ତି।

ସେ ସୂଚନା ଦେଇ କହିଛନ୍ତି, ସତ୍ୟ, କୁଞ୍ଜ, ଶଙ୍କର ତିନି ଜଣ ସାଙ୍ଗ। ସତ୍ୟ ଗ୍ରାମର ଜଣେ ଯୁବତୀଙ୍କ ସହିତ ଗତ ଦୁଇ ବର୍ଷ ହେଲା ପ୍ରେମ ସମ୍ପର୍କ ରଖିଥିଲେ। କୁଞ୍ଜ ମଧ୍ୟ ସମ୍ପୃକ୍ତ ଯୁବତୀଙ୍କୁ ଭଲ ପାଉଥିଲେ। ଏହି ଘଟଣାରୁ କୁଞ୍ଜ ଓ ସତ୍ୟ ମଧ୍ୟରେ ବିବାଦ ହୋଇଥିଲା। ସତ୍ୟ ଯୋଜନା କରି କୁଞ୍ଜଙ୍କୁ ରାସ୍ତାରୁ ହଟାଇବାକୁ ଚେଷ୍ଟା କରିଥିଲେ। ସେ ଶଙ୍କର ସହାୟତା ନେଇଥିଲେ। ୨୦ ତାରିଖ ରାତିରେ କୁଞ୍ଜଙ୍କୁ ଫୋନ କରି ଏକ ଚାଷ କିଆରିକୁ ଡାକିଥିଲେ। କୁଞ୍ଜ ଚାଷ କିଆରିକୁ ଆସିବା କ୍ଷଣି ଏକ ଲୁହା ପାଇପ୍‌ରେ ସତ୍ୟ ଓ ଶଙ୍କର ମିଶି କୁଞ୍ଜ ମୁଣ୍ଡରେ ପିଟିବାରୁ ଘଟଣାସ୍ଥଳରେ ହିଁ କୁଞ୍ଜଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ଦୁଇ ଜଣ ଏକ ଅଖାରେ ଭର୍ତ୍ତିକରି ଡୁରେକେଲାରୋଡରେ ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇଥିଲେ। ଘଟଣା ଘଟିବାର ୯ଦିନ ପରେ ରବିବାର କୁଞ୍ଜଙ୍କ ମୃତଦେହ କୂଅରେ ଭାସୁଥିବା ଦେଖିବାକୁ ମିଳିଥିଲା।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ବାରିପଦା,୩୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ପାଣ୍ଡରା ଗ୍ରାମର କାହ୍ନୁ ସିଂ(୩୬)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ ୨୨ରେ କୌଣସି କାରଣକୁ ନେଇ କାହ୍ନୁ ସହିତ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାହ୍ନୁ ଏକ କାଠରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଅଞ୍ଜଳିଙ୍କ ଭାଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବାଂଲାଦେଶୀ ଦମ୍ପତି ଅଟକ

**ଭିଜା ଯାଞ୍ଚ ପରେ ଛାଡ଼ିଲା ପୋଲିସ**

ବାସୁଦେବପୁର,୩୦।୬(ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କଷିଆ ସାମୁଦ୍ରିକ ଥାନା ଅଧୀନ ବିନୋବାଭାବେନଗର ଗ୍ରାମକୁ ନିଜ ଭାଇଙ୍କ ଘରକୁ ଆସିଥିବା ଏକ ବାଂଲାଦେଶୀ ଦମ୍ପତି ସୋମବାର ହଟହଟା ହୋଇଛନ୍ତି। କଷିଆ ସାମୁଦ୍ରିକ ଥାନା ପୋଲିସ ସେମାନଙ୍କୁ ଅଟକ ରଖି ଭିଜା ଯାଞ୍ଚ କରିବା ପରେ ଛାଡ଼ିଛି। ଉକ୍ତ ଦମ୍ପତି ହେଉଛନ୍ତି ସୁପାଦ କୁମାର ବାଇ(୬୦) ଓ ତାଙ୍କ ସ୍ତ୍ରୀ ଛବିରାଣୀ ବାଇ(୪୭)। ସୂଚନା ଅନୁଯାୟୀ, ବାଂଲାଦେଶର ଖୋଲନା ଜିଲା ଶୁକବାରିଆ ଗାଁର ସୁପାଦ ହୃଦ୍‌ରୋଗ ଚିକିତ୍ସା ପାଇଁ ଭିଜା ନେଇ କୋଲକାତାକୁ ଆସିଥିଲେ। ତାଙ୍କୁ ସହାୟତା ପାଇଁ ଆଟେଣ୍ଡାଣ୍ଟ ଭିଜା କରି ତାଙ୍କ ସ୍ତ୍ରୀ ଛବିରାଣୀ ମଧ୍ୟ ତାଙ୍କ ସହ ଆସିଥିଲେ। ସୁପାଦଙ୍କର ଜଣେ ଭାଇ ଅରୁଣ କୁମାର ବାଇ ଦୀର୍ଘବର୍ଷ ଧରି ବିନୋବାଭାବେନଗରରେ ରହିଆସୁଛନ୍ତି। ସୁପାଦ ଓ ତାଙ୍କ ସ୍ତ୍ରୀ ରବିବାର ରାତିରେ ଅରୁଣଙ୍କ ଘରକୁ ଆସିଥିଲେ।

## Business

# ରେକର୍ଡ ସ୍ତରରେ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୩୦।୬ (ଅଭୟ ଦାଶ)



■ ୨୦୨୪-୨୫ ବର୍ଷରେ ୨୨.୮ ଲକ୍ଷ କୋଟି

■ ଜିଏସ୍‌ଟିକୁ ୮ ବର୍ଷ ପୂର୍ତ୍ତି

ଦେଶର ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବା ଓ ଏକକ ଟିକସ ସଂଗ୍ରହ ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୭ ଜୁଲାଇରେ ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟିର ଅୟ ଆରମ୍ଭ କରିଥିଲେ। ଏହାରି ମଧ୍ୟରେ ଜିଏସଟି ଲାଗୁ ବା କାର୍ଯ୍ୟକାରୀକୁ ୨୦୨୫ ଜୁଲାଇ ପହିଲାରେ ଆଠ ବର୍ଷ ପୂରଣ ହେଉଛି। ବିଶେଷ କରି ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ୧ରେ ଜିଏସଟି ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହା ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏକକ, ସମନ୍ୱିତ ଏବଂ ସୁବ୍ୟବସ୍ଥିତ କରିଛି। ସେହିଭଳି ଏହା ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଖର୍ଚ୍ଚ ହ୍ରାସ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିକୁ ନୂତନ ଭାରତର ଏକ ଯୁଗାନ୍ତକାରୀ ଆଇନ ଭାବେ ଅଭିହିତ କରିଛନ୍ତି। ସେହିପରି ଗତ ୮ବର୍ଷ ମଧ୍ୟରେ ଜିଏସଟି ଅନେକ ଉପଲବ୍ଧି ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସକଳ ଜିଏସଟି ସଂଗ୍ରହ ରେକର୍ଡ ସହ ୨୨.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହା ପୂର୍ବ ବର୍ଷ ତୁଳନାରେ ୯.୪% ବୃଦ୍ଧି ପାଇଛି। ଏହି ବର୍ଷ ହାରାହାରି ମାସିକ ସଂଗ୍ରହ ୧.୮୪ ଲକ୍ଷ କୋଟି ଟଙ୍କା ରହିଥିଲା। ଏହି ବୃଦ୍ଧି ଟିକସ ଅନୁପାଳନରେ ସୁଧାର ଏବଂ ଅର୍ଥ ବ୍ୟବସ୍ଥାର ଆନୁଷ୍ଠାନିକ କାରଣ କରିଛି। ଅପରପକ୍ଷରେ ଜିଏସଟି ସଂଗ୍ରହ ମଧ୍ୟ ପ୍ରତ୍ୟେକ ବର୍ଷ ବଢ଼ିବାରେ ଲାଗିଛି। ୨୦୨୦-୨୧ରେ ୧୧.୩୭ ଲକ୍ଷ କୋଟି ଟଙ୍କା, ଏହାର ପରବର୍ଷ ୧୮.୦୮ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୧୮.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୨୦.୧୮ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଏହା ଅନୁପାଳନ ଏବଂ ଆର୍ଥିକ କାର୍ଯ୍ୟ କଳାପରେ ସ୍ଥିର ଅଭିବୃଦ୍ଧିକୁ ଦର୍ଶାଉଛି। ସକ୍ରିୟ କରଦାତାଙ୍କ ସଂଖ୍ୟାରେ ମଧ ତୀବ୍ର ବୃଦ୍ଧି ଘଟିଛି। ୨୦୨୫ ଏପ୍ରିଲ ୩୦ ସୁଦ୍ଧା ୧.୫୧ କୋଟିରୁ ଅଧିକ ସକ୍ରିୟ ଜିଏସଟି ପଞ୍ଜୀକରଣ ରହିଛି।

ନିକଟରେ ଡେଲଏଟ ସଂସ୍ଥାର ଏକ ରିପୋର୍ଟରେ ଜିଏସଟି ବ୍ୟବସ୍ଥାକୁ ଉଚ୍ଚପ୍ରଶଂସା କରାଯାଇଛି। ସମୟୋଚିତ ସଂସ୍କାର, ଟିକସଦାତାଙ୍କର ମାର୍ଗଦର୍ଶନ, ଜିଏସଟି ପୋର୍ଟାଲର ସ୍ଥିର ବିକାଶ ପାଇଁ ଏହି ସଂସ୍ଥା ସରକାରଙ୍କୁ ଶ୍ରେୟ ଦେଇଛି। ଜିଏସଟି ଟିକସ ବ୍ୟବସ୍ଥାକୁ ଦୃଢ଼ କରିବା ସହିତ ବ୍ୟବସାୟିକ ସୁଗମତାରେ ସୁଧାର ଆଣିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ ସହିତ ଜିଏସଟି ପରିଷଦ ଜିଏସଟି ଟିକସ ଦର ନିର୍ଦ୍ଧାରଣ କରିଥାଏ। ବର୍ତ୍ତମାନ ଦେଶରେ ବିଭିନ୍ନ ସାମଗ୍ରୀ ଏବଂ ସେବା ପାଇଁ ୫, ୧୨, ୧୮ ଏବଂ ୨୮% ହାରରେ ଜିଏସଟି ଲାଗୁ ହେଉଛି।

ଜିଏସଟି ଦ୍ୱାରା ଏକ ରାଷ୍ଟ୍ର ଏକ ଟିକସ' ସଂକଳ୍ପ ସାକାର ହୋଇଛି, ବହିର୍ଶୁଳ୍କ, ସେବାଶୁଳ୍କ, ଭାଟ୍ ଏବଂ ଅନ୍ୟାନ୍ୟ ଜଟିଳ ଶୁଳ୍କ ପରିବର୍ତ୍ତେ ଗୋଟିଏ ଜିଏସଟି ଲାଗୁ ହେଉଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୫୨(୪୫୨.୪୪) ପଏଣ୍ଟ ହ୍ରାସ ଘଟି ୮୩,୬୦୬ (୮୩,୬୦୬.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୧୨୧ (୧୨୦.୭୫) ପଏଣ୍ଟ କମି ୨୫, ୫୧୭ (୨୫,୫୧୭.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା ଝାରସୁଗୁଡ଼ା ଜିଲାର ମୁଙ୍ଗପଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ ଆଞ୍ଚଳିକ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ କୋଲୟ ବିରୁଳି ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ବିଓଏମ ଆଞ୍ଚଳିକ ପ୍ରବନ୍ଧକ ରାଉଳ ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କର ଶାଖା ସମ୍ପ୍ରସାରଣ ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ନୂତନ ଶାଖାଟି ଝାରସୁଗୁଡା ଜିଲାର ଦ୍ୱିତୀୟ ଏବଂ ରାଜ୍ୟର ୫୯ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଓଏମ୍ ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି।

# ସିପେଟ୍‌ରେ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୩୦।୬

ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍) ପକ୍ଷରୁ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ନିକଟରେ କୋଲକାତା ସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଡ. ଏଚ.ଏଲ୍.ରାୟ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କେମିକାଲ୍ ଓ ପେଟ୍ରୋକେମିକାଲ୍ ଉଦ୍ୟୋଗର ସୁରକ୍ଷାକୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ସେଣ୍ଟ୍ରାଲ ପଲ୍ୟୁଶନ୍ କଣ୍ଟ୍ରୋଲ ବୋର୍ଡ, କୋଲକାତାର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳକାନ୍ତି ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସିପେଟ୍ ସିଏସଟିଏସ୍ ବାଲେଶ୍ୱରର ନିର୍ଦ୍ଦେଶକ କେ. କେ. ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ, ଇଣ୍ଡିଆନ୍ କେମିକାଲ କାଉନସିଲ, କୋଲକାତାର ଆଞ୍ଚଳିକ ଅଧ୍ୟକ୍ଷ, ଦେବର୍ଷି ଦତ୍ତଗୁପ୍ତା, ଏଚ୍‌ଏସ୍‌ଇର ଡେପୁଟି ଜେନେରାଲ ମ୍ୟାନେଜର, ମାର୍କେଟିଂ ଏଚ୍‌ଏସ୍‌ଇ ବିଭାଗ, ଏଚପିସିଏଲ ମୁମ୍ବାଇର ସୁରେଶ ବାବୁ ଭୁତଲାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଆଇଆଇସିଏଚ୍‌ଇ ଟ୍ରେନିଂ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅଭିଜିତ ଘୋଷ ଆଇଆଇସିଏଚ୍‌ଇ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଏସଟିଏସ୍, ବାଲେଶ୍ୱରର,ବୈଷୟିକ ଅଧିକାରୀ ପ୍ରବୀଣ ଦେଶମୁଖ, ପ୍ରଶାସନ ଅଧିକାରୀ ଉତ୍ତମ ବରୁଆ ଏବଂ ସହକାରୀ ବୈଷୟିକ ଅଧିକାରୀ ରାହୁଲ ଯାଦବ ଯୋଗଦେଇଥିଲେ। ଭାରତ ସରକାରଙ୍କ ବିକଶିତ ଭାରତ-୨୦୪୭ ଅଭିଯାନ ଅନ୍ତର୍ଗତ ୧୦୦ ଦିନିଆ କାର୍ଯ୍ୟ ଅଧୀନରେ କେମିକାଲ୍‌ସ ଓ ପେଟ୍ରୋକେମିକାଲ୍‌ସ ବିଭାଗ, କେମିକାଲ୍ ଓ ଫର୍ଟିଲାଇଜର୍ ମନ୍ତ୍ରଣାଳୟ ପକ୍ଷରୁ କେମିକାଲ୍‌ସ ଓ ପେଟ୍ରୋକେମିକାଲ୍‌ସ କ୍ଷେତ୍ରରେ ସୁରକ୍ଷା ମାନକ ସୁନିଶ୍ଚିତ କରିବା ଲାଗି ତାଲିମକୁ ପ୍ରାଥମିକତା ଦିଆଯାଇଛି।

# ଏଆଇଏସ୍‌ବିଓଏଫ୍‌ର ତ୍ରୈବାର୍ଷିକ ସାଧାରଣ ପରିଷଦ ବୈଠକ




ଭୁବନେଶ୍ୱର,୩୦।୬

ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ଫେଡେରେଶନ (ଏଆଇଏସ୍‌ବିଓଏଫ୍) ର ଏକ ୩ ଦିନିଆ ତଥା ୨୯ ତମ ତ୍ରୈବାର୍ଷିକ ସାଧାରଣ ପରିଷଦ ବୈଠକ ନିକଟରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଏଆଇଏସବିଓଏଫର ପ୍ରତିନିଧିମାନେ ଏକତ୍ରିତ ହୋଇ ଫେଡେରେଶନର ନୂତନ ନେତୃତ୍ୱ ଚୟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସର୍ବ ସମ୍ମତି କ୍ରମେ ଅରୁଣ କୁମାର ବିଶୋୟୀ ସଭାପତି ଏବଂ ରୂପମ ରାୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଏଆଇଏସବିଓଏଫର ଭୁବନେଶ୍ୱର ସର୍କଲରୁ ଅମିତାଭ ଦାସ ଏବଂ ଏସକେ ଇସ୍ମାଇଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। ଅମିତାଭ ଦାସଙ୍କୁ ଉପସଭାପତି ଏବଂ ଏସକେ ଇସ୍ମାଇଲଙ୍କୁ ପ୍ରଶାସନିକ ସଚିବ ଭାବେ ନିର୍ବାଚିତ କରାଯାଇଛି। ଅପରପକ୍ଷରେ ଏଆଇଏସ୍‌ବିଓଏଫ୍‌ର ନବ ନିର୍ବାଚିତ ନେତୃତ୍ୱମାନେ ଫେଡେରେଶନର ମୂଳ ମୂଲ୍ୟବୋଧକୁ ଅତୁଟ ରଖିବା ସହ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଫିସରମାନଙ୍କ ଅଧିକାର, ସମ୍ମାନ ଓ କଲ୍ୟାଣ ପାଇଁ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

# ୨ରେ ଅରୁନ୍ଧତୀ ଜୁଏଲର୍ସର ଜନ୍ମବାର୍ଷିକୀ

ଭୁବନେଶ୍ୱର,୩୦।୬

Arundhati JEWELLERS

ଅରୁନ୍ଧତୀ ଜୁଏଲର୍ସର ସର୍ବପ୍ରଥମ ତଥା ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକୀ ୨୦୨୫ ଜୁଲାଇ ୨ରେ ପାଳିତ ହେବାକୁ ଯାଉଛି। ଏପରିକି ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ପାଦ ବଲାଙ୍ଗୀରରୁ ହିଁ ଆରମ୍ଭ ହୋଇଥିଲା। ଅରୁନ୍ଧତୀ ବଲାଙ୍ଗୀର ସମେତ ଓଡ଼ିଶାବାସୀଙ୍କ ମନପସନ୍ଦର ଅଳଙ୍କାର ପ୍ରତିଷ୍ଠାନ ସାଙ୍ଗକୁ ସୁଲଭ ମୂଲ୍ୟରେ ଆବଶ୍ୟକ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏକ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଆସିଛି।

ସେହିଭଳି ୨୦୨୫ ଜୁଲାଇ ୨ରେ ହେବାକୁଥିବା ଏହି ମେଗା ସମାରୋହ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ଅରୁନ୍ଧତୀ ଜୁଏଲର୍ସର କର୍ମକର୍ତ୍ତା ବହୁ ଉତ୍ସାହିତ ଅଛନ୍ତି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତ ବଲାଙ୍ଗୀରବାସୀଙ୍କୁ ସାଦର ଆମନ୍ତ୍ରଣ କରିବା ସହ ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀ ପରିବାରକୁ ଅଶେଷ ସ୍ନେହ, ଶ୍ରଦ୍ଧା, ସମର୍ଥନ ଓ ଭଲପାଇବା ଦେଇଆସୁଥିବା ନିମନ୍ତେ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ବାର୍ଷିକ ଅଫର ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଗ୍ରାହକ ୨୦୨୫ ଜୁଲାଇ ୬ ପର୍ଯ୍ୟନ୍ତ ଅରୁନ୍ଧତୀ ଜୁଏଲର୍ସର ବଲାଙ୍ଗୀର ଶାଖାରେ ସୁନା ରୁପା ଗହଣାର ଗଢ଼ାମଜୁରି ଉପରେ ୫୦% ଏବଂ ହୀରାଗହଣାର ହୀରା ମୂଲ୍ୟ ଉପରେ ୨୫%ର ରିହାତି ରଖାଯାଇଛି। ଏହାସହ ଗ୍ରାହକ ପୁରୁଣା ଗହଣା ବଦଳ/ଏକ୍ସଚେଞ୍ଜ୍ ଉପରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

# ପାଦ ଦିଏ ବ୍ୟକ୍ତିତ୍ୱର ପରିଚୟ...

**ସାମୁଦ୍ରିକ ଶାସ୍ତ୍ର ଅନୁସାରେ, ପାଦର ଗଠନ ଦେଖି ମହିଳାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଜାଣି ହୋଇଥାଏ। ପାଦର ଗଠନରୁ କିପରି ମହିଳାଙ୍କ ସ୍ୱଭାବ ଚିହ୍ନଟ କରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**



❖କେତେଜଣ ମହିଳାଙ୍କ ପାଦରେ ଉପରକୁ ଶିରା ଦେଖାଯାଇ ନ ଥାଏ। ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ ଏଭଳି ସୁନ୍ଦର ପାଦ ଥିବା ମହିଳା ଖୁବ୍ ଲକ୍ଷ୍ମୀମନ୍ତ ହୋଇଥାନ୍ତି। ସେମାନେ ଯେଉଁ ପରିବାରରେ ରୁହନ୍ତି ସେଠାରେ ଧନ, ସମ୍ପତ୍ତି, ବୈଭବ, ସୁଖ, ଶାନ୍ତି ରହିଥାଏ। ସେହି ଘରେ ସବୁବେଳେ ଉନ୍ନତି ହୋଇଥାଏ ଏବଂ କେବେ ଅଭାବ ଦେଖା ଦେଇ ନ ଥାଏ।

❖ଯେଉଁ ମହିଳାଙ୍କ ପାଦର ମଝି ଆଙ୍ଗୁଠି ତୁଳନାରେ ଅନ୍ୟଗୁଡ଼ିକ କ୍ରମଶଃ ଛୋଟ(ବକ୍ରାକାର ବା ସର୍ପାକାର) ସେମାନେ ଜନ୍ମରୁ ଭାଗ୍ୟଶାଳୀ ହୋଇଥାନ୍ତି। ସେମାନେ ଜୀବନରେ ଖୁବ୍ ସଫଳତା ହାସଲ କରନ୍ତି। ସେମାନଙ୍କ ଉପରକୁ ଆସୁଥିବା ସବୁ ବାଧା ବିଘ୍ନ ଦୂରହୋଇଯାଏ ଏବଂ ସେମାନେ ସବୁବେଳେ ଖୁସିରେ ରୁହନ୍ତି।

❖ ଯେଉଁ ମହିଳାଙ୍କ ପାଦ ବହୁ ନରମ ଏବଂ ସାମାନ୍ୟ ଲାଲ ଦେଖାଯାଏ ସେମାନେ ବହୁତ ସୁଖୀ ହୋଇଥାନ୍ତି। ସେମାନଙ୍କ ଜୀବନରେ ଧନ ଏବଂ ଐଶ୍ୱର୍ଯ୍ୟ କମ୍ ହୋଇ ନ ଥାଏ।

❖ କେତେଜଣ ମହିଳାଙ୍କ ପାଦ ମୋଟା ଏବଂ ଭାରି ହୋଇଥାଏ। ସେମାନେ ସ୍ୱଭାବରେ ଧାର୍ମିକ ଏବଂ ଭାବୁକ ହୋଇଥାନ୍ତି। କିନ୍ତୁ ସେମାନେ କର୍ମଠ ହୋଇଥାନ୍ତି। ସେମାନେ ସର୍ବଦା ନିଜ କର୍ମ ଉପରେ ବିଶ୍ୱାସ ରଖିଥାନ୍ତି। ଦୟାଳୁ ଏବଂ ବିଶ୍ୱାସୀ ମଧ ହୋଇଥାନ୍ତି।

❖ଯେଉଁ ମହିଳାଙ୍କ ପାଦ ଆକାରରେ ଛୋଟ, କିନ୍ତୁ ଆଙ୍ଗୁଠିଗୁଡ଼ିକ ବ୍ୟବସ୍ଥିତ ହୋଇ ରହିଥାନ୍ତି, ସେମାନେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥାନ୍ତି। ସେମାନଙ୍କ ସୋସିଆଲ ଲାଇଫ୍ ମଜଭୁତ ହୋଇଥାଏ। ସେମାନଙ୍କ ବ୍ୟବହାର ଭଦ୍ର ହୋଇଥାଏ ଏମାନେ ସମାଜରେ ଏକ ପ୍ରଭାବଶୀଳୀ ଭୂମିକା ନିର୍ବାହ କରିବାର କ୍ଷମତା ରଖନ୍ତି।

❖ଯେଉଁମାନଙ୍କ ପାଦ ସରୁ, ବୁଢ଼ା ଆଙ୍ଗୁଠି ଲମ୍ବା ଏବଂ ଆଙ୍ଗୁଠିଗୁଡ଼ିକ ପରସ୍ପର ସହ ଜାକି ହୋଇ ରହିଥାନ୍ତି, ସେମାନେ ନିଜର ବ୍ୟକ୍ତିଗତ କଥାକୁ ସର୍ବଦା ଗୋପନୀୟ ରଖିବାକୁ ଚାହାନ୍ତି। ସେମାନଙ୍କ ମନ ବାରମ୍ବାର ପରିବର୍ତ୍ତନ ହୋଇଥାଏ।



❖ପାଦର ଦ୍ୱିତୀୟ ଆଙ୍ଗୁଠି ଅନ୍ୟ ଆଙ୍ଗୁଠିଠାରୁ ବଡ଼ ହୋଇଥିଲେ ସ୍ତ୍ରୀଲୋକମାନେ ସାଧାରଣତଃ ଉତ୍ସାହୀ ଏବଂ ପ୍ରେରଣାଦାୟକ ହୋଇଥାନ୍ତି। ଏମାନେ ବିଶେଷକରି ଅଭିନୟ କିମ୍ବା କ୍ରୀଡ଼ା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥାନ୍ତି।

# ପିଲା ସହ ୱାର୍କ ଫ୍ରମ୍ ହୋମ୍

**ଏପଟେ ଚାକିରି କରି ଆତ୍ମନିର୍ଭର ହେବାକୁ ଇଚ୍ଛା, ସେପଟେ ପିଲା ସାଙ୍ଗକୁ ଘରର ଦାୟିତ୍ୱ ଭିତରେ ପ୍ରତିଦିନ ବାହାରକୁ ଯିବା ଅସମ୍ଭବ। ହେଲେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ କରିବାର ସୁବିଧା ଅନେକ ମହିଳାଙ୍କୁ ନିଜ ସ୍ୱପ୍ନ ସାକାର କରିବାକୁ ଦେଇପାରୁଛି ସୁଯୋଗ। ତେବେ ଏମିତିରେ ଘରେ ଥାଇ ପିଲା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା ଏତେ ସହଜ ନୁହେଁ ଏଥିପାଇଁ ଦରକାର ଠିକ୍ ପ୍ଲାନିଂ...**



ପାଠ ପଢ଼ି ରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ। ହେଲେ କେବେ କେବେ ପରିସ୍ଥିତି ଏବଂ ପରିବେଶ ଅନେକଙ୍କୁ ଏଥିରୁ ବଞ୍ଚିତ କରିଥାଏ। ଉଦାହରଣ ସ୍ୱରୂପ ଅନେକ ମହିଳାଙ୍କୁ ନିଆଯାଇପାରେ, ଯେଉଁମାନଙ୍କୁ ସନ୍ତାନ ଜନ୍ମ ପରେ କର୍ମଜଞ୍ଜାଳ ସହ ପିଲାକୁ ଛାଡ଼ି ବାହାରକୁ ଯିବା ଅସମ୍ଭବ ହୋଇପଡୁଥିବାରୁ ଚାକିରି ଛାଡ଼ିବାକୁ ପଡ଼ିଥାଏ। ହେଲେ ଏବେ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ ବା ୱାର୍କ ଫ୍ରମ୍ ହୋମ୍‌ର ସୁବିଧା ଉପଲବ୍ଧ ଥିବାରୁ ଅନେକଙ୍କୁ ଘରେ ରହି ମଧ ଟଙ୍କା ରୋଜଗାର କରିବାର ଭରପୂର ସୁଯୋଗ ମିଳିପାରୁଛି। ତେବେ ସେମାନଙ୍କ ପାଇଁ ଘର ଓ ପିଲା ସହ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେଣୁ ଘରେ ଥାଇ ଅନ୍‌ଲାଇନ ଜବ୍ କରୁଥିଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କୁ ଘରେ ଅଫିସ କାମ କରିବା ସହଜ ହୋଇପାରିବ...

**ନିଅନ୍ତୁ ପରିବାର ସଦସ୍ୟଙ୍କ ସାହାଯ୍ୟ :** ପରିବାରରେ ପରସ୍ପରର ସାହାଯ୍ୟ ନେବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ହେବା ସହ ସମସ୍ତଙ୍କ ମଧରେ ସମ୍ପର୍କ ସୁଦୃଢ଼ ହୋଇଥାଏ। ତେଣୁ ମା' ହେବା ପରେ ଅନ୍‌ଲାଇନ ଜବ୍ କରୁଥିଲେ ଘରେ ଥିବା ଅନ୍ୟ ସଦସ୍ୟଙ୍କଠାରୁ ଅଫିସ କାମ ସମୟରେ ପିଲାଙ୍କୁ ରଖିବା ଲାଗି ସାହାଯ୍ୟ ନିଅନ୍ତୁ। ଯଦି ଶାଶୁ ଶ୍ୱଶୁର ରହୁଥାନ୍ତି ତେବେ ପିଲାଙ୍କୁ ଜେଜେମା' ଜେଜେବାପାଙ୍କ ପାଖେ ଛାଡ଼ନ୍ତୁ, ଏହାଦ୍ୱାରା ଉଭୟଙ୍କୁ ଖୁସି ମିଳିବା ସହ ଆପଣ କାମ ପାଇଁ ସମୟ ପାଇପାରିବେ।

**ସୁବିଧା ଅନୁଯାୟୀ ବାଛନ୍ତୁ ଶିଫ୍ଟ:** ବର୍ତ୍ତମାନ ପ୍ରତ୍ୟେକ ସଂସ୍ଥାରେ ଶିଫ୍ଟ ଡ୍ୟୁଟି ବ୍ୟବସ୍ଥା ରହିଛି। ତେଣୁ ଅନ୍‌ଲାଇନ ଜବ୍ କରୁଥିଲେ ନିଜ ସୁବିଧାକୁ ଆଖି ଆଗରେ ରଖି ଅର୍ଥାତ୍ ପିଲାର ଗାଧୁଆ, ଖାଇବା, ଶୋଇବା ଆଦି ସହ ଘରର ଅନ୍ୟାନ୍ୟ କାମକୁ ନଜରରେ ରଖି ୱାର୍କିଂ ଟାଇମ୍ ବାଛନ୍ତୁ। ମନେରଖନ୍ତୁ ପିଲାଙ୍କ ଶୋଇବା ସମୟ କାମ ପାଇଁ ସବୁଠୁ ଭଲ। ତେଣୁ ପିଲାର ପ୍ରତ୍ୟେକ କାର୍ଯ୍ୟ ବିଶେଷକରି ଖାଇବା ଏବଂ ଶୋଇବାର ଏକ ସିଷ୍ଟମେଟିକ୍ ଟାଇମ୍ ଟେବୁଲ





କରନ୍ତୁ, ଦେଖିବେ କାମ କରିବା ଅଧିକ ସହଜ ହୋଇଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘର କାମ ସହ ଅଫିସ୍ କାମ ଏକାଠି କରନ୍ତୁ ନାହିଁ ଅର୍ଥାତ୍ ରୋଷେଇ ବେଳେ କିଚେନ୍‌ରେ, ଖାଇବା ବେଳେ ଡାଇନିଂରେ ଏଣେ ତେଣେ ବୁଲି ବୁଲି କାମ ନ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରନ୍ତୁ। ଏପରି କଲେ କମ୍ ସମୟରେ ଅଧିକ କାମ କରିପାରିବେ।

**ପିଲାଙ୍କୁ ଧ୍ୟାନ ଦିଅନ୍ତୁ:** ସାଧାରଣତଃ ପ୍ରତ୍ୟେକ ପିଲା ମା' ସେମାନଙ୍କ ଆଡ଼କୁ ବିଶେଷ ଆଟେନ୍ସନ ଦିଅନ୍ତୁ ବୋଲି ଚାହାନ୍ତି। ତେଣୁ ମା'ଙ୍କ ଧ୍ୟାନ ଅନ୍ୟ କେଉଁଆଡ଼େ ଗଲେ ସେମାନଙ୍କୁ ବିରକ୍ତ ଲାଗିଥାଏ। ମାଆ ତାଙ୍କୁ ଛାଡ଼ି ଅଫିସ୍ କାମ କରୁଥିଲେ ସେମାନେ ବିଭିନ୍ନ ଉପାୟରେ ଡିଷ୍ଟର୍ବ କରିବା ଆରମ୍ଭ କରିଦିଅନ୍ତି। ଏମିତି ନ ହେବା ଲାଗି ମା'ଙ୍କୁ କାମ ଆରମ୍ଭ କରିବା ପୂର୍ବରୁ କିଛି ସମୟ ପିଲାଙ୍କ ସହ ଭଲ ଭାବେ ଖେଳିବା, ଗପିବା ଦରକାର। ଏପରି କରି ପିଲାଙ୍କ ଧ୍ୟାନ ଅନ୍ୟ ଆଡ଼େ ଆକର୍ଷିତ କରିପାରିବେ। ତା'ଛଡ଼ା କାମ ମଝିରେ ମଝିରେ ବି ଉଠି ଆସି ପିଲାଙ୍କ ସହ କଥା ହେଲେ ସେମାନେ ଆଦୌ ଡିଷ୍ଟର୍ବ କରିବେ ନାହିଁ ଏବଂ ଆପଣ କାମ ଶୀଘ୍ର ଶେଷ କରିପାରିବେ।

**ପାଖରେ ବସାନ୍ତୁ:** ଯେଉଁ ପରିବାରରେ କେବଳ ସ୍ୱାମୀସ୍ତ୍ରୀ ଏବଂ ପିଲା ରହୁଛନ୍ତି ଏବଂ ମାଆ ଅନ୍‌ଲାଇନ ଜବ୍ କରନ୍ତି ସେମାନଙ୍କୁ ପିଲାଙ୍କ ପ୍ରତି ଅଧିକ ଧ୍ୟାନର ଆବଶ୍ୟକତା ରହିଛି। କାରଣ ଅନେକ ମାଆ ଅଛନ୍ତି ଯେଉଁମାନେ କାମରେ ଅବହେଳା କିମ୍ବା ଡିଷ୍ଟର୍ବ ନ ହେବା ଲାଗି କାମ ସମୟରେ ପିଲାଙ୍କୁ ଅଲଗା ରୁମ୍‌ରେ ଛାଡ଼ି ଦିଅନ୍ତି। ହେଲେ ଏପରି କଲେ ପିଲା ଚିଡ଼ିଯିବା ସହ ବାରମ୍ବାର ଆସି ଡିଷ୍ଟର୍ବ କରିଥାନ୍ତି। ତେଣୁ ଏପରି ନ କରି ଅବା ପିଲା ଅନ୍ୟ ରୁମ୍‌କୁ ନ ଗଲେ ତାଙ୍କ ଉପରେ ରାଗିବା ଅବା ଗାଳି ଦେବା ପରିବର୍ତ୍ତେ ବୁଝାଇବା ଲାଗି କିଛି ସମୟ ପାଖରେ କାମ ଦେଖିବାକୁ ଦିଅନ୍ତୁ ଏବଂ ସ୍ନେହରେ ବୁଝାନ୍ତୁ ଦେଖିବେ ପିଲା ହଇରାଣ କରିବେ ନାହିଁ।

**ଏନ୍‌ଗେଜ୍ ରଖିବାକୁ ଚେଷ୍ଟା କରନ୍ତୁ:** ଅଧିକାଂଶ ମା'ଙ୍କୁ ପିଲାଙ୍କ ଉପସ୍ଥିତିରେ ଅଫିସ କାମ କରିବାରେ ଅସୁବିଧା ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି, ପିଲାମାନେ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଦେଖିଲେ ଆକର୍ଷିତ ହୋଇ ଚାଲିଆସନ୍ତି ଏବଂ ସେଥିରେ ଲାଗନ୍ତି। ତେଣୁ ନିଜେ ଅଫିସ କାମ କରିବା ବେଳେ ଡିଷ୍ଟର୍ବ ନ ହେବା ଲାଗି ପିଲାଙ୍କୁ ପିକ୍ଚର ବୁକ୍, ବିଲ୍ଡିଂ ବ୍ଲକ୍ସ କିମ୍ବା ସେମାନଙ୍କୁ ପସନ୍ଦର ଖେଳନା ଦିଅନ୍ତୁ। ସେମାନେ ଏଥିରେ ଏନ୍‌ଗେଜ୍ ରହିବା ଦ୍ୱାରା ଆପଣଙ୍କ କାମରୁ ସେମାନଙ୍କ ଧ୍ୟାନ ଦୂରେଇ ନିଜ ଖେଳ ଉପରେ ରହିବ। ଏହାଦ୍ୱାରା ଆପଣ ଯଥା ସମୟରେ କାମ ଶେଷ କରିପାରିବେ।

**ଆବଶ୍ୟକତା ପୂରଣ କରନ୍ତୁ:** ପିଲାଙ୍କର ଅନେକ ଆବଶ୍ୟକତା ରହିଥାଏ। ସେ କେବେ କିଛି ଖାଦ୍ୟ ତ ଆଉ କେବେ କିଛି ଖେଳନା ଡିମାଣ୍ଡ କରିଥାନ୍ତି। ମାଆମାନେ କେବେ କେବେ କାର୍ଯ୍ୟବ୍ୟସ୍ତତା ଭିତରେ ତାହା ଭୁଲିଯାଆନ୍ତି ଅବା କିଛି ସମୟ ପରେ କରିବା ଭାବି ଅବହେଳା କରିବସନ୍ତି। ଏପରି କରିବା ଦ୍ୱାରା ପିଲା ବିରକ୍ତ ହୋଇଯାଆନ୍ତି ଏବଂ ଅଫିସ କାମ ବେଳେ ବାରମ୍ବାର ଡିଷ୍ଟର୍ବ କରିଥାନ୍ତି। ତେଣୁ ପ୍ରଥମେ ପିଲାର ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରନ୍ତୁ, ଦେଖିବେ ପିଲାଙ୍କ ମନ ଖୁସି ରହିଲେ ସେ କାମ ବେଳେ ଜିଦ୍ କିମ୍ବା ଦୁଷ୍ଟାମି କରିବେ ନାହିଁ।





**ସୌନ୍ଦର୍ଯ୍ୟ**

# ବର୍ଷାରେ ଛାଡ଼ିବନି ମେକ୍‌ଅପ୍

**ବର୍ଷାଦିନ ଆସିଲେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯିବାକୁ ନେଇ ଅଧିକାଂଶ ଯୁବତୀ ହୁଅନ୍ତୁ ଅବା ମହିଳାଙ୍କର ଚିନ୍ତା ବଢ଼ିଯାଏ। ହେଲେ ଏ ଦିନେ କେଉଁଭଳି ମେକ୍‌ଅପ୍ ନେଲେ ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଏଦିନ ପାଇଁ ୱାଟରପ୍ରୁଫ୍, ସ୍ମଜ୍ ପ୍ରୁଫ୍ ଏବଂ ଲଙ୍ଗ୍ ଲାଷ୍ଟିଂ ମେକ୍‌ଅପ୍ ପ୍ରଡକ୍ଟ ବ୍ୟବହାର କରନ୍ତୁ। ଲାଇଟ୍‌ୱେଟ୍ ୱାଟର ବେସ୍‌ଡ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ। ସେହିପରି କ୍ରିମ୍ ଫାଉଣ୍ଡେଶନ ବଦଳରେ ଏଦିନେ ଜେଲ୍ ବେସ୍‌ଡ ୱାଟରପ୍ରୁଫ୍ ଫାଉଣ୍ଡେଶନ ବ୍ୟବହାର କରନ୍ତୁ। ଏହାକୁ ମୋଟା





ଲେୟାରରେ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।

➔ଆଇ ମେକ୍‌ଅପ୍ ବର୍ଷାପାଣି ସଂସ୍ପର୍ଶରେ ଆସି ବୋହିଗଲେ ମୁହଁ ଖରାପ ଲାଗିଥାଏ। ତେଣୁ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ ମୁହଁ ଆକର୍ଷଣୀୟ ଲାଗିଥାଏ।

➔ଏଦିନେ ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଲଙ୍ଗ୍ ଲାଷ୍ଟିଂ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାରକଲେ ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ ଶୀଘ୍ର ଧୋଇ ନ ଥାଏ।

➔ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇପାରିବେ।

**ଖାଦ୍ୟରୁଚି**

# ଏଗ୍‌ଲେସ୍ ବାନାନା କେକ୍

**ଆବଶ୍ୟକ ସାମଗ୍ରୀ:** ୪ଟି ପାଚିଲା କଦଳୀ, ମଇଦା ଦେଢ଼ କପ୍, ବେକିଂ ପାଉଡର ଏକ ଛୋଟ ଚାମଚ, ଅଧା ଛୋଟ ଚାମଚ ବେକିଂ ସୋଡ଼ା, ତେଲ ୧/୨ କପ୍, ଭ୍ୟାନିଲା ଏସେନ୍ସ ୧ ଚାମଚ, ଚିନି ୧/୨ କପ୍ , ଲୁଣ ସ୍ୱାଦାନୁସାରେ, କାଜୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କଦଳୀ ଚୋପା ଛଡ଼ାଇ ତାକୁ ଗ୍ରାଇଣ୍ଡ କରିଦଅନ୍ତୁ। ସେଥିରେ ଚିନି, ତେଲ, ୧ଚାମଚ ଭ୍ୟାନିଲା ଏସେନ୍ସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆଉ ଏକ ପାତ୍ରରେ ମଇଦା, ବେକିଂ ପାଉଡର, ବେକିଂ ସୋଡ଼ା, ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ପ୍ରସ୍ତୁତ ଥିବା କଦଳୀ ପେଷ୍ଟକୁ ଏଥିରେ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ କାଜୁ, ଆଲମଣ୍ଡ, ଚେରି ଆଦି ଛୋଟ ଛୋଟ କାଟି ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଦେଖନ୍ତୁ ଯେପରି କୌଣସି ଗୁଳା ନ ରହିଯାଏ। ଯଦି ବ୍ୟାଟର ଅଧିକ କାଠୁଆ ହୋଇଯାଏ ତେବେ ସେଥିରେ ଅଳ୍ପ ପାଣି କିମ୍ବା କ୍ଷୀର ମିଶାଇ ପାରିବେ। ଏବେ ଏକ କେକ୍ ଟିନ୍ ଭିତରେ ବଟର ଲଗାଇ ଗ୍ରିଜିଂ କରନ୍ତୁ। ସେଥିରେ ପ୍ରସ୍ତୁତ ହୋଇଥିବା ବ୍ୟାଟର ଢାଳି ଚାମଚ ସାହାଯ୍ୟରେ ସମାନକରି ଦିଅନ୍ତୁ। ଓଭନ୍‌କୁ ପ୍ରି ହିଟ୍ କରି ରଖନ୍ତୁ। ବର୍ତ୍ତମାନ ୩୫୦ଡିଗ୍ରୀରେ ଓଭନ୍‌କୁ ସେଟ୍‌କରି କେକ୍ ଟିନ୍ ରଖି ୪୫ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଟୁଥ୍‌ପିକ୍ ସାହାଯ୍ୟରେ ଚେକ୍ କରନ୍ତୁ ଯଦି ବ୍ୟାଟର ଆଦୌ ଲାଗୁ ନାହିଁ ତେବେ ଓଭନ୍ ବନ୍ଦ କରିଦିଅନ୍ତୁ, ନ ହେଲେ ଆଉ ୫-୧୦ ମିନିଟ୍ ସିଝିବାକୁ ଦିଅନ୍ତୁ। ଯଦି ଓଭନ୍ ନାହିଁ ତେବେ ପ୍ରେସର କୁକରରେ ମଧ ଏପରି କରିପାରିବେ। କେକ୍ ଭଲ ଭାବେ ସିଝିବା ପରେ ଏହାକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ ବାନାନା କେକ୍। ଏହାକୁ ସ୍ଲାଇସ୍‌କରି ନିଜେ ଖାଇବା ସହ ପିଲାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ଖାଇବାକୁ ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ Bhubaneswar, Tuesday, July 1/ 2025

# ଭାରତୀୟ ମହିଳା ହକି ଆଗରେ କଷ୍ଟସାଧ୍ୟ ପଥ

■ ପ୍ରୋ-ଲିଗ୍‌ରୁ ରେଲିଗେଟେଡ୍

■ ୨୦୨୫-୨୬ ନେସନ୍ସ କପ୍ ଖେଳିବ




**ଭୁବନେଶ୍ୱର, ୩୦।୬ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୨୦୨୪-୨୫ ସଂସ୍କରଣରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତି ଦୟନୀୟ ରହିଛି। ଭାରତ ଖେଳିଥିବା ୧୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍‌ଆଉଟ ପରାଜୟ, ୧୧ ପରାଜୟ ସହ ମୋଟ ୧୦ ପଏଣ୍ଟ ପାଇ ସିଜନ ଶେଷ କରିଛି। ଫଳରେ ଏଫ୍‌ଆଇଏଚ୍‌ର ଦ୍ୱିତୀୟ ଟିୟର ଟୁର୍ନାମେଣ୍ଟ ନେସନ୍ସ କପ୍‌କୁ ଭାରତ ରେଲିଗେଟେଡ ହୋଇଛି। ଚଳିତ ସିଜନରେ ଭାରତୀୟ ମହିଳା ଦଳ ୨୨ଟି ଗୋଲ ସ୍କୋର କରିଥିବାବେଳେ ୪୩ଟି ଗୋଲ ବରଣ କରିଥିଲେ। ଫଳରେ ଗୋଲ ବ୍ୟବଧାନ-୨୧ ରହିଥିଲା। ଅର୍ଥାତ୍ ଭାରତୀୟ ଦଳର ଗୋଲ ସ୍କୋରିଂ କ୍ଷମତା ଅତି ଦୁର୍ବଳ ରହିଥିବାବେଳେ ଅନ୍ୟ ସବୁ ବିଭାଗରେ ଫେଲ୍ ମାରିଥିବା ପରିଲକ୍ଷିତ ହୋଇଛି। ଏହି ସିଜନରେ ଭାରତ କେବଳ ଇଂଲଣ୍ଡ ଓ ଜର୍ମାନୀ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହୋଇଥିବାବେଳେ ନେଦରଲାଣ୍ଡ ବିପକ୍ଷରେ ଗୋଟିଏ ମ୍ୟାଚରେ ଶୁଟ୍‌ଆଉଟ ବିଜୟ ସ୍ୱାଦ ଚାଖିଥିଲା। ୨ଟି ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ଯୋଗୁ ଗୋଟିଏ ଲେଖାଏ ପଏଣ୍ଟ ପାଇଛି ଏବଂ ଅନ୍ୟ ୧୧ଟି ମ୍ୟାଚରେ ପରାଜିତ ହୋଇଛି। ଗତ ୨୮ ଓ ୨୯ ତାରିଖରେ ଚାଇନାଠାରୁ ଡବଲ ପରାଜୟ ଫଳରେ ଭାରତ ଆଗାମୀ ସିଜନ ପାଇଁ ପ୍ରୋ-ଲିଗ୍‌ରେ ରହିବା ସ୍ୱପ୍ନ ଶେଷ ହୋଇଛି। ସମସ୍ତ ଦଳ ୧୬ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ନେଦରଲାଣ୍ଡ ୪୨, ଆର୍ଜେଣ୍ଟିନା ୩୪, ବେଲଜିୟମ ୩୨, ଚାଇନା ୨୮, ଅଷ୍ଟ୍ରେଲିଆ ୨୦, ସ୍ପେନ୍ ୨୦, ଜର୍ମାନୀ ୧୬ ଓ ଇଂଲଣ୍ଡ ୧୪ ପଏଣ୍ଟ ପାଇ ଲିଗ୍ ଶେଷ କରିଛି। ୨୦୨୪-୨୫ ନେସନ୍ସ କପ୍‌ରେ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ସିଜନରେ ପ୍ରୋ-ଲିଗ୍ ଖେଳିବାକୁ ଯୋଗ୍ୟତା ପାଇଛି।

ପ୍ରକାଶ ଯୋଗ୍ୟ ଯେ, ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡର ମିଳିତ ଆନୁକୂଲ୍ୟରେ ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଚଳିତ ବର୍ଷ ସେପ୍ଟେମ୍ବରରେ ଏସିଆ କପ୍ ଚାଇନାର ହାଙ୍ଗଝୋରେ ଆୟୋଜିତ ହେବ। ଏସିଆ କପ୍ ଚାମ୍ପିୟନ ଦଳ ସିଧାସଳଖ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ଆଗରେ ପଥ ଅତ୍ୟନ୍ତ କଷ୍ଟସାଧ୍ୟ ରହିଛି। ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ପ୍ରାୟୋଜକ ରହିବ।

## ୨୦୨୪-୨୫ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ

**ଫେବୃୟାରୀ ୧୫:** ଇଂଲଣ୍ଡ ବିପକ୍ଷରେ ୩-୨ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୧୬:** ଇଂଲଣ୍ଡଠାରୁ ଶୁଟ୍‌ଆଉଟରେ ୧-୨ରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୮:** ସ୍ପେନ୍ ନିକଟରୁ ୩-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୯:** ସ୍ପେନ୍ ନିକଟରୁ ୦-୧ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୧:** ଜର୍ମାନୀ ନିକଟରୁ ୦-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୨:** ଜର୍ମାନୀ ବିପକ୍ଷରେ ୧-୦ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୨୪:** ନେଦରଲାଣ୍ଡଠାରୁ ୨-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୫:** ନେଦରଲାଣ୍ଡ ବିପକ୍ଷରେ ଶୁଟ୍‌ଆଉଟରେ ୨-୧ରେ ବିଜୟୀ, ଭୁବନେଶ୍ୱର
**ଜୁନ ୧୪:** ଅଷ୍ଟ୍ରେଲିଆ ନିକଟରୁ ୨-୩ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୫:** ଅଷ୍ଟ୍ରେଲିଆ ନିକଟରୁ ୧-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୭:** ଆର୍ଜେଣ୍ଟିନା ନିକଟରୁ ୧-୪ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୮:** ଆର୍ଜେଣ୍ଟିନା ନିକଟରୁ ଶୁଟ୍‌ଆଉଟରେ ୦-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୨୧:** ବେଲଜିୟମଠାରୁ ୧-୫ ଗୋଲରେ ପରାସ୍ତ, ଆଣ୍ଟ୍ୱେର୍ପ
**ଜୁନ ୨୨:** ବେଲଜିୟମଠାରୁ ୦-୨ ଗୋଲରେ ପରାସ୍ତ, ଆଣ୍ଟ୍ୱେର୍ପ
**ଜୁନ ୨୮:** ଚାଇନାଠାରୁ ୦-୩ ଗୋଲରେ ପରାସ୍ତ, ବର୍ଲିନ
**ଜୁନ ୨୯:** ଚାଇନାଠାରୁ ୨-୩ ଗୋଲରେ ପରାସ୍ତ, ବର୍ଲିନ
(ଭାରତ ଖେଳିଛି ମୋଟ ମ୍ୟାଚ: ୧୬, ବିଜୟ-୨, ଶୁଟ୍‌ଆଉଟ ବିଜୟ-୧, ଶୁଟ୍‌ଆଉଟ ପରାଜୟ-୨, ପରାଜୟ-୧୧, ଗୋଲ ସ୍କୋର-୨୨, ଗୋଲ ବରଣ-୪୩, ଗୋଲ ବ୍ୟବଧାନ:-୨୧, ପଏଣ୍ଟ-୧୦)।

## ଭାରତ ଥରେ ଖେଳିଥିଲା ନେସନ୍ସ କପ୍

ନେସନ୍ସ କପ୍ ହକି ହେଉଛି ପ୍ରୋ-ଲିଗ୍‌ର ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ। ଏଥିରେ ଯେଉଁ ଦଳ ଚାମ୍ପିୟନ ହେବ ସେ ପରବର୍ତ୍ତୀ ସିଜନ ପାଇଁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ୨୦୨୨ରେ ଅନୁଷ୍ଠିତ ସର୍ବପ୍ରଥମ ନେସନ୍ସ କପ୍‌ରେ ଖେଳି ଭାରତ ଚାମ୍ପିୟନ ହୋଇଥିଲା। ଫଳରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସ୍ପେନ୍, ଆୟର୍ଲାଣ୍ଡ, ଇଟାଲି, ଦକ୍ଷିଣ କୋରିଆ, ଜାପାନ, ଚିଲି ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏହି ପ୍ରତିଯୋଗିତାରେ ଭାରତ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା। ଫାଇନାଲରେ ସ୍ପେନ୍‌କୁ ୧-୦ ଗୋଲରେ ହରାଇ ପ୍ରୋ-ଲିଗ୍ ଯୋଗ୍ୟତା ପାଇଥିଲା। ୨୦୨୧-୨୨ ପ୍ରୋ ଲିଗ୍‌ରେ ଭାରତ ୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୨୩-୨୪ରେ ୮ମ ସ୍ଥାନ ଅଧିକାର କରିଥିଲା। ଏବେ ପୁଣି ଭାରତକୁ ୨୦୨୫-୨୬ ନେସନ୍ସ କପ୍ ଖେଳିବାକୁ ହେବ। ଫଳରେ ଏଫ୍‌ଆଇଏଚ୍ ବିଶ୍ୱକପ ଯୋଗ୍ୟତା ପାଇଁ ଦଳକୁ ବହୁ ପରିଶ୍ରମ କରିବାକୁ ପଡ଼ିବ।

## ପ୍ରଦର୍ଶନ ଆଶାନୁରୂପ ହେଲାନି: ଦିଲୀପ

''ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଗତ ସିଜନରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଯଦିଓ ଦଳ ମିଶ୍ରିତ ଫଳ ପାଇଥିଲା ତେବେ ବାହାର ପରିବେଶରେ ୟୁରୋପରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ମୁଖ୍ୟ କୋଚ୍‌ଭାବେ ହରେନ୍ଦ୍ର ସିଂ କିଛିମାସ ପୂର୍ବରୁ ଦାୟିତ୍ୱ ନେଇଛନ୍ତି। ସବୁ ବିଭାଗ ଉପରେ ଫୋକସ ରଖି ଦଳକୁ କାମ କରିବାକୁ ପଡ଼ିବ। ଆଶା କରୁଛି ପ୍ରଦର୍ଶନରେ ସୁଧାର ଆଣି ମହିଳା ଦଳ ପୁଣି ଅନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରିବ'' ବୋଲି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଆଗକୁ ଏସିଆନ ଗେମ୍ସ, ହକି ବିଶ୍ୱକପ ପ୍ରଭୃତି ଅନେକ ବଡ଼ ଟୁର୍ନାମେଣ୍ଟ ଅଛି। ତେଣୁ ଦଳ ନିଜର ତ୍ରୁଟିକୁ ସୁଧାରି ଖୁବ୍‌ଶୀଘ୍ର ସଫଳ ପ୍ରତ୍ୟାବର୍ତ୍ତନ କରିବା ନେଇ ମୋର ଆଶା ରହିଛି ବୋଲି ଦିଲୀପ କହିଛନ୍ତି।

**ବକ୍ସିଂ ଚୟନ ପ୍ରକ୍ରିୟାରେ ତ୍ରୁଟି**

## ପଦକ୍ଷେପ ପାଇଁ କ୍ରୀଡ଼ା ବିଭାଗକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୬ (ବିଜୟ ରଣା):** ଗ୍ରେଟର ନଏଡାସ୍ଥିତ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟ ପରିସରରେ ମାର୍ଚ୍ଚ ୨୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଚୟନପ୍ରକ୍ରିୟାରେ ତ୍ରୁଟି ରହିଥିଲା। ଫଳତଃ ଯୋଗ୍ୟତା ଥାଇ ମଧ୍ୟ ସେମାନେ ଇଭେଣ୍ଟରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିଲେ ବୋଲି ଦୁଇ ଯୁବ ମହିଳା ବକ୍ସର ଅଭିଯୋଗ କରିଛନ୍ତି। ସେମାନେ ନ୍ୟାୟ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଇତିମଧ୍ୟରେ ସେମାନଙ୍କ ଆବେଦନର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ରାଜ୍ୟ କ୍ରୀଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନର ଜଣେ କର୍ମକର୍ତ୍ତା ପ୍ରଶାସନିକ କ୍ଷମତାର ଅପବ୍ୟବହାର କରିବା ସହ ଚୟନ ପ୍ରକ୍ରିୟାରେ ପକ୍ଷପାତିତା ଅବଲମ୍ବନ କରିଥିବା ଏହି ଯୁବମହିଳା ବକ୍ସର ଦ୍ୱୟ ଅଭିଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ବ୍ରିଜ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଭୁବନେଶ୍ୱର, ୩୦।୬ (ତପନ ସ୍ୱାଇଁ):** ଓଡ଼ିଶା ବ୍ରିଜ୍ ଆସୋସିଏଶନ ଆନୁକୂଲ୍ୟରେ ଓଏସ୍‌ଆର୍‌ସି କ୍ଲବ୍‌ରେ ରାଜ୍ୟସ୍ତରୀୟ ବ୍ରିଜ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାର ଟିମ୍ ଇଭେଣ୍ଟରେ ପି.କେ.ମିଶ୍ର, ତାପସ ବିଶ୍ୱାଳ, ସୁଧୀର ତ୍ରିପାଠୀ,ଏମ୍.ଆର୍. ଦାଶ, ବି.ଏନ୍. ଦାଶ ଓ ଅଜ୍ଜୁବାବୁ ପ୍ରଥମ ସ୍ଥାନ ହାସଲ କରି ମହୀଶୂରରେ ହେବାକୁ ଥିବା ଜାତୀୟ ବ୍ରିଜ ଟୁର୍ନାମେଣ୍ଟରେ ରାଜ୍ୟ ତରଫରୁ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏସ.ଏନ୍. କର ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଭୀମସେନ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ଆୟୁଷ ଚାମ୍ପିୟନ, ତନ୍‌ଭୀ ରନରଅପ୍




ପୁରସ୍କାର ସହ ଆୟୁଷ ଶେଟ୍ଟି।

**ଲୋଣ୍ଡା, ୩୦।୬ (ପି.ଟି.)**

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ଶେଟ୍ଟି ତାଙ୍କ କ୍ୟାରିୟରରେ ପ୍ରଥମ ଥର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ କାନାଡାର ବ୍ରାଏନ୍ ୟାଙ୍ଗଙ୍କ ବିପକ୍ଷରେ ସେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ଏଥିସହ ସେ ସିଜନରେ ଭାରତ ପାଇଁ ପ୍ରଥମ ଟାଇଟଲ ଆଣିଦେଇଛନ୍ତି। ୨୦୨୩ ଜୁନିୟର ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ଏହି ୨୦ ବର୍ଷୀୟ ଖେଳାଳି ରବିବାର ତୃତୀୟ ସିଡ୍ ୟାଙ୍ଗଙ୍କୁ ୨୧-୧୮, ୨୧-୧୩ରେ ୪୭ ମିନିଟରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଜୋରଦାର ଥିଲା। ଏହା ପୂର୍ବରୁ ସେମିଫାଇନାଲରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଟପ୍ ସିଡ୍ ଚୋଉତିନ୍ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ୟାଙ୍ଗଙ୍କ ବିପକ୍ଷରେ ଶେଟ୍ଟିଙ୍କର ଏହା ତୃତୀୟ ବିଜୟ ଥିଲା। ଚଳିତବର୍ଷ ମାଲେସିଆ ଓ ତାଇପେ ଓପନରେ ସେ ଦୁଇଥର ଏହି ଖେଳାଳିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ

**ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ**

ମହିଳା ବିଭାଗରେ ୧୬ ବର୍ଷୀୟା ତନ୍‌ଭୀ ଶର୍ମା ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ୩ମ୍ୟାଚ ବିଶିଷ୍ଟ ଗେମ୍‌ରେ ହାରିଯାଇଥିଲେ। କ୍ୟାରିୟରର ପ୍ରଥମ ୱାର୍ଲ୍ଡ ଟୁର୍ ଫାଇନାଲ ଖେଳିଥିବା ତନ୍‌ଭୀ ଟୁର୍ନାମେଣ୍ଟର ସ୍ୱଳ୍ପ ବୟସ୍କା ଅଣସିଡ୍ ଖେଳାଳି ଥିଲେ। ସେ ତାଙ୍କ ମ୍ୟାଚ ୧୧-୨୧, ୨୧-୧୬, ୧୦-୨୧ରେ ପରାଜିତ ହୋଇଥିଲେ। ଏହି ମ୍ୟାଚ ୪୬ ମିନିଟ୍ ଧରି ଚାଲିଥିଲା।

## ଏନ୍‌ସି କ୍ଲାସିକରୁ ଓହରିଲେ କିଶୋର

**ବେଙ୍ଗାଲୁରୁ,୩୦।୬(ପି.ଟି.):** ଗୋଇଠି ଜନିତ ଇଞ୍ଜୁରୀରେ ସଂଘର୍ଷ କରୁଥିବା ଓଡ଼ିଶାର କିଶୋର ଜେନା ଶନିବାର ନୀରଜ ଚୋପ୍ରା କ୍ଲାସିକ ଇଣ୍ଟରନ୍ୟାସନାଲ ଜାଭେଲିନ ଥ୍ରୋ ଇଭେଣ୍ଟରୁ ଓହରି ଯାଇଛନ୍ତି। ତାଙ୍କ ବଦଳରେ ଯଶବୀର ସିଂ ଖେଳିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୋମବାର କୁହାଯାଇଛି। ଭାରତର ସର୍ବପ୍ରଥମ ଆନ୍ତର୍ଜାତୀୟ ଜାଭେଲିନ ପ୍ରତିଯୋଗିତା ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସମେତ ୫ ଭାରତୀୟ ଆଥଲେଟ୍‌ଙ୍କ ସହ ଆଣ୍ଡରସନ ପିଟର୍ସ (ଗ୍ରେନାଡା), ଥୋମାସ ରୋହଲର (ଜର୍ମାନୀ), ଜୁଲିଅସ ୟେଗୋ (କେନୟା), କର୍ଟିସ ଥମ୍ପସନ (ଆମେରିକା), ଲୁଇଜ ମୌରିସିଓ ଡା ସିଲଭା (ବ୍ରାଜିଲ), ମାର୍ଟିନ କୋନେନସି ଓ ରମେଶ ପଥିରାଗେ (ଶ୍ରୀଲଙ୍କା) ଭାଗ ନେବେ ବୋଲି ଆୟୋଜକମାନେ ସ୍ପଷ୍ଟ କରିଛନ୍ତି।

# ରାଉଣ୍ଡ-୨ରେ ଟିଆଫୋ, ମେଡଭେଡେଭ ଆଉଟ୍

**ୱିମ୍ବଲଡନ ଟେନିସ**

**ଲଣ୍ଡନ,୩୦।୬**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୧୨ତମ ସିଡ୍ ଫ୍ରାନ୍ସେସ ଟିଆଫୋ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ନବମ ସିଡ୍ ଡାନିଲ ମେଡଭେଡେଭ ଓ ଆଲେକ୍ସି ପପରିନ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ଷ୍ଟେଫାନସ ସିତସିପାସ ଇଞ୍ଜୁରୀ କାରଣରୁ ଓହରି ଯାଇଛନ୍ତି।



ଶଟ୍ ଖେଳିବା ଅବସରରେ ଫ୍ରାନ୍ସେସ ଟିଆଫୋ।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଟିଆଫୋ ୩-୦ ସେଟ୍‌ରେ ଏଲମର ମଲରଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୨୩ତମ ସିଡ୍ ଜିରି ଲେହେକା ୩-୧ ସେଟ୍‌ରେ ହ୍ୟୁଗୋ ଡେଲିଏନଙ୍କୁ, ମାଟିଆ ବେଲୁସି ୩-୧ ସେଟ୍‌ରେ ଓଲିଭର କ୍ରାଉଫର୍ଡଙ୍କୁ, କାମେରନ ନରି ୩-୧ ସେଟ୍‌ରେ ରବେର୍ଟୋ ବୌତିସ୍ତା ଆଗୁତଙ୍କୁ, ଜୋର୍ଡାନ ଥମସନ ୩-୨ ସେଟ୍‌ରେ ଭିଟ କୋପ୍ରିଭାଙ୍କୁ, ଆଡ୍ରିଆନ ମାନାରିନୋ ୩-୦ ସେଟ୍‌ରେ ଖ୍ରିଷ୍ଟଫର ଓ' କନେଲଙ୍କୁ, ଅଲିଭର ଟାର୍ଭେଟ ୩-୦ ସେଟ୍‌ରେ ଲିଏଣ୍ଡ୍ରୋ ରିଡିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମେଡଭେଡେଭ ୧-୩ ସେଟ୍‌ରେ ବେଞ୍ଜାମିନ ବୋଞ୍ଜି ଓ ୨୦ତମ ସିଡ୍ ପପିରିନ ୧-୩ ସେଟ୍‌ରେ ଆର୍ଥୁର ଫେରିଙ୍କଠାରୁ ପରାସ୍ତ ହୋଇଛନ୍ତି।

ଟିଆଫୋ ୬-୩, ୬-୪, ୬-୨ ମଲର
ଲେହେକା ୪-୬, ୬-୨, ୬-୨, ୭-୬ ଡେଲିଏନ
ବେଲୁସି ୬-୭, ୬-୩, ୬-୪, ୬-୪ କ୍ରାଉଫର୍ଡ
ନରି ୬-୩, ୩-୬, ୬-୪, ୭-୬ ବୌତିସ୍ତା
ଥମସନ ୩-୬, ୪-୬, ୬-୩, ୭-୬, ୬-୧ କୋପ୍ରିଭା
ମାନାରିନୋ ୬-୨, ୬-୪, ୬-୩ ଓ' କନେଲ
ବୋଞ୍ଜି ୭-୬, ୩-୬, ୭-୬, ୬-୨ ମେଡଭେଡେଭ
ଫେରି ୬-୪, ୬-୧, ୪-୬, ୬-୪ ପପିରିନ
ଟାର୍ଭେଟ ୬-୪, ୬-୪, ୬-୪ ଲିଏଣ୍ଡ୍ରୋ

## ଓହରିଲେ ଜାବେଉର

ଦୁଇ ଥରର ୱିମ୍ବଲଡନ ରନରଅପ୍ ଅନ୍ସ ଜାବେଉର ସୋମବାର ଇଞ୍ଜୁରୀ କାରଣରୁ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଟ୍ୟୁନିସିଆର ୩୦ ବର୍ଷୀୟା ଜାବେଉର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଭିକ୍ଟୋରିୟା ଟୋମୋଭାଙ୍କୁ ଭେଟିଥିଲେ। ମ୍ୟାଚ୍‌ରେ ସେ ୬-୭, ୦-୨ ସେଟ୍‌ରେ ପଛରେ ଥିବା ବେଳେ ସେ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ସେଟ୍‌ରେ ତାଙ୍କୁ କୋର୍ଟ ଉପରେ ଟ୍ରେନରଙ୍କ ସହାୟତା ନେବାକୁ ପଡ଼ିଥିଲା। ଏଥିଯୋଗୁ ସେ ସାଇଡ୍‌ଲାଇନ ସିଟ୍‌ରେ ବସି ଟାୱେଲରେ ମୁହଁ ଲୁଚାଇ କାନ୍ଦିଥିଲେ। ସେ ୨୦୨୨ ଫାଇନାଲରେ ଏଲିନା ରିବାକିନା ଓ ୨୦୨୩ ଫାଇନାଲରେ ମର୍କେଟା ଭଣ୍ଡ୍ରୋସୋଭାଙ୍କଠାରୁ ପରାଜିତ ହୋଇଥିଲେ।

# ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୩୦।୬ (ବିଜୟ ରଣା)**

ଚଳିତ ମାସ ୨୬ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୫୦ମିଟର ରେଞ୍ଜରେ ୨୬ ଓ ୨୭ ତାରିଖରେ ଏବଂ ୨୮ ଓ ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ୧୦ମିଟର ଶୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ .୨୨ ରାଇଫଲ, .୨୨ ପିସ୍ତଲ, .୩୨ ପିସ୍ତଲ ଏବଂ ୧୦ ମିଟର ଏୟାର ରାଇଫଲ ଓ ଏୟାର ପିସ୍ତଲରେ ପ୍ରତିଯୋଗିତା ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହଗରେ।

# ମହିଳା କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

**ନୂଆଦିଲ୍ଲୀ,୩୦।୬(ପି.ଟି.)**

ରୋହତକ୍‌ରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନ୍ୟାଶନାଲ ବକ୍ସିଂ ଏକାଡେମୀରେ କାର୍ଯ୍ୟରତ ଥିବା ଜଣେ ମହିଳା କୋଚ୍‌ଙ୍କ ବିରୋଧରେ ଜଣେ ନାବାଳିକା ବକ୍ସର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବକ୍ସରଙ୍କ ବାପା ମା' ମହିଳା କୋଚ୍‌ଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରାଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତଙ୍କ ନାମ ପ୍ରଘଟ କରାଯାଇ ନାହିଁ।

ଏ ଘଟଣା ସମ୍ପର୍କରେ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଓ ସାଇକୁ ଯୋଗାଯୋଗ କରିବାରୁ ଜଣାପଡ଼ିଥିଲା ଯେ, ୧୭ ବର୍ଷୀୟା ପୀଡ଼ିତାଙ୍କଠାରୁ ଚାପୁଡ଼ା ମାରିବା ଓ ଧମକାଇବା ଭଳି ଅଭିଯୋଗ ମିଳିଥିଲା। ହେଲେ ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଆନ୍ତଃ ତଦନ୍ତରେ କୋଚ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିଲା। ଏଣୁ ସେ ଏବେ ଜୁନିୟର ଓ ଯୁବ ବକ୍ସରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ବିଏଫ୍‌ଆଇର ତଦନ୍ତରେ ପୀଡ଼ିତା ବକ୍ସରଙ୍କ ବାପା ମା' ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି ଯେ, କୋଚ୍ ବଳପୂର୍ବକ ତାଙ୍କ ପୋଷାକ ଖୋଲିବାକୁ ଉଦ୍ୟମ କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲେ। କ୍ୟାରିୟର ନଷ୍ଟ କରିବାକୁ ଧମକ ଦେଇଥିଲେ ଏବଂ ଅନ୍ୟ ବକ୍ସରଙ୍କ ଆଗରେ ତାଙ୍କ ଚରିତ୍ର ଖରାପ ଥିବା କହିଥିଲେ। ଏଥିଯୋଗୁ କୋଚ୍‌ଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫ (ଜାଣିଶୁଣି ଆଘାତ ଦେବା), ୩୫୧ (୩) (ଆପରାଧିକ ଧମକ) ଓ ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ